

ଏକ ବିଂଶତିତମ ସ୍ୱାଧୀନତା ଉତ୍ସବ ଉପଲକ୍ଷେ ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଉଛନ୍ତି ।



# ଗୁରୁ ଦିବସ ଉପଲକ୍ଷେ

## ଉପମୁଖ୍ୟମନ୍ତ୍ରୀ

## ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କ

## ବାର୍ତ୍ତା

ଅଧିକରୁ ଅଧିକ ଜ୍ଞାନ ଆହରଣ ନିମନ୍ତେ ଆଗ୍ରହ ଆଦିମକାଳରୁ ମାନବ ମନର ଅନ୍ୟତମ ମୌଳିକ ପ୍ରବୃତ୍ତି-ରୂପେ ପରିଗଣିତ ହୋଇ ଆସିଅଛି । ବସ୍ତୁତଃ ଏହି ପ୍ରବୃତ୍ତି କେବଳ ଯେ କଳା, ବିଜ୍ଞାନ, ଧର୍ମ, ସାହିତ୍ୟ ଆଦି କ୍ଷେତ୍ରରେ ମାନବ ଜାତିର ସଫଳ ସୂଚକ ସମ୍ଭାବନାମୟ ଏକ ଅସୀମ ଦିଗନ୍ତ ଉଦ୍‌ଘାଟନ କରିଅଛି ତାହା ନୁହେଁ ; ବହୁ ଶତାବ୍ଦୀ ଧରି ମନୁଷ୍ୟର ଚରିତ୍ର , ବ୍ୟକ୍ତିତ୍ୱ ଏବଂ ସର୍ବୋପରି ସମାଜ ଓ ସଭ୍ୟତାର ବିକାଶ ନିମନ୍ତେ ମଧ୍ୟ ଏହା ମୂଳଦୁଆ ସ୍ୱରୂପ ରହି ଆସିଅଛି । କିନ୍ତୁ ତାହା ସତ୍ତ୍ୱେ , ଶିଶୁକୁ ଲାଳନ ପାଳନ କରି ମଣିଷ କରିବା ପାଇଁ ଯେପରି ଉପଯୁକ୍ତ ପରିଚର୍ଯ୍ୟା , ଯତ୍ନ ଓ ପରାମର୍ଶ ଆବଶ୍ୟକ ହୋଇଥାଏ, ସେହିପରି ଏହି ପ୍ରବୃତ୍ତିଟିର ଯଥୋଚିତ ବିକାଶ ନିମନ୍ତେ ମଧ୍ୟ ଅନୁରୂପ ପନ୍ଥା ଅବଲମ୍ବନ କରିବାକୁ ପଡ଼େ । ତାହାହେଲେ ଯୁକ୍ତି ସଙ୍ଗତ ଚିନ୍ତାଧାରା , ନିର୍ମଳ ବିଚାର ଓ ସୁପରିକଳ୍ପିତ କାର୍ଯ୍ୟକଳାପ ପାଇଁ ଏହି ପ୍ରବୃତ୍ତିଟି ଯଥେଷ୍ଟ ଶକ୍ତି ସଞ୍ଚୟ କରିପାରିବ । ଏହି ସବୁ ପ୍ରଚେଷ୍ଟା ମୂଳରେ ଯାହାଙ୍କର ନିରବଚ୍ଛିନ୍ନ ଉଦ୍ୟମ ନିହିତ ରହିଛି , ସେ ହେଉଛନ୍ତି ଆମର ଶିକ୍ଷକ ବା ଗୁରୁ । ନିଜର କର୍ତ୍ତବ୍ୟ ପ୍ରତି ତାଙ୍କର ପ୍ରଗାଢ଼ ନିସ୍ୱାର୍ଥ ନିଷ୍ଠା ତାଙ୍କୁ ଗୌରବର ଅଧିକାରୀ କରାଇଛି ସତ , କିନ୍ତୁ ଧନ ସମ୍ପଦ ଦେଇ ପାରିନାହିଁ ।

ଭାରତ ବର୍ଷରେ ବୈଦିକ ଯୁଗର ସମାଜ ବ୍ୟବସ୍ଥାରେ ଶିକ୍ଷକ ଦେଶବାସୀଙ୍କ ଅପରସୀମ ସମ୍ମାନର ପାତ୍ର ଥିଲେ ଏବଂ ଶିଷ୍ୟମାନେ ତାଙ୍କୁ ଏକ ଚଳନ୍ତି ଦେବତାରୂପେ ପୂଜା କରୁଥିଲେ । କାଳର ଆବର୍ତ୍ତନରେ ସେହି ବ୍ୟକ୍ତିତ୍ୱ କେତେକ ପରିମାଣରେ ପରିବର୍ତ୍ତିତ ହୋଇ ଯାଇ ଥାଇପାରେ ; କିନ୍ତୁ ଶିକ୍ଷକ ଶ୍ରେଣୀ ଏବେ ସୁଦ୍ଧା ଯେ ସମାଜର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ରହିଛନ୍ତି ଏବଂ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଶିକ୍ଷକମାନଙ୍କ ଅବଦାନ ଏବେ ସୁଦ୍ଧା ଯେ ଅମୂଲ୍ୟ ଓ ଅପରିହାର୍ଯ୍ୟ ବୋଲି ବିବେଚିତ ହେଉଛି , ଏଥିରେ ସନ୍ଦେହ ନାହିଁ । ତଥାପି ଶିକ୍ଷକଙ୍କ ଜୀବନ ତଥା ଜୀବନ ଯାପନର ଶୋଚନୀୟ ଅବସ୍ଥା ପ୍ରତି ଆମ ସମାଜର ବିଭିନ୍ନ ସ୍ତରର ଲୋକେ ଯେଉଁ ଭଳି ନିର୍ଲିପ୍ତ ମନୋଭାବ ପୋଷଣ କରନ୍ତି , ତାହା ବାସ୍ତବିକ ବେଦନାଦାୟକ । ଏଭଳି ମନୋଭାବ କେବଳ ଯେ ଏକ ଶିକ୍ଷିତ ଓ ସଭ୍ୟ ଜାତିରୂପେ ଆମର ଅସ୍ତିତ୍ୱ ପକ୍ଷରେ ବିଡ଼ମ୍ବନାର ତାହା ନୁହେଁ, ଆମର ନୈତିକ ଉନ୍ନତି ପକ୍ଷରେ ମଧ୍ୟ ଏହା କ୍ଷତି କାରକ ।

ଆମର ଦେଶରେ 'ଗୁରୁ ଦିବସ' ପାଳନ କରି ଶିକ୍ଷକମାନଙ୍କ କଲ୍ୟାଣ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ୧୯୬୨ ମସିହାରୁ ଦେଶବ୍ୟାପୀ ଯେଉଁ ଉଦ୍ୟମ ଆରମ୍ଭ କରାଯାଇଛି, ତାହା ବାସ୍ତବିକ ଆଶା ଓ ଆଶ୍ୱାସନାର ବିଷୟ। ଏହି ଦିବସର ଆଉ ଗୋଟିଏ ବୈଶିଷ୍ଟ୍ୟ ମଧ୍ୟ ରହିଛି। ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ, ଅର୍ଥାତ୍ ଆମର ବରେଣ୍ୟ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିନରେ ଏହି ଦିବସ ପାଳିତ ହୋଇ ଆସୁଛି। ଡକ୍ଟର ରାଧାକୃଷ୍ଣନ୍‌ଙ୍କ ଜୀବନ ସମାଜରୁ ଅଜ୍ଞାନତାର ଦୂରୀକରଣ ନିମନ୍ତେ ଉତ୍ସର୍ଗୀକୃତ ସାଧନାର ଏକ ପ୍ରତୀକ। ତେଣୁ ଏହି ଦିବସ ଉପଲକ୍ଷେ ପ୍ରତି ସ୍ତରର ପ୍ରତି ଶିକ୍ଷାନୁଷ୍ଠାନରେ ଶିକ୍ଷକମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଦିଗରେ ଛାତ୍ର ତଥା ଅଭିଭାବକମାନେ ତତ୍ପର ହେବା ଉଚିତ। ଜନସାଧାରଣଙ୍କୁ ଏହି ଅବସରରେ ମୋର ଅନୁରୋଧ ଯେ ସେମାନେ ଶିକ୍ଷକମାନଙ୍କ କଲ୍ୟାଣାର୍ଥେ ଗଠିତ ଜାତୀୟ ଫାଉଣ୍ଡେସନ୍ ପାଣ୍ଠି ପାଇଁ ଯଥାଶକ୍ତି ଦାନ ଦେଇ ଏହି ଦିବସର ଉଦ୍ଦେଶ୍ୟକୁ ସାଫଲ୍ୟ ମଣ୍ଡିତ କରନ୍ତୁ।

# ଏ ସଂଖ୍ୟାରେ ଲେଖିଛନ୍ତି

**ଶ୍ରୀ ପଞ୍ଚାନନ ତ୍ରିପାଠୀ,** ଆଇ. ଏ. ଏସ୍., ବର୍ତ୍ତମାନ ଡିରେକ୍ଟର, ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗର ନିର୍ଦ୍ଦେଶକ।

×

**ଶ୍ରୀ ଅବୋଧ ନାରାୟଣ ତିୱାରୀ,** ଆଇ. ଏ. ଏସ୍., ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ।

×

**ଡାକ୍ତର ରାଧାଚରଣ ପଣ୍ଡା,** ଜଣେ ବରିଷ୍ଠ ଗବେଷକ ରୂପେ ପରିଚିତ।

×

**ଶ୍ରୀ ନରସିଂହ ନନ୍ଦ,** ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଗ୍ରାମ ପଞ୍ଚାୟତ ବିଭାଗର ଜଣେ କର୍ମଚାରୀ।

×

**ଶ୍ରୀ ଅଦ୍ଭୁତାନନ୍ଦ ଜେନା,** ବଲାଙ୍ଗିର ଜିଲ୍ଲାର ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ଆଞ୍ଚଳିକ ସଂଗଠକ।

×

**ଶ୍ରୀ ପ୍ରମୋଦ କୁମାର ମିଶ୍ର,** ସମ୍ବଲପୁର ପଟ୍ଟନାୟକ ଛକର ଅଧିବାସୀ

## ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠିକୁ ମୁକ୍ତହସ୍ତରେ ଦାନ କରନ୍ତୁ

ଭାରତର ସବୁ ପ୍ରାନ୍ତରେ ଶୋଚନୀୟ ଅବସ୍ଥାରେ ରହୁଥିବା ସ୍କୁଲ ଶିକ୍ଷକ ଏବଂ ସେମାନଙ୍କ ପୋଷ୍ୟ ବର୍ଗମାନଙ୍କଠାରୁ ସାହାଯ୍ୟପାଇଁ ନିବେଦନମାନ ଆସିଥାଏ। ସ୍କୁଲ ଶିକ୍ଷକମାନେ ବହୁ ସମୟରେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି ଯେ ସେମାନଙ୍କର ତୁରନ୍ତ ଉଲ୍ଲେଖଯୋଗ୍ୟ ଆର୍ଥିକ ସାହାଯ୍ୟ ଆବଶ୍ୟକ ହୋଇଥାଏ। କିନ୍ତୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ସେମାନଙ୍କର ଉପାୟ ନ ଥାଏ।

ଚ୍ୟାରିଟେବଲ ଏଣ୍ଡାଓମେଣ୍ଟ ଆକ୍ଟ ୧୮୯୦ ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଏକ ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠି ଖୋଲା ଯାଇଛି। ଏହି ପାଣ୍ଠି କେନ୍ଦ୍ରରେ ଏକ ଟ୍ରଷ୍ଟ ଦ୍ୱାରା କାର୍ଯ୍ୟ କରୁଛି ଏବଂ ପ୍ରତ୍ୟେକ ରାଜ୍ୟରେ ଏହାର କାର୍ଯ୍ୟକାରୀ କମିଟି ରହିଛି। ମୁଖ୍ୟ ଟ୍ରଷ୍ଟି ରାଜ୍ୟ କାର୍ଯ୍ୟକାରୀ କମିଟି ଜରିଆରେ କାର୍ଯ୍ୟକରୁଛି। ଓଡ଼ିଶା ସରକାର ମଧ୍ୟ ଏକ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରିଛନ୍ତି। ଏଥିରେ ରାଜ୍ୟ ଶିକ୍ଷା ମନ୍ତ୍ରୀ ଚେୟାରମ୍ୟାନ ଅଛନ୍ତି ଓ ଶିକ୍ଷା ବିଭାଗ ଡିରେକ୍ଟର (ସ୍କୁଲ ସମୂହ) ସେକ୍ରେଟାରୀ ତଥା କୋଷାଧ୍ୟକ୍ଷ ରୂପେ କାର୍ଯ୍ୟ କରୁଛନ୍ତି।

ଉକ୍ତ ଜାତୀୟ ପାଣ୍ଠିର ଅର୍ଥ କେବଳ ତଥା ଦୁର୍ଦ୍ଦଶାଗ୍ରସ୍ତ ଶିକ୍ଷକମାନଙ୍କୁ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ସମସ୍ତ ଶିକ୍ଷକମାନଙ୍କର ତଥା ସେମାନଙ୍କର ପୋଷ୍ୟବର୍ଗମାନଙ୍କର ସାଧାରଣ କଲ୍ୟାଣ କାର୍ଯ୍ୟରେ ମଧ୍ୟ ଏହା ବିନିଯୋଗ କରାଯାଇ ଥାଏ।

ଉକ୍ତ ଜାତୀୟ ଟ୍ରଷ୍ଟ ସବୁଠି ବର୍ଷସାରା ଦାନ ଗ୍ରହଣ କରିଥାଏ ତଥାପି ଜନସାଧାରଣଙ୍କୁ ଏହାର ଲକ୍ଷ୍ୟ ସମ୍ବନ୍ଧରେ ଅବଗତ କରାଇବା ସକାଶେ ଏକ ସଂଗଠିତ ଉଦ୍ୟମର ଆବଶ୍ୟକତା ରହିଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଶ୍ରୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ଅର୍ଥାତ୍ ୧୯୬୮ ମସିହା ସେପ୍ଟେମ୍ବର ୫ ତାରିଖକୁ ଶିକ୍ଷକ ଦିବସ ରୂପରେ ପାଳନ କରିବାପାଇଁ ସ୍ଥିର ହୋଇଛି।

ଶିକ୍ଷକମାନଙ୍କ କଲ୍ୟାଣ ରୂପକ ଏକ ମହତ୍ ଉଦ୍ଦେଶ୍ୟ ସାଧନ ସକାଶେ ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠିକୁ ମୁକ୍ତହସ୍ତରେ ଦାନ କରିବା ନିମନ୍ତେ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଉଛି।

# ଉତ୍କଳ ପ୍ରସଙ୍ଗ

ସେପ୍ଟେମ୍ବର ୧୯୬୮

୨୫ଶ ଭାଗ ୨ୟ ସଂଖ୍ୟା

ଆଶ୍ୱିନ ୧୮୯୦



ବୋଇତାଳ ମନ୍ଦିର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ଉନ୍ନୟନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ। ଏହା ବ୍ୟତୀତ ଅନେକ ତଥ୍ୟ ସଂକ୍ଷିପ୍ତ ଆକାରରେ ବା ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ। ସେ ଭଳି ରଚନାକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ସରକାରୀ ବୋଲି ଗ୍ରହଣ କରିବା ଉଚିତ ନୁହେଁ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ଲେଖକଙ୍କର, ଓଡ଼ିଶା ସରକାରଙ୍କର ବୋଲି ଭାବିବାକୁ ହେବ ନାହିଁ।

ପ୍ରକାଶନ—ପ୍ରତ୍ୟେକ ମାସ ୧୫ ତାରିଖ

ସମ୍ପାଦକ—**ପଞ୍ଚାନନ ତ୍ରିପାଠୀ**, ଆ. ଇ. ଏ. ସ., ନିର୍ଦ୍ଦେଶକ, ଲୋକସମ୍ପର୍କ, ପର୍ଯ୍ୟଟନ ଓ ପ୍ରୋଟୋକଲ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର।

ସହକାରୀ ସମ୍ପାଦକ—ବିଶ୍ୱଜର୍ ଦାସ

ମୂଲ୍ୟ—ପ୍ରତି ସଂଖ୍ୟା ଟ ୦·୨୦

ପ୍ରକାଶକ—**ସ୍ୱରାଷ୍ଟ୍ର, ବିଭାଗ, ଓଡ଼ିଶା**

ଟେଲିଗ୍ରାମ—ଓଡ଼ୁ ସୂଚ୍

## ଏ ସଂଖ୍ୟାରେ ପଢ଼ନ୍ତୁ—

୧। ମଣିଷର ଅଧିକାର : କେତେକ ମୌଳିକ ତଥ୍ୟ।

୨। ଯୋଜନା କମିଟିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଭିଭାଷଣ।

୩। ଉନ୍ନତ ରାଜ୍ୟମାନଙ୍କର ସମକକ୍ଷ ହେବାପାଇଁ ଓଡ଼ିଶାର ଉଦ୍ୟମ।

୪। ଶାସନ ବ୍ୟବସ୍ଥାର ପରିବର୍ତ୍ତନୋନ୍ମୁଖୀ ରୂପରେଖ।

୫। ଭାରତର ରକ୍ଷାରେ ନୂତନ ଅଗ୍ରଗତି ..

୬। ପ୍ରାଚୀ ନଦୀର ଐତିହାସିକ ବୈଭବ ..

୭। ଗ୍ରାମେ ପଞ୍ଚପଦୀ ଗନ୍ଧେଶ୍ୱର ..

୮। ଭଗବତୀ ଗାଁର ଇତିକଥା ..

୯। ରାଜ୍ୟ ପଣ୍ୟାଗାର କର୍ପୋରେସନ୍ ..

୧୦। ଜାତୀୟ ପୁନର୍ଗଠନ ଓ ଯୁବ ସମାଜ ..

୧୧। ଭାରତ ଉନ୍ନୟନ ଯୋଗେ କୃଷିର ଅଗ୍ରଗତି

୧୨। ଶ୍ରମ ରାଜ୍ୟ ..

# ମାନବିକ ଅଧିକାର : କେତେକ ମୌଳିକ ତଥ୍ୟ

ସମଗ୍ର ବିଶ୍ୱରେ ମାନବିକ ଅଧିକାର ପାଳନ ଲାଗି ଯେଉଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ୧୯୪୮ ମସିହାରେ ତାହାର ବିଂଶତିତମ ବାର୍ଷିକୋତ୍ସବ ପାଳିତ ହେଉଛି । ଏହି ବର୍ଷଟିକୁ ଆନ୍ତର୍ଜାତିକ ମାନବିକ ଅଧିକାର ବର୍ଷ କୁହାଯାଉଛି ।

ପ୍ରତ୍ୟେକ ବ୍ୟକ୍ତିର ସମାନ ଅଧିକାର ଓ ସବୁ ଲୋକ ତଥା ସବୁଦେଶର ଏକ ସାଧାରଣ ସ୍ତର ବା ମାନ ହାସଲ କରିବା ପାଇଁ ଆମେ ଯେଉଁ ବହୁମୁଖୀ ଶପଥ ଗ୍ରହଣ କରିଥାଉ, ମାନବିକ ଅଧିକାର ସମ୍ପର୍କୀୟ ଘୋଷଣାପତ୍ର ତାହାର ଏକ ସାମୂହିକ ପରିପ୍ରକାଶ ମାତ୍ର । ଏହିସବୁ ଆଦର୍ଶକୁ ଆମଦେଶର ସମ୍ବିଧାନ ଆଇନଗତ ଓ ସାମ୍ବିଧାନିକ ରୂପରେଖ ଦେଇଛି ।

ଏହି ପ୍ରବନ୍ଧରେ ମାନବିକ ଅଧିକାର ସମ୍ପର୍କୀୟ କେତେକ ମୌଳିକ ତଥ୍ୟ ଉପରେ ଆଲୋକପାତ କରିବା ଉଦ୍ଦେଶ୍ୟରେ ପ୍ରଶ୍ନୋତ୍ତର ଛଳରେ କେତୋଟି ବିଷୟ ସନ୍ନିବେଶିତ ହୋଇଛି ।

୧୯୪୮ ଡିସେମ୍ବର ୧୦ ତାରିଖ ଦିନ ଜାତିସଂଘର ାଧାରଣ ଆସେମ୍ବ୍ଲି ମାନବିକ ଅଧିକାର ସମ୍ପର୍କରେ କ ପ୍ରସ୍ତାବ ଗ୍ରହଣ କରି ଯେଉଁ ଘୋଷଣାପତ୍ର ପ୍ରକାଶ ରିଥିଲେ ସେଥିରେ ଲେଖାଥିଲା "ଆମ ଜୀବଦଶାରେ ଇଟି ମହାସମର ଘଟି ମାନବ ସମାଜ ଅକଥନୀୟ ଖ ଯନ୍ତ୍ରଣା ଭୋଗ କରୁଥିବା ଦୃଷ୍ଟିରୁ ଭାବୀ ଶଧରମାନଙ୍କୁ ଯୁଦ୍ଧର ବିଭୀଷିକାରୁ ରକ୍ଷା କରିବା ମୌଳିକ ମାନବିକ ଅଧିକାର ଓ ପ୍ରତ୍ୟେକ ବ୍ୟକ୍ତିର ମୂଲ୍ୟ ଓ ମର୍ଯ୍ୟାଦା ଉପରେ ପୁନର୍ବାର ଆମର ଆସ୍ଥା ଜ୍ଞାପନ କରିବା, ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ ଏବଂ ଛୋଟ ଓ ବଡ଼ ଦେଶର ସମାନ ଅଧିକାର ସ୍ୱୀକାର କରିବା ଏହି ଘୋଷଣାର ଲକ୍ଷ୍ୟ''।

ଅଠର ବର୍ଷପରେ ମାନବିକ ଅଧିକାର ସମ୍ପର୍କୀୟ ଦୁଇଟି ଚୁକ୍ତିନାମା ଦ୍ୱାରା ଏହି ଘୋଷଣାକୁ ବିଧିବଦ୍ଧ ରୂପ ଦିଆଗଲା ଓ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ଦେଶମାନଙ୍କରେ ତାହା ବଳବତ୍ ହେବା

ଓ ୧୯୫୨ରୁ ଗ୍ରନ୍ଥ ଅନୁମୋଦନ କରିବା ପରେ ଆଇନଗତ ରୂପ ଦିଆଯାଇଥିବା ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ବିଷୟରେ ସ୍ଥିର କରାଗଲା। ସାର୍ବଜନୀନ ମାନବିକ ଅଧିକାର ସମ୍ପର୍କୀୟ ପ୍ରସ୍ତାବ ସ୍ୱୀକୃତ ହେବାର ବିଂଶତିତମ ବାର୍ଷିକୀ ଅବସରରେ ୧୯୬୮ ମସିହାରେ ପାଳନ ହେଉଥିବାରୁ ଜାତିସଂଘର ସାଧାରଣ ଆସେମ୍ବ୍ଲି ଏହି ବର୍ଷଟିକୁ ଆନ୍ତର୍ଜାତିକ ମାନବିକ ଅଧିକାର ବର୍ଷରୂପେ ଅଭିହିତ କରିବା ଲାଗି ସର୍ବସମ୍ମତି କ୍ରମେ ସ୍ଥିର କରିଥିଲେ।

## ଦେଶ ଦେଶ ଓ ଜାତି ଜାତି ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ

ଏହି ଉପଲକ୍ଷେ ଏକ ବାର୍ତ୍ତା ପଠାଇ ଭାରତର ରାଷ୍ଟ୍ରପତି ଡକ୍ଟର ଜାକିର ହୋସେନ୍ ଉକ୍ତ ଘୋଷଣାପତ୍ରର ଲକ୍ଷ୍ୟ ସମ୍ପର୍କରେ କହିଛନ୍ତି :—

"ଗତ ଦୁଇଦଶନ୍ଧି ମଧ୍ୟରେ ମାନବିକ ଅଧିକାର ପ୍ରତି ଅଧିକ ସମ୍ମାନ ଦେଖାଇବାରେ କେବଳ ଯେ ବିଶ୍ୱ ସଫଳ ହୋଇପାରିଛି ତାହା ନୁହେଁ, ଅଧିକନ୍ତୁ ସେ କ୍ଷେତ୍ରରେ କରାଯିବାପାଇଁ ବହୁତ କାର୍ଯ୍ୟ ରହିଛି। ଏକ ପକ୍ଷରେ କାରିଗରୀ ବିଦ୍ୟା ଓ ବିଜ୍ଞାନର ଅଗ୍ରଗତି ଯୋଗୁଁ ଅନେକ ଦେଶରେ ବ୍ୟାପକ ପରିବର୍ତ୍ତନ ସଂଗଠିତ ହୋଇଛି ଓ ମାନବିକ ପ୍ରଚେଷ୍ଟାର ପରିସର ଅତି ବ୍ୟାପକ ହୋଇ ପଡ଼ିଛି। ଅନ୍ୟପକ୍ଷରେ ପୃଥିବୀରେ ଏପରି କେତେକ ସ୍ଥାନ ବର୍ତ୍ତମାନ ବି ରହିଛି ଯେଉଁଠାରେ କି ଔପନିବେଶିକ ଶାସନରୁ ମୁକ୍ତି ଚାହୁଁଥିବା ଲୋକଙ୍କର ମନୋବୃତ୍ତିକୁ ଦମନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ରାଜନୈତିକ ସ୍ୱାଧୀନତାରୁ ବଞ୍ଚିତ କରାଯାଉଛି। ଦକ୍ଷିଣ ଆଫ୍ରିକା ବର୍ଣ୍ଣବିଦ୍ୱେଷ ତଥା ଜାତିଭେଦ ନୀତି ଚାଲୁ ରଖିଥିବା ଯୋଗୁଁ ସମଗ୍ର ମାନବ ଜାତିର ବିବେକ ଅପମାନିତ ହୋଇଛି।

"ଆଗାମୀ ବର୍ଷ ମଧ୍ୟରେ ଜାତିସଂଘର ସମସ୍ତ ସଭ୍ୟରାଷ୍ଟ୍ର ମାନବିକ ଅଧିକାର ସମ୍ପର୍କରେ ଅଧିକ ବୁଝାମଣା ଲାଗି ଉଦ୍ୟମ କରିବା ଆବଶ୍ୟ[କ।] ବର୍ତ୍ତମାନ ଯେଉଁ ଅଞ୍ଚଳମାନଙ୍କରେ ମାନ[ବିକ] ଅଧିକାର ସମ୍ପର୍କୀୟ ନୀତିଗୁଡ଼ିକରୁ ଲୋକମାନଙ୍କୁ ବ[ଞ୍ଚିତ] କରାଯାଇଛି, ସେହି ଅଞ୍ଚଳମାନଙ୍କରେ ଏହି [ନୀତି]ଗୁଡ଼ିକର ସଂପ୍ରସାରଣ ଲାଗି ସେମାନେ ଚେଷ୍ଟା କ[ରିବା] ଉଚିତ। ଯେ ପର୍ଯ୍ୟନ୍ତ ମୌଳିକ ସ୍ୱାଧୀନତା ମାନବିକ ଅଧିକାରକୁ ସ୍ଥଗିତ ରଖାଯାଇଥିବ ସେ ପର୍ଯ୍ୟନ୍ତ ଦେଶ ଦେଶ ଓ ଜାତି ଜାତି ମଧ୍ୟରେ ସ୍ଥା[ୟୀ] ଶାନ୍ତି ପ୍ରତିଷ୍ଠା କରାଯାଇ ପାରିବ ନାହିଁ।"

## ମାନବିକ ଅଧିକାର କହିଲେ କ'ଣ ବୁଝାଏ

ସୁନ୍ଦର ଓ ସଭ୍ୟ ସମାଜରେ ଜୀବନ ଯାପନ କ[ରି]ବା ପାଇଁ ମାନବଜାତିର ଯେଉଁ ନିଜବଳିଷ୍ଠ... ରହିଛି ଓ ଯାହାଦ୍ୱାରା ପ୍ରତ୍ୟେକ ମାନବର ଅନ୍ତ[ର୍ନିହିତ] ମର୍ଯ୍ୟାଦା ସମ୍ମାନିତ ଓ ସଂରକ୍ଷିତ ହୋଇ[ଥାଏ] ତାହାକୁ ଭିତ୍ତି କରି ମାନବିକ ଅଧିକାର ପ୍ରତିଷ୍ଠି[ତ]। ବିଜ୍ଞାନ ଓ କାରିଗରୀ ବିଦ୍ୟା ଯେଉଁସବୁ ... ସୁବିଧା ସୁଯୋଗ ଯୋଗାଇ ଦେଇଛି ଏହା ସେ[ଗୁଡ଼ିକୁ] ମଧ୍ୟ ଅନ୍ତର୍ଭୁକ୍ତ କରୁଯାଇଛି। ଆମେ ମାନବିକ ଅଧି[କାର] ବିଷୟରେ କହିବା ସମୟରେ କେବଳ ... ସୁବିଧା ବିଷୟ ଉଲ୍ଲେଖ କରୁନାହୁଁ, ବର[ଂ ଯାହା] ଦ୍ୱାରା ଆମ ଜୀବନର ପୂର୍ଣ୍ଣ ବିକାଶ ... ଆମର ମାନବିକ ଗୁଣାବଳୀ ଧୀଶକ୍ତି ଓ ବିବେ[କର] ବ୍ୟବହାରରେ ଉପଯୁକ୍ତ ସାହା ସହାୟକ ହୋଇ ଓ ଆମର ଆଧ୍ୟାତ୍ମିକ ଚାହିଦା ପୂରଣ କରିବା[ରେ] ସାହାଯ୍ୟ କରେ ଆମେ ସେଗୁଡ଼ିକୁ ମାନବିକ ଅଧି[କାର] କହିଥାଉଁ। ମାନବିକ ଅଧିକାର ଆମ ... ମୌଳିକ ଆବଶ୍ୟକତା ; ତାହା ବ୍ୟତୀତ ... ମନୁଷ୍ୟପରି ବଞ୍ଚି ପାରିବା ନାହିଁ।

ଲୋକମାନଙ୍କୁ ସେମାନଙ୍କର ଅଧିକାରରୁ ବ[ଞ୍ଚିତ] କରାଗଲେ ରାଜନୈତିକ ଓ ସାମାଜିକ ଅସ[...]

ଥା ଯୁଦ୍ଧ, ଦେଶ ଦେଶ ମଧ୍ୟରେ ଶତ୍ରୁତା ଓ ଦେଶମାନଙ୍କରେ ଥିବା ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବୃଦ୍ଧି ଏବଂ ଓ ଅଧିକ ସ୍ୱାଧୀନତାର ସହିତ ଜୀବନ-ଯାପନ ପାଇଁ ପରିବେଶ ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ବା କରାଯାଏ । ମାନବିକ ଅଧିକାର ଦାର୍ଶନିକ ଓ ରାଜନୀତିଜ୍ଞମାନଙ୍କ ନିକଟରେ କେବଳ ବିଷୟ ହେବାର ବିର କଥା ; ଏହା ବରଂ ପ୍ରତ୍ୟେକ ବ୍ୟକ୍ତି—ପୁରୁଷ, ୀ ଓ ଶିଶୁର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଥାଏ ।

## ଏହି ଅଧିକାରଗୁଡ଼ିକ କ'ଣ ଏତେ ମୌଳିକ ?

ବ୍ୟାପକ ଅର୍ଥରେ କହିଲେ ମାନବିକ ଅଧିକାର ରେଖା ପରି ଦୁଇ ପ୍ରକାର ଅଧିକାର ସ୍ୱୀକୃତ ପାଇଛି । ପ୍ରଥମତଃ ପାରମ୍ପରିକ ଅଧିକାର ଯଥା— ନାଗରିକ ଓ ରାଜନୈତିକ ଅଧିକାର ବିଷୟ ସ୍ୱୀକୃତ ପାଇଛି । ବହୁକାଳ ଧରି ଗଣତାନ୍ତ୍ରିକ ସମାଜର ବିକାଶ ସାଧିତ ହେବା ସମୟରେ ବୈଚାରିକତାବାଦୀ ଦେବ ଏହି ଅଧିକାରଗୁଡ଼ିକର ଅଭ୍ୟୁଦୟ ଘଟିଛି । ଏହାପରେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସ୍ୱୀକୃତ ହୋଇଛି । ଜନସାଧାରଣ ପରେ ବୁଝିଲେ ଯେ ନାଗରିକ ଓ ରାଜନୈତିକ ଅଧିକାର ସହିତ କେତେକ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପଭୋଗ କରି ନ ପାରିଲେ ତେବେ ନାଗରିକ ଓ ରାଜନୈତିକ ଅଧିକାରର କୌଣସି ମୂଲ୍ୟ ହିଁ ନାହିଁ, ସେହି ସମୟରୁ ଏହି ଅଧିକାରଗୁଡ଼ିକୁ ସ୍ୱୀକାର କରିବା ଆରମ୍ଭ କରାଗଲା ।

## ନାଗରିକ ଓ ରାଜନୈତିକ ଅଧିକାର କହିଲେ କ'ଣ ବୁଝାଏ ?

ପ୍ରଥମତଃ, ବଞ୍ଚିବା, ସ୍ୱାଧୀନତା ଉପଭୋଗ କରିବା ଶରୀରର ନିରାପତ୍ତା ରକ୍ଷା କରିବା ସକାଶେ ଆମର ଅଧିକାର ରହିଛି । ଆମକୁ ଦାସତ୍ୱର ଶୃଙ୍ଖଳ ମଧ୍ୟରେ ରଖା ଯାଇପାରିବ ନାହିଁ ବା ଅମାନୁଷିକ ଅଥବା ମର୍ଯ୍ୟାଦା ହାନିକର ପଦ୍ଧତିରେ ଦଣ୍ଡ ଦିଆଯାଇ ପାରିବ ନାହିଁ । ଆଇନ ଦୃଷ୍ଟିରେ ଆମେ ସମସ୍ତେ ସମାନ । କେବଳ ଖିଆଲ ପାଇଁ ଆମକୁ ଗିରଫ ବା ନିର୍ବାସିତ କରାଯାଇ ପାରିବ ନାହିଁ । ଯଦି କୌଣସି ବ୍ୟକ୍ତି ଆମ ବିରୁଦ୍ଧରେ କୌଣସି ଅପରାଧର ଅଭିଯୋଗ ଆଣେ, ତେବେ ନ୍ୟାୟୋଚିତ ଶୁଣାଣି ପାଇଁ ଆମର ଅଧିକାର ରହିଛି ଓ ଅପରାଧ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ଆମକୁ ନିରପରାଧୀରୂପେ ଗ୍ରହଣ କରାଯିବ । ଜବରଦସ୍ତ ହସ୍ତକ୍ଷେପରୁ ଆମର ପରିବାର, ଗୃହ ତଥା ଚିଠିପତ୍ରକୁ ସଂରକ୍ଷଣ କରାଯିବ । ଆମେ ଅତ୍ୟାଚାରିତ (ପର୍ସିକ୍ୟୁଟେଡ୍) ହେଲେ ଅନ୍ୟ ଦେଶରେ ଆଶ୍ରୟ ଗ୍ରହଣ କରିବା ଅଧିକାର ଆମର ରହିଛି । କୌଣସି ଦେଶର ନାଗରିକତ୍ୱ ଗ୍ରହଣ ପାଇଁ ଆମର ଅଧିକାର ରହିଛି । ବିବାହ କରି ପରିବାର ଗଠନ କରିବାର ଅଧିକାର ଆମର ଅଛି ଓ ଆମ ପରିବାରର ନିରାପତ୍ତା ପାଇଁ ଆମେ ଦାବି କରିପାରିବା । ସମ୍ପତ୍ତି ଅର୍ଜନ କରିବା ଅଧିକାର ମଧ୍ୟ ଆମର ଅଛି ।

ଏହା ବ୍ୟତୀତ ଆଉ କେତେକ ମୌଳିକ ଅଧିକାର ମଧ୍ୟ ରହିଛି । ଏଗୁଡ଼ିକ ହେଲା ଚିନ୍ତାଧାରାରେ ସ୍ୱାଧୀନତା, ବିବେକ ତଥା ଧର୍ମଗତ ସ୍ୱାଧୀନତା, ମତାମତ ପ୍ରକାଶ ଓ ଅଭିବ୍ୟକ୍ତିରେ ସ୍ୱାଧୀନତା ଏବଂ ଅନ୍ୟମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ସଭା ଓ ସଙ୍ଘରେ ଯୋଗଦାନ କରିବାର ସ୍ୱାଧୀନତା । ଏହା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତି ନିର୍ବାଚନ କରିଥାଏ ନିଜ ଦେଶର ସରକାର ଗଠନରେ ଅଂଶ ଗ୍ରହଣ କରିବାର ମଧ୍ୟ ଅଧିକାର ରହିଛି ଏବଂ ଦେଶର ସାଧାରଣ ସୁବିଧା କ୍ଷେତ୍ରରେ ସମସ୍ତଙ୍କର ସମାନ ଅଧିକାର ରହିବ ।

## ଅର୍ଥନୈତିକ ଓ ସାମାଜିକ ଅଧିକାର କହିଲେ କ'ଣ ବୁଝାଏ ?

ପ୍ରତ୍ୟେକଙ୍କର କାମ କରିବାର, ନିଜର ପସନ୍ଦ ମୁତାବକ ଧନ୍ଦା ଅବଲମ୍ବନ ଏବଂ ନ୍ୟାୟୋଚିତ ଓ

ଅନୁକୂଳ ପରିବେଶ ମଧ୍ୟରେ କାମ କରିବାର ଅଧିକାର ରହିଛି । ପ୍ରତ୍ୟେକଙ୍କର କର୍ମ ସଂସ୍ଥାନର ମଧ୍ୟ ଅଧିକାର ରହିଛି, ଯେପରିକି କେହି ବେକାର ହୋଇ ରହିବେ ନାହିଁ । ପ୍ରତ୍ୟେକ ପୁରୁଷ କିମ୍ବା ସ୍ତ୍ରୀ ସମାନ ଧରଣର କାମ ନିମନ୍ତେ ସମାନ ପରିମାଣର ବେତନ ପାଇବାର ଅଧିକାର ରହିଛି । ଆମ ପ୍ରତ୍ୟେକଙ୍କର ଅବସର ଉପଭୋଗ ଓ ବିଶ୍ରାମ ଗ୍ରହଣର ଅଧିକାର ରହିଛି । ଉପଯୁକ୍ତ ସ୍ତରର ଜୀବନଯାପନ ନିମନ୍ତେ ବି ଆମର ଅଧିକାର ରହିଛି । ଏହାର ଅର୍ଥ ହେଲା, ଆମେ ପ୍ରତ୍ୟେକେ ପର୍ଯ୍ୟାପ୍ତ ଖାଦ୍ୟ, ପୋଷାକ ପରିଚ୍ଛଦ, ବାସଗୃହ, ଡାକ୍ତରୀ ଚିକିତ୍ସା ଓ ସାମାଜିକ ସୁବିଧା ଏବଂ ନିରାପତ୍ତା ପାଇଁ ହକ୍‌ଦାର ଅଟୁ । ମାତା ଓ ଶିଶୁମାନେ ବିଶେଷ ଯତ୍ନ ଓ ସାହାଯ୍ୟ ପାଇବାପାଇଁ ହକ୍‌ଦାର ଅଟନ୍ତି । ଶିକ୍ଷାପାଇଁ ଏବଂ ସମାଜର ସାଂସ୍କୃତିକ ଜୀବନ ସହିତ ଅବାଧରେ ଜଡ଼ିତ ରହିବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିବା ଉଚିତ । ଏ ସମସ୍ତ ଅଧିକାର ଅର୍ଥନୈତିକ ଓ ସାମାଜିକ ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ ।

## ଏଗୁଡ଼ିକ ଆମର ଅଧିକାର ବୋଲି କିଏ କହିଛି ?

ସଭ୍ୟ ଜୀବନର ପ୍ରାରମ୍ଭରୁ ବହୁ ଦାର୍ଶନିକ ତଥା ବିଶ୍ୱ ଇତିହାସରେ ବିଶିଷ୍ଟ ସ୍ଥାନ ଲାଭ କରିଥିବା ବହୁ ମନୀଷୀ ମାନବିକ ଅଧିକାରର ସ୍ୱରୂପ ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଏହାର ବିକାଶ ନିମନ୍ତେ ଉଦ୍ୟମ କରି ଆସିଛନ୍ତି । ଜାତିସଂଘ ଏହି ମାନବିକ ଅଧିକାରଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇଥିବା ସମସ୍ତ ରାଜନୈତିକ, ନାଗରିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାରଗୁଡ଼ିକୁ ସାର୍ବଜନୀନ ମାନବିକ ଅଧିକାର ଘୋଷଣାପତ୍ରରେ ପ୍ରତିପାଦିତ କରାଯାଇଛି । ଏହି ଅଧିକାରଗୁଡ଼ିକ ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ଅନୁଷ୍ଠିତ ଜାତିସଂଘ ସା... ଆସେମ୍ବ୍ଲିରେ ଗୃହୀତ ହୋଇଛି । କୌଣସି ... ହେଲେ ରାଷ୍ଟ୍ର ଏହାର ବିରୋଧ କରି ନାହାନ୍ତି ।

## ଏହି ମାନବିକ ଅଧିକାର ଆଇନ୍‌ରେ ପରିଣ... ହେଲା କି ?

ଘୋଷଣାପତ୍ରରେ ଉଲ୍ଲେଖ ରହିଛି ଯେ ... ରାଷ୍ଟ୍ରର ଓ ସମସ୍ତ ନାଗରିକମାନଙ୍କ ... ନାଗରିକ ଅଧିକାର ହେଉଛି ଏକ ସାଧାରଣ ମା... ଏହା ଏପରି ଆଇନ୍ ନୁହେଁ ଯାହାକୁ ପାଳନ ... ପାଇଁ ରାଷ୍ଟ୍ରମାନେ ବାଧ୍ୟ ଅଟନ୍ତି; କିନ୍ତୁ ... ଅର୍ଥନୈତିକ ଓ ରାଜନୈତିକ ପାର୍ଥକ୍ୟ ... ରାଷ୍ଟ୍ର ଦୃଢ଼ପ୍ରତିଜ୍ଞ ହୋଇ ଏହି ଘୋଷଣାପତ୍ରକୁ ... ପ୍ରଦାନ କରିଥିବାରୁ ସେହି ଅଧିକାରର ... ବଢ଼ାଇବା ପାଇଁ ସେ ସମସ୍ତ ରାଷ୍ଟ୍ର ପ୍ରସ୍ତୁତ ... ଏହା ଖୁସିର କଥା ଯେ ଅନେକ ରାଷ୍ଟ୍ର ସେମାନଙ୍କ ... ନିଜ ରାଷ୍ଟ୍ରର ସମ୍ବିଧାନରେ ଏହି ମାନବିକ ଅ... ସଂକ୍ରାନ୍ତ ଘୋଷଣାକୁ ସେମାନଙ୍କ ... ଅନ୍ତର୍ଭୁକ୍ତ କରିଛନ୍ତି ଏବଂ ଆଜି ଅନେକ ... ଏହି ଘୋଷଣାପତ୍ରର ଶବ୍ଦାବଳୀ ପରିଚାଳିତ ହୋ...

## ଆତ୍ମନିୟନ୍ତ୍ରଣ ଅଧିକାର କହିଲେ କ'ଣ ବୁଝାଏ ?

ଜନସାଧାରଣ ଯେଉଁ ଅଧିକାର ... ସେମାନଙ୍କର ରାଜନୈତିକ ସ୍ଥିତି ସ୍ଥିର କରିବା ... ସଙ୍ଗେ ସେମାନଙ୍କର ଅର୍ଥନୈତିକ, ସାମାଜିକ ... ସାଂସ୍କୃତିକ ବିକାଶ ପଥରେ ଅଗ୍ରସର ... ତାହାହିଁ ହେଉଛି ଆତ୍ମନିୟନ୍ତ୍ରଣ ଅଧିକାର । ... ସମ୍ପଦ ଓ ସମ୍ବଳ ହସ୍ତାନ୍ତର କରିବାର ... ସାଧାରଣଙ୍କର ଯେଉଁ ଅଧିକାର ରହିଛି, ତାହା ... ଉପରୋକ୍ତ ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ । ... ଏହା ଉଭୟ ଏକ ରାଜନୈତିକ, ଅର୍ଥନୈତି...

ମାନବିକ ଅଧିକାର ଏବଂ ଏହାର ସୁରକ୍ଷା ଦୃଷ୍ଟିରୁ ଧାରଣ ଆସେଣି, ଏହି ଅହସ୍ତାନ୍ତରଣ ଅଧିକାରକୁ ବିଶ୍ୱ ଚୁକ୍ତିନାମାର ପ୍ରଥମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିଛନ୍ତି ।

## ଚୁକ୍ତିନାମା ଅନ୍ତର୍ଭୁକ୍ତ ସମସ୍ତ ଅଧିକାରକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ କି ?

ସାଧାରଣତଃ ରାଷ୍ଟ୍ର ଚୁକ୍ତିନାମାକୁ ଗ୍ରହଣ କରିନେବା ସଙ୍ଗେ ସଙ୍ଗେ ଚୁକ୍ତିନାମା ଅନ୍ତର୍ଗତ ନାଗରିକ ଓ ରାଜନୈତିକ ଅଧିକାରଜନିତ ଦାୟିତ୍ୱଗୁଡ଼ିକ କାର୍ଯ୍ୟକାରୀ କରାଯିବା ପାଇଁ ଉଦ୍ଦିଷ୍ଟ । ଅର୍ଥନୈତିକ, ସାମାଜିକ ସାଂସ୍କୃତିକ ଅଧିକାରଜନିତ ଚୁକ୍ତିନାମା ଅନୁଯାୟୀ ଦାୟିତ୍ୱଗୁଡ଼ିକ କ୍ରମଶଃ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ପ କୌଣସି ରାଷ୍ଟ୍ରରେ ତୁରନ୍ତ କାର୍ଯ୍ୟକାରୀ ହେବା ନ ଥିଲା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଜନିତ ଅଧିକାର ଏବଂ ଶିକ୍ଷାଜନିତ ଅଧିକାର ଉପଭୋଗ୍ୟ ହେବା ପୂର୍ବରୁ ସେଥିପାଇଁ ଅର୍ଥ, ଶିକ୍ଷକ ଓ ଢାଞ୍ଚା-ଗତର ଆବଶ୍ୟକତା ପଡ଼ିଥାଏ, ଏ ପ୍ରକାର ଅଧିକାର ମଧ୍ୟରେ ପାର୍ଥକ୍ୟ ରହିଛି ।

## ଅଧିକାରଗୁଡ଼ିକୁ କିଏ ଉପଭୋଗ କରିବ ?

ଜାତି, ସ୍ତ୍ରୀ, ପୁରୁଷ, ଭାଷା, ଧର୍ମ, ରାଜନୈତିକ ମତବାଦ, ଜାତୀୟତା, ସମାଜ, ଧନସମ୍ପତ୍ତି ଓ ଜନ୍ମଗତ ଭେଦ ନିର୍ବିଶେଷରେ ଚୁକ୍ତିନାମା ଓ ଘୋଷଣାପତ୍ରରେ ଲିପିବଦ୍ଧ ଅଧିକାରଗୁଡ଼ିକ ସବୁ ଲୋକଙ୍କଦ୍ୱାରା ଉପଭୋଗ୍ୟ ହେବ । ମାନବିକ ଅଧିକାରର ଉତ୍କର୍ଷ-ପାଇଁ ଭେଦାଭେଦ ରହିତ ନୀତି ଏବଂ ଚୁକ୍ତିନାମାର ତଥା ରାଷ୍ଟ୍ରସଂଘ କାର୍ଯ୍ୟକଳାପର ମୂଳମନ୍ତ୍ର ।

## ବ୍ୟକ୍ତି କ'ଣ କରିପାରେ ?

ମାନବିକ ଅଧିକାର ସମ୍ପର୍କରେ ବ୍ୟକ୍ତିଗତ ନାଗରିକର ପ୍ରଥମ କର୍ତ୍ତବ୍ୟ ଏତେ ସହଜ ମନେହୁଏ ସେ ଆମେ ଅନେକେ ଏହାକୁ ଉପେକ୍ଷା କରିଥାଉଁ । ମାନବିକ ଅଧିକାର କ'ଣ, ତାହା ଆମେ ହୃଦୟଙ୍ଗମ କରିବା ଉଚିତ । କାରଣ ଏହି ଅଧିକାରରୁ ଆମକୁ କେହି ବଞ୍ଚିତ କରାଗଲେ ଆମେ ତାହା ସହଜରେ ଧରିପାରିବା ।

ଉଦାହରଣ ସ୍ୱରୂପ କୌଣସି ଯୁବକ କିମ୍ବା ଯୁବତୀ ଅର୍ଥାଭାବ ଯୋଗୁଁ କଲେଜରେ ଅଧ୍ୟୟନ ସୁବିଧାରୁ ବଞ୍ଚିତ ହେଲେ ଆମେ ସାମାନ୍ୟ ସମବେଦନା ବ୍ୟତୀତ ଆମର ଅନ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ ପାଏନାହିଁ । ସାର୍ବଜନୀନ ମାନବିକ ଅଧିକାର ଘୋଷଣାପତ୍ରର ସର୍ତ୍ତ ଅନୁଯାୟୀ ମେଧା ଭିତ୍ତିରେ ସମସ୍ତ ଉଚ୍ଚ ଶିକ୍ଷା ପାଇବାର ଅଧିକାର ରହିଛି । ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଘଟଣାରେ ଆମେ ପରିସ୍ଥିତିକୁ ଗୁରୁତ୍ୱର ସହିତ ବିଚାର କରି ସମାଧାନର ରାସ୍ତା ବାହାର କରିବା ଉଚିତ ।

ଥରେ ଆମେ ଆମ ଅଧିକାର ବିଷୟରେ ହୃଦୟଙ୍ଗମ କଲେ ଅନ୍ୟମାନଙ୍କ ପାଇଁ ତଥା ଆମ ନିଜପାଇଁ ସେହି ଅଧିକାରର ଉତ୍କର୍ଷ ସାଧନ କରିବା ଆମର ପରବର୍ତ୍ତୀ ଦାୟିତ୍ୱ ହୋଇଯାଏ ଏବଂ ଆମ ଘରଠାରେ ଥିବା ଲୋକଙ୍କୁ ନେଇ ଏହି ଦାୟିତ୍ୱ ଆରମ୍ଭ ହୁଏ । କାରଣ ଆମର ପ୍ରଭାବ ବେଶୀ ମାତ୍ରାରେ ଆମ ନିଜ ପାଖାପାଖି ଲୋକଙ୍କ ଉପରେ ହିଁ ପଡ଼ିଥାଏ । ବେସରକାରୀ ସଂସ୍ଥାରେ ଥିବା ଲୋକଙ୍କ ସହିତ ମିଶି ତଥା ଆମ ନିଜ ପକ୍ଷରୁ କାର୍ଯ୍ୟକରି ଆମେ ମାନବିକ ଅଧିକାର ଲଙ୍ଘନର ପ୍ରତିକାର କରିପାରିବା ଓ ପରସ୍ପରର ଅଧିକାରକୁ ସମ୍ମାନ ଦେଇପାରିବା । ଆମେ ପ୍ରତ୍ୟେକେ ନିଜ ରାଷ୍ଟ୍ରକୁ ପୃଥିବୀର ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଏକ ଆଦର୍ଶ ରାଷ୍ଟ୍ରରୂପେ ଉପସ୍ଥାପନ କରିବାରେ ସକ୍ଷମ ହୋଇପାରିବା ତଥା ଅନ୍ୟ ରାଷ୍ଟ୍ରରେ ରାଷ୍ଟ୍ରର ମାନବିକ ଅଧିକାରର ଉତ୍କର୍ଷ ସାଧନପାଇଁ ଯାହା କରାଯାଉଛି ତାହା ଲକ୍ଷ୍ୟ କରି ଓ ଅନ୍ୟମାନଙ୍କ ଅଭିଜ୍ଞତାରୁ ଆମେ ନିଜେ ଶିକ୍ଷାଲବ୍ଧ କରିବା ।

*

# ପଶ୍ଚିମ ଜର୍ମାନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ପଶ୍ଚିମ ଜର୍ମାନୀରେ ସର୍ବତ୍ର ସହୃଦୟ ଆତିଥ୍ୟ ଓ ସମାଦର ସହକାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ତାଙ୍କର ଜର୍ମାନୀ ପରିଦର୍ଶନ ଓଡ଼ିଶା ପକ୍ଷରେ ଗୋଟିଏ ଐତିହାସିକ ଘଟଣାରେ ପରିଣତ ହୋଇଛି ।

ଶ୍ରୀ ସିଂହଦେଓ ପଶ୍ଚିମ ଜର୍ମାନୀ ଓ ଅନ୍ୟ କେତେକ ୟୁରୋପୀୟ ଦେଶମାନଙ୍କରେ ଏକ ମାସ ପରିଭ୍ରମଣ କରୁଛନ୍ତି । ସେ ପଶ୍ଚିମ ଜର୍ମାନୀ ସାଧାରଣତନ୍ତ୍ର ସରକାରଙ୍କର ଅତିଥି ରୂପେ ଅବସ୍ଥାନ କରୁଛନ୍ତି । ପଶ୍ଚିମ ଜର୍ମାନୀ ଭ୍ରମଣ କାଳରେ ସେ ଫ୍ରାଙ୍କ୍‌ଫର୍ଟ, ହେଡେଲବର୍ଗ, ବ୍ରେକନ୍‌ହେନ, ଓଲ୍‌ଫବର୍ଗ, ମ୍ୟୁନିକ, ହାମ୍ବର୍ଗ, ବର୍ଲିନ୍ ଓ ବନ୍ ପରିଦର୍ଶନ କରିଥିଲେ । ପଶ୍ଚିମ ଜର୍ମାନୀରୁ ଫେରିବା ବାଟରେ ସେ ଲଣ୍ଡନ, ପ୍ୟାରିସ, ଜେନିଭା ଓ ରୋମ୍ ପରିଦର୍ଶନ କରିବେ ।

## ଜଣେ ଅତି ଶିଷ୍ଟ ରାଜନୀତିଜ୍ଞ

ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଓଲ୍‌ଫବର୍ଗ ପରିଦର୍ଶନ ସଂପର୍କରେ ମନ୍ତବ୍ୟ ପ୍ରକାଶ କରି ପଶ୍ଚିମ ଜର୍ମାନୀର ହେଡେଲବର୍ଗର ଟ୍ୟାଗେବ୍ଲଟ ନାମକ ସେ[…] ସମ୍ବାଦପତ୍ର ଶ୍ରୀ ସିଂହଦେଓଙ୍କୁ "ଜଣେ ଅତି […] ରାଜନୀତିଜ୍ଞ" ରୂପେ ଅଭିହିତ କରି […] ଜଣାଇଥିଲେ ।

ଉକ୍ତ ସମ୍ବାଦପତ୍ର ତାଙ୍କର ୧୯୬୮ ଅଗ[…] ତାରିଖ ସଂଖ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପରି[…] ସଂପର୍କରେ ଗୋଟିଏ ବିଶଦ ବିବରଣୀ ପ୍ରକା[…] ତହିଁରେ କହିଥିଲେ, "ମହାରାଜା ସିଂହ ଦେଓ […] ଅତ୍ୟନ୍ତ ଶିଷ୍ଟ ରାଜନୀତିଜ୍ଞ । ସେ ଅତି ବିଚକ୍ଷ[…] ବିନମ୍ର । ଗତକାଲି ସେ ପରିଦର୍ଶକଙ୍କ ପୁସ୍ତ[…] ଲେଖିଥିଲେ, 'କୃଷକମାନଙ୍କର ସ୍ୱାଧୀନ ମନୋ[…] ଓ ଆତ୍ମଗୌରବ ଏବଂ ସେମାନେ କୃଷି କ୍ଷେ[…] ଅନୁସରଣ କରୁଥିବା ପଦ୍ଧତିକୁ ଦେଖିଲେ ମନ[…] ଆନନ୍ଦ ଆସେ' । ଏହି ଲେଖାଟି ପଢ଼ିଲେ […] ଅତ୍ୟନ୍ତ ଭଦ୍ର, ତାହା ବେଶ୍ ବୁଝାପଡ଼େ । […] ଉତ୍ତର-ପୂର୍ବବର୍ତ୍ତୀ ଓଡ଼ିଶା ରାଜ୍ୟର (ଲୋକ […] ଦୁଇକୋଟି) ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା କେ[…] ବେଳେ ଓଲ୍‌ଫବର୍ଗ—ବେନ୍‌ବାକ୍‌ରେ […] ଏନ୍‌ଗେମ୍ୟାନ୍ ମେୟରଙ୍କ କୃଷିକ୍ଷେତ୍ର ପରିଦର୍ଶନ […]

ତାଙ୍କ ମନରେ ରହିଥିଲା । ସେହି କୃଷିକ୍ଷେତ୍ର ବା ଫାର୍ମରେ ପଶୁପାଳନ, ଯୁକ୍ତିଯୁକ୍ତ ଭାବରେ କୃଷିକାର୍ଯ୍ୟ ସମ୍ପାଦନ ଓ ଯାନ୍ତ୍ରିକ ଉପାୟରେ କୃଷିକାର୍ଯ୍ୟ ଦେଖିବାରେ ସେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇଥିଲେ । ମଫସଲ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବାର କୌଶଳ ସଂପର୍କରେ ସରକାରର ମୁଖ୍ୟ ଓ ୧୭ ଜଣରୁ ଅଧିକ ମନ୍ତ୍ରୀମାନଙ୍କର ମୁଖ୍ୟ କିଛି କମ୍ ଆଗ୍ରହ ପ୍ରକାଶ କରି ନ ଥିଲେ । ସେ କହିଲେ ସେ ତାଙ୍କ ଦେଶରେ ମଧ୍ୟ ଏହି ଭଳି ଗୋଟିଏ କାର୍ଯ୍ୟକ୍ରମ ଅଛି, କିନ୍ତୁ ତାହା ଏପର୍ଯ୍ୟନ୍ତ ବିଶେଷ କୃତକାର୍ଯ୍ୟ ହୋଇପାରିନାହିଁ ''।

## ସ୍ୱାଧୀନ ମନୋବୃତ୍ତିର ପ୍ରଶଂସା

ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିସାରିବା ପରେ ସମ୍ବାଦପତ୍ରର ସମ୍ବାଦଦାତା ଲେଖିଛନ୍ତି ଯେତେବେଳେ ତାଙ୍କୁ (ଶ୍ରୀ ସିଂହଦେଓଙ୍କୁ) ପଚରାଗଲା ଯେ ଉଲ୍ଫବର୍ଗ-ଠାରେ ତାଙ୍କୁ କେଉଁ କଥାଟି ଖୁବ ଭଲ ଲାଗିଲା, ସେତେବେଳେ ଶ୍ରୀ ସିଂହଦେଓ କହିଲେ, 'କୃଷକ-ମାନଙ୍କର ସ୍ୱାଧୀନ ମନୋବୃତ୍ତିକୁ ଓ ସ୍ୱାଧୀନ ଭାବ ଏବଂ ସାଫଲ୍ୟ ହାସଲ ପାଇଁ ସେମାନଙ୍କର ସଂଗ୍ରାମ କୃଷି କାର୍ଯ୍ୟରେ ଏବଂ ଫାର୍ମ ବା କୃଷିକ୍ଷେତ୍ର ପରୀକ୍ଷାନିରୀକ୍ଷଣ କରିବାରେ ସେମାନେ ଯେଉଁ ଗର୍ବ ଅନୁଭବ କରନ୍ତି ।''

## ରାଜକୀୟ ସମ୍ଭ୍ରମ ବିହୀନ

ହେଡ଼େଲବର୍ଗରେ ମୁଖ୍ୟମନ୍ତ୍ରୀଙ୍କ ପରିଭ୍ରମଣ କାଳରେ 'ରେନ୍ନେକର ଜାଇଟୁଙ୍ଗ୍' ନାମକ ପଶ୍ଚିମ-ଜର୍ମାନୀର ଆଉ ଏକ ସମ୍ବାଦପତ୍ର ଶ୍ରୀ ସିଂହଦେଓ ଏକଦା କିପରି ଜଣେ ରାଜା ଥିଲେ ଓ ବର୍ତ୍ତମାନ କିପରି ଜଣେ ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟ କରୁଛନ୍ତି ତାହାର ଏକ ହୃଦୟଗ୍ରାହୀ ବିବରଣୀ ନିମ୍ନରେ ଦେଇଛନ୍ତି— ୧୯୪୭ ପର୍ଯ୍ୟନ୍ତ ତାଙ୍କ ରାଜ୍ୟର ଲୋକମାନେ ତାଙ୍କୁ ଏହି ରୂପେ ଦେଖିଥିଲେ—ସେ ଗୋଟିଏ ଚମତ୍କାର ପଗଡ଼ି ପିନ୍ଧିଥିଲେ, ବହୁ ମଣିମୁକ୍ତାରେ ଭୂଷିତ ହୋଇ-ଥିଲେ ଓ ଚକ୍ ଚକ୍ କରୁଥିବା ଖଣ୍ଡା ଧରୁଥିଲେ । ସେ ଗୋଟିଏ ବଡ଼ ରାଜ୍ୟର ରାଜା ଥିଲେ କିନ୍ତୁ ବର୍ତ୍ତମାନ ଲୋକେ ଆଜି ତାଙ୍କୁ ଏହି ରୂପେ ଦେଖୁଛନ୍ତି— ରାଜକୀୟ ସମ୍ଭ୍ରମ ବା ରାଜକୀୟ ଅନୁଚରଙ୍କ ବ୍ୟତୀତ ସେ ଗୋଟିଏ ସାଦା କଳାରଙ୍ଗର ସୁଟ୍ ଓ ଜାକେଟ୍ ପରିଧାନ କରୁଛନ୍ତି । କିନ୍ତୁ ତାଙ୍କ ଚରିତ୍ର ହାବ ଭାବ ପ୍ରକୃତରେ ରାଜ ମର୍ଯ୍ୟାଦା ପ୍ରଦର୍ଶନ କରୁଛନ୍ତି ।''

## ଓଡ଼ିଶାର ପ୍ରତିକୃତିର ପରିପ୍ରକାଶ

ସାମ୍ବାଦିକମାନଙ୍କ ସହ ସାକ୍ଷାତକାରରେ ମୁଖ୍ୟ-ମନ୍ତ୍ରୀ ପରିବର୍ତ୍ତନଶୀଳ ଓଡ଼ିଶାର ଯେଉଁ ଚିତ୍ର ଦେଇ-ଥିଲେ ତାହା ଖବର କାଗଜରେ ପ୍ରକାଶିତ ହୋଇ-ଥିଲା। ଏଥିରେ କୁହାଯାଇଥିଲା ''ଓଡ଼ିଶା ବର୍ତ୍ତମାନ ଗୋଟିଏ ବିକାଶଶୀଳ ରାଜ୍ୟ । ଏଠାରେ ବହୁତ ଖଣିଜ ସମ୍ପଦ ଭରପୂର ହୋଇ ରହିଛି ଓ ସେ ଗୁଡ଼ିକ ମଧ୍ୟରୁ କେତେକ ଜଙ୍ଗଲ ମଧ୍ୟରେ ରହିଛି । ଓଡ଼ିଶାର ଶିଳ୍ପ ପ୍ରସାର କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ଘଟିଛି । ପଶ୍ଚିମ ଜର୍ମାନ ସାଧାରଣତନ୍ତ୍ର ସମେତ ଯେଉଁ ବିଦେଶୀ ରାଷ୍ଟ୍ରମାନେ ଏ ଦିଗରେ ସହାୟତା କରିଛନ୍ତି, ସେମାନେ ଧନ୍ୟବାଦାର୍ହ । କିନ୍ତୁ ଏହା ସତ୍ତ୍ୱେ ଏ ଦିଗରେ ଅଗ୍ରଗତି ଦ୍ରୁତତର ହୋଇ ପାରିନାହିଁ । ଏହି କାରଣରୁ ଦୁଇ କୋଟି ଅଧିବାସୀଙ୍କ ମଧ୍ୟରୁ ଅନେକଙ୍କୁ ଜୀବନଧାରଣ ଉପଯୋଗୀ ଖାଦ୍ୟ ପଦାର୍ଥ ଯଥେଷ୍ଟ ପରିମାଣରେ ମିଳୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯେଉଁ ଲୋକମାନଙ୍କ ସାହାଯ୍ୟରେ ନିଜ ରାଜ୍ୟରେ ଆବଶ୍ୟକୀୟ ପ୍ରଗତି ହାସଲ କରାଯାଇ ପାରିବ, ତାଙ୍କ ଗସ୍ତ କାଳରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସେହିଭଳି ଲୋକମାନଙ୍କ ସହିତ ଅଧିକ ସାକ୍ଷାତ ଓ ଆଲୋଚନା ପାଇଁ ଉଦ୍ୟମ କରିବେ'' ।

# ଉନ୍ନତ ରାଜ୍ୟମାନଙ୍କର ସମକକ୍ଷ ହେବାପାଇଁ ଓଡ଼ିଶାର ଉଦ୍ୟମ

ଆମର କେନ୍ଦ୍ରୀୟ ଅର୍ଥନୀତି ଓ ଯୋଜନା ସମ୍ବନ୍ଧରେ ଅନ୍ୟତମ ବିଡ଼ମ୍ବନା ହେଉଛି ଯେ ରାଜ୍ୟ... ବାବଦରୁ ଯେଉଁ ସମୃଦ୍ଧ ରାଜ୍ୟଗୁଡ଼ିକର ବଳକା ଅର୍ଥ ରହୁଛି, ସେମାନେ ଯୋଜନା ବାବଦ ଖର୍ଚ୍ଚ ପାଇଁ ନିଜରାଜ୍ୟ ଭିତରୁ ଅଧିକ ସମ୍ବଳ ଉଠାଇ ପାରୁଥିବା ସ୍ଥଳେ ଓଡ଼ିଶା ଭଳି ଦୁର୍ବଳ ରାଜ୍ୟଗୁଡ଼ିକ ପକ୍ଷରେ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସମ୍ବଳ ସଂଗ୍ରହର ପରିସର ଯଥେଷ୍ଟ ସଂକୁଚିତ ହୋଇ ପଡ଼ୁଛି । ବସ୍ତୁତଃ ସବୁ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାରେ ଯଥାସମ୍ଭବ ସମତା ରକ୍ଷା କରିବା ଦୃଷ୍ଟିରୁ କେନ୍ଦ୍ରୀୟ ସମ୍ବଳର ଅଧିକ ଭାଗ ଅପେକ୍ଷାକୃତ ଦୁର୍ବଳ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରିବା କେବଳ ଯେ ଆବଶ୍ୟକ ହୋଇ ପଡ଼ୁଛି ତାହା ନୁହେଁ, ବରଂ ଦେଶର ବୃହତ୍ତର କଲ୍ୟାଣ ସାଧନ ନିମନ୍ତେ ତାହା ଅପରିହାର୍ଯ୍ୟ ହୋଇ ପଡ଼ୁଛି ।

ପଞ୍ଚମ ଅର୍ଥ କମିଶନଙ୍କ ନିକଟରେ ରାଜ୍ୟ ସରକାର ଯେଉଁ ସ୍ମାରକପତ୍ର ଦାଖଲ କରିଛନ୍ତି, ସେଥିରେ ଏହି ବସ୍ତୁସ୍ଥିତି ପ୍ରତିଫଳିତ ହୋଇଛି । ଏହି ସ୍ମାରକ ପତ୍ରର ସାରକଥା ଆମର ଉପ... ମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଅଳ୍ପଦିନ ତଳେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ସ୍ମାରକ ପତ୍ରରେ ସନ୍ନିବିଷ୍ଟ ରାଜ୍ୟର ଆର୍ଥିକ ଅବସ୍ଥା ସମ୍ପର୍କରେ କେତେକ ଉପାଦେୟ ତଥ୍ୟ ନିମ୍ନରେ ପ୍ରକାଶ କରୁଛୁ ।

ଦେଶର ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ମୁଣ୍ଡପିଚ୍ଛା ଆୟ ସବୁଠାରୁ କମ୍ । ଖାଉଟି ଦ୍ରବ୍ୟ କିଣା-କିଣି କରିବାରେ ଦେଶର ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ମୁଣ୍ଡପିଚ୍ଛା ସବୁଠାରୁ କମ୍ ଖର୍ଚ୍ଚ ହୋଇଥାଏ । ପରିବାର ପିଚ୍ଛା ମାସକୁ ଟ ୫୦'୦୦ରୁ ଅ... ଖର୍ଚ୍ଚ ନ ହେବା ପରି ଦାରିଦ୍ର୍ୟର ସୀମାରେ... ବୋଲି ଧରାଯାଏ, ତେବେ ଓଡ଼ିଶାର ପ୍ରତି ଦୁ... ପରିବାର ମଧ୍ୟରୁ ଗୋଟିଏ ପରିବାର ଦାରିଦ୍ର୍ୟ ସୀ...

ଙ୍କୁ ନିମ୍ନରେ ଥିବା ଦେଖାଯିବ । ଓଡ଼ିଶାରେ ଯିସିଲଭୁକ୍ତ ଜାତି ଓ ଉପଜାତିଭୁକ୍ତ ସଂପ୍ରଦାୟର ଲୋକସଂଖ୍ୟା ଅତ୍ୟଧିକ ଏବଂ ତାହା ଏହି ରାଜ୍ୟର ଲୋକ ସଂଖ୍ୟାର ଶତକଡ଼ା ୪୦ ଭାଗ । ସମାଜର ହି ଅପେକ୍ଷାକୃତ ଅନୁନ୍ନତ ଲୋକମାନଙ୍କ ଶିକ୍ଷା ଓ ର୍ଥନୈତିକ ସ୍ୱାର୍ଥର ଉନ୍ନତିବିଧାନ କରିବାରେ ରକାରଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ।

## ମ୍ବଳର ସୁଷମ ବଣ୍ଟନ ଆବଶ୍ୟକ

ଓଡ଼ିଶା ଭଳି ଏକ ରାଜ୍ୟ ଯେଉଁଠାରେ କି ଦାରିଦ୍ର୍ୟ ଅନୁନ୍ନତ ଅବସ୍ଥା ଜୀବନ୍ତ ହୋଇ ରହିଛି, ସେଠାରେ ଜସ୍ୱ ଓ ଅଭାବ ମଧ୍ୟରେ ସାମଞ୍ଜସ୍ୟ ନ ରହିବା ଭାବିକ । ତେଣୁ କେନ୍ଦ୍ରୀୟ ଆୟରୁ ଅଧିକ ଭାଗ ସ୍ତାନ୍ତର କରାଯିବାର ଆବଶ୍ୟକତା ଏହିଠାରୁ ହିଁ ତଃ ବୁଝିହେବ ।

ଜାତୀୟ ସଂହତିର ଅନ୍ୟତମ ଦିଗ ଆଞ୍ଚଳିକ ଷମ୍ୟ ସମ୍ପର୍କରେ ଜାତୀୟ ସଂହତି ପରିଷଦର ଯେଉଁ ମିଟି ରହିଛି, ସେ କମିଟି ସୁଷମ ଆଞ୍ଚଳିକ ଅଭିବୃଦ୍ଧି ମ୍ବନ୍ଧରେ ସୁପାରିଶ କରିଛନ୍ତି । ଓଡ଼ିଶା ଭଳି ଅପେକ୍ଷାକୃତ ଅନୁନ୍ନତ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ବିଶେଷ ଯତ୍ନ କରା- ଗଲେ ଏହି ଲକ୍ଷ୍ୟ ହାସଲ ହୋଇ ପାରିବ । ଏହି ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ସମ୍ବଳର ଅଧିକ ଭାଗ ହସ୍ତାନ୍ତର କରାଯିବା ଦ୍ୱାରା ଉପରୋକ୍ତ ଲକ୍ଷ୍ୟ ସାଧିତ ହେବ ।

## ରାଜ୍ୟର ଅର୍ଥ ବ୍ୟବସ୍ଥା ଉପରେ ବୋଝ

କେବଳ ବ୍ୟୟ ସଂକୋଚ କରିବା ଲାଗି ଓଡ଼ିଶା ସରକାର ଯେ ଯଥେଷ୍ଟ ପଦକ୍ଷେପ ନେଇଛନ୍ତି, ତାହା ନୁହେଁ ; ଅଧିକନ୍ତୁ ରାଜସ୍ୱ ବୃଦ୍ଧି ନିମନ୍ତେ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି । ମହଙ୍ଗାଭତ୍ତା ବାରମ୍ବାର ବଢ଼ାଇବା ଓ ରିଲିଫ୍ ବ୍ୟବସ୍ଥା ଆରମ୍ଭ ; କରାଯିବା ବାବଦ ଅତିରିକ୍ତ ଖର୍ଚ୍ଚ ଯୋଗୁଁ ରାଜ୍ୟର ଆର୍ଥିକ ଅବସ୍ଥା ଉପରେ ଯଥେଷ୍ଟ ଚାପ ପଡ଼ିଛି ।

ତେଣୁ ରାସ୍ତାଘାଟ ଓ କୋଠାବାଡ଼ି ଇତ୍ୟାଦିର ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚକୁ କମାଇ ଦେବା ପାଇଁ ସରକାର ବାଧ୍ୟ ହୋଇଥିଲେ । ଗସ୍ତ ଖର୍ଚ୍ଚ, କଣ୍ଟିଜେନ୍ସି ବାବଦ ଖର୍ଚ୍ଚ କମାଇବା ପାଇଁ ବ୍ୟବସ୍ଥା କରି ଓ ନୂତନ ପଦବୀ ସୃଷ୍ଟି ଉପରେ କଟକଣା ଜାରିକରି ସରକାର କଠୋର ବ୍ୟୟ- ସଂକୋଚ ବ୍ୟବସ୍ଥା ଅବଲମ୍ବନ କରିଥିଲେ । ତୃତୀୟ ଯୋଜନା ପାଇଁ ରାଜ୍ୟ ସରକାର ୩୨'୨୫ କୋଟି ଟଙ୍କା ଅତିରିକ୍ତ ସମ୍ବଳ ସଂଗ୍ରହ କରିଥିଲେ । ପରବର୍ତ୍ତୀ ତିନୋଟି ବାର୍ଷିକ ଯୋଜନା ପାଇଁ ୮'୦୧ କୋଟି ଟଙ୍କା ସଂଗ୍ରହ କରିବାକୁ ଆଶା କରିଛନ୍ତି । ୧୯୬୯-୭୦ ମସିହାରେ ଆରମ୍ଭ ହେଉଥିବା ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପାଇଁ ରାଜ୍ୟ ସରକାର ୨୧·୯୫ କୋଟି ଟଙ୍କା ସଂଗ୍ରହ କରିବାର ପ୍ରସ୍ତାବ ରଖିଛନ୍ତି । ଟିକସ କ୍ଷେତ୍ରରେ ରାଜ୍ୟ ସରକାର କେବଳ ଭୂ-ରାଜସ୍ୱ ଓ ଜଳକର ଉପରେ କେତେକ ରିହାତି ଦେଇଛନ୍ତି ଓ ଏପରି ରିହାତିର ଆବଶ୍ୟକତା ଉପରେ ଯଥେଷ୍ଟ ଚାପ ଦିଆଯାଇଥିଲା । ଏହି ରିହାତି ଦିଆଯିବା ସତ୍ତ୍ୱେ ରାଜ୍ୟର ମୁଣ୍ଡପିଛା ଟିକସ ଆଦାୟର ପରିମାଣ ଧିରେ ଧିରେ ବୃଦ୍ଧି ପାଉଛି ।

## ଅର୍ଥ କମିଶନଙ୍କ ବିଚାରଯୋଗ୍ୟ ବିଷୟ

ଓଡ଼ିଶାର ଆର୍ଥିକ ବ୍ୟବସ୍ଥାରେ ଯେଉଁ ମୌଳିକ ବୈଷମ୍ୟ ରହିଛି ଯାହାଫଳରେ ଅଧିକ ଟଙ୍କା ଉଠାଇବାକୁ ପଡୁଛି, ତାହାକୁ ଅର୍ଥ କମିଶନ ଠିକ୍ ବାଟରେ ପକାଇବା ଉଚିତ । ଏହିଭଳି ଅଧିକ ଟଙ୍କା ଉଠାଣର ପ୍ରଧାନ କାରଣଗୁଡ଼ିକ ହେଉଛି—

(କ) ଅର୍ଥ କମିଶନଙ୍କ କଣ୍ଟ୍ରିଭି ସତ୍ତ୍ୱେ ରାଜସ୍ୱ ନିଅଣ୍ଟ ହେବାର ପ୍ରଧାନ କାରଣ ହେଲା (୧) ମହଙ୍ଗା- ଭତ୍ତା ବୃଦ୍ଧି, (୨) ରିଲିଫ୍ ବ୍ୟୟ ବୃଦ୍ଧି,

(ଘ) ଯୋଜନା ବାବଦ ବ୍ୟୟ ପାଇଁ କେନ୍ଦ୍ରରୁ ପର୍ଯ୍ୟାପ୍ତ ସାହାଯ୍ୟ ନ ମିଳିବା ; ଏବଂ

(ଙ) ଋଣ ପରିଶୋଧ ବିଶେଷତଃ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ଋଣ ପରିଶୋଧର ଭାର ବୃଦ୍ଧି ପାଇବା ।

## କେନ୍ଦ୍ର ସାହାଯ୍ୟରେ ଅସମତା

ରାଜ୍ୟମାନଙ୍କର ଆବଶ୍ୟକତା ଓ ସେହି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଲାଗି ଦରକାର ହେଉଥିବା ଆର୍ଥିକ ସମ୍ବଳ ମଧ୍ୟରେ ରହିଥିବା ବୈଷମ୍ୟ ବା ପାର୍ଥକ୍ୟକୁ ଦୂର କରିବା ଲାଗି କେନ୍ଦ୍ରରୁ ସାହାଯ୍ୟ ଦିଆଯିବା ବ୍ୟବସ୍ଥା ସମ୍ବିଧାନରେ ରହିଛି । ଯାହା ହେଉନା କାହିଁକି ସାମଞ୍ଜସ୍ୟ ରକ୍ଷା କରିବାର ଏହି ବ୍ୟବସ୍ଥା ଯେ ଫଳପ୍ରଦ ଭାବରେ କାର୍ଯ୍ୟ କରି ପାରନାହିଁ, ତାହା ଅତୀତ ଅଭିଜ୍ଞତାରୁ ସ୍ପଷ୍ଟ ରୂପେ ଜଣାପଡ଼େ ।

ମହଙ୍ଗାଭତ୍ତା ସଂପର୍କରେ ଅର୍ଥ କମିଶନ ଆପଣା ସ୍ୱୟଂ ଭରଣ ପୂରଣ ହୋଇ ପାରୁଥିବା ଭଳି ଗୋଟିଏ ସୂତ୍ର ସ୍ଥିର କରିଦେବା ଉଚିତ, ଯଦ୍ଦ୍ୱାରା ଅର୍ଥ କମିଶନଙ୍କ ସୁପାରିଶ ମିଳିବାପରେ ଭତ୍ତା ବଢ଼ାଇବା ଫଳରେ ଯେଉଁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ ତାହା ତୁଲାଇବା ପାଇଁ କେନ୍ଦ୍ରରୁ ସେହି ସମୟ ପର୍ଯ୍ୟନ୍ତ ସାହାଯ୍ୟ ମିଳିବା ଉଚିତ, ଯେ ପର୍ଯ୍ୟନ୍ତ ରାଜ୍ୟ ମହଙ୍ଗା ଭତ୍ତାର ହାର କେନ୍ଦ୍ର ହାରଠାରୁ ଅଧିକ ନ ହୋଇଛି ।

## ଦୁର୍ଭିକ୍ଷ ରିଲିଫ୍ ପାଣ୍ଠି

ରିଲିଫ୍ ବାବଦ ଖର୍ଚ୍ଚର ଆକାର ପ୍ରକାର ଏପରି ଯେ ସେ ସଂପର୍କରେ ଆଗରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ପାରିବ ନାହିଁ । ତେଣୁ ଅତୀତର ହାରାହାରି ରିଲିଫ୍ ଖର୍ଚ୍ଚକୁ ଭିତ୍ତିକରି ଅର୍ଥ କମିଶନ ଦୁର୍ଭିକ୍ଷ ରିଲିଫ ପାଣ୍ଠିକୁ ଅଧିକ ସମ୍ବଳ ହସ୍ତାନ୍ତର କରିବାପାଇଁ କେବଳ ଯେ ସୁପାରିଶ୍ କରିବା ଉଚିତ ତାହା ନୁହେଁ, ଅଧିକନ୍ତୁ ଦୁର୍ଭିକ୍ଷ ରିଲିଫ୍ ପାଣ୍ଠିରେ ଜମାଥିବା ଅର୍ଥ ଅପେକ୍ଷା କୌଣସି ନିର୍ଦ୍ଦିଷ୍ଟ ବର୍ଷରେ ଯଦି ଅଧି[...] ପରିମାଣର ଅର୍ଥ ସେ ବାବଦରେ ଖର୍ଚ୍ଚ ହୁଏ, ତେ[...] ସେହି ଅଧିକ ପରିମାଣର ଅର୍ଥ କେନ୍ଦ୍ର ସାହାଯ୍ୟ[...] ମିଳିବାପାଇଁ ଅର୍ଥ କମିଶନ ସୁପାରିଶ୍ କରି[...] ଦରକାର ।

## କେନ୍ଦ୍ରୀୟ ଋଣ

କେନ୍ଦ୍ର ସରକାରଙ୍କଠାରୁ ଯେଉଁ ଋଣ ଅଣାଯା[...] ତାହାର ପରିଶୋଧ ବିଷୟଟି ରାଜ୍ୟର ରାଜସ୍ୱ ବଜେଟ୍[...] ଗୋଟିଏ ବ୍ୟୟ ହେବା ରୂପେ ବିବେଚିତ । [...] ଋଣ ପରିଶୋଧ ପାଇଁ ସମ୍ବିଧାନର ୨୭୫ ([...] ଅନୁଚ୍ଛେଦ ଅନୁସାରେ କେନ୍ଦ୍ରରୁ ଗ୍ରାଣ୍ଟ ମିଳି[...] ଆବଶ୍ୟକ । ଓଡ଼ିଶା ଭଳି ଯେଉଁ ରାଜ୍ୟମାନଙ୍କ[...] ରାଜସ୍ୱ ଏକାଉଣ୍ଟରେ ନିଅଣ୍ଟ ରହିଛି, ସେମାନେ[...] ପୁରୁଣା ଋଣ ପରିଶୋଧ ପାଇଁ ନୂଆ ଋଣ ଆଣିବା[...] ବାଧ୍ୟ ହୋଇଛନ୍ତି । ଏହି ରୂପେ ଋଣ ଆସେ [...] କମିଯିବା ପରିବର୍ତ୍ତେ ସ୍ଥାୟୀ ଭାବରେ ବଢ଼ି ଚା[...] ଚାଲିଛି । ଯେଉଁ ସବୁ ଯୋଜନାରେ ଋଣ ମୂଳ[...] ରୂପେ ବିନିଯୁକ୍ତ ହୋଇଛି ସେସବୁ ଯୋଜନା[...] ମିଳୁଥିବା ଆୟ ରାଜ୍ୟର ରାଜସ୍ୱ ବାବଦ ଆୟର ଅ[...] ଅଟେ । ତୃତୀୟ ପକ୍ଷଠାରୁ ଆଦାୟ ହେବା ଅର୍ଥ[...] ଋଣର ଏକ ସାମାନ୍ୟ ଅଂଶ ପରିଶୋଧ କରିପା[...] ପାରିବ । ଏହାକୁ ଦୃଷ୍ଟିରେ ରଖିଲେ ଋଣ ପରିଶୋ[...] ବିଷୟଟିକୁ ରାଜସ୍ୱ ବଜେଟ ଉପରେ ଗୋଟିଏ ବୋ[...] ରୂପେ ବିବେଚନା କରିବାକୁ ହେବ । ତାହା [...] ହେଲେ, ଋଣ ଭାର ବଢ଼ି ଚାଲିବା ସଙ୍ଗେ ସ[...] ପରିଶୋଧ ସଂକ୍ରାନ୍ତ ଦାୟ ତୁଲାଇବା ଲାଗି ଅଧି[...] ଋଣ ସାହାଯ୍ୟ ହାସଲ କରିବାପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ଉପରେ ଅଧିକରୁ ଅଧିକ ନିର୍ଭର କରିବାକୁ ପଡ଼ିବ । ଯେହେତୁ କେନ୍ଦ୍ର ସରକାର ସ୍ୱଇଚ୍ଛାରେ ଉକ୍ତ ସାହାଯ୍ୟ ମଞ୍ଜୁର କରିଥାନ୍ତି । ତେଣୁ ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ଉପରେ ଆଞ୍ଚ ଆସିପାରେ ।

ଭାରତରେ ସଂଯୁକ୍ତ ଆକାରରେ ଅର୍ଥ ବ୍ୟବସ୍ଥା ଓ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆମର ଏହି ପ୍ରକାରର ବ୍ୟବସ୍ଥାରେ ଗୋଟିଏ ଅସୁବିଧା ଏହି ଯେ, ଯେଉଁ ସମୃଦ୍ଧିଶାଳୀ ରାଜ୍ୟମାନଙ୍କର ରାଜସ୍ୱ ହିସାବରେ ବଳକା ରହୁଛି ସେମାନେ ଯୋଜନା ଖର୍ଚ୍ଚ ତୁଲାଇବା ପାଇଁ ନିଜ ନିଜ ରାଜ୍ୟରୁ ଅଧିକ ଅର୍ଥ ସଂଗ୍ରହ କରିବା ପାଇଁ ସମର୍ଥ ହୋଇ ପାରୁଛନ୍ତି ; କିନ୍ତୁ ଓଡ଼ିଶା ଭଳି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଜ୍ୟମାନଙ୍କ ପକ୍ଷରେ ଯୋଜନା ଖର୍ଚ୍ଚ ତୁଲାଇବାପାଇଁ ସମ୍ବଳ ସଂଗ୍ରହ କରିବାର ସୁବିଧା ଅତ୍ୟନ୍ତ ସୀମାବଦ୍ଧ । ଏଭଳି ପରିସ୍ଥିତିକୁ ପ୍ରଶ୍ରୟ ଦିଆଯିବା ଅଯୌକ୍ତିକ । କାରଣ ଦରିଦ୍ରତର ରାଜ୍ୟମାନଙ୍କ ପକ୍ଷରେ କ୍ଷିପ୍ରତର ଗତିରେ ବିକାଶ ସାଧିତ ହେବା ଅଧିକ ଓ ଏକାନ୍ତ ଆବଶ୍ୟକ । ଏହିଭଳି ରାଜ୍ୟମାନେ ନିଜ ରାଜ୍ୟରୁ ପର୍ଯ୍ୟାପ୍ତ ସମ୍ବଳ ସଂଗ୍ରହ କରିବାପାଇଁ ସମର୍ଥ ନ ହୋଇ ଥିବାରୁ ଆର୍ଥିକ ଅନଟନ ଯୋଗୁଁ ଦ୍ରୁତତର ଯୋଜନା ତିଆରି କରିବା ପାଇଁ ସର୍ବଦା ବାଧା ହୋଇଥାଏ । ଏହି ସବୁ ଘଟଣା ଓ ପରିସ୍ଥିତି ପ୍ରତି ଦୃଷ୍ଟି ରଖି ଅର୍ଥ କମିଶନଙ୍କର ରାଷ୍ଟ୍ରୀୟ ଅର୍ଥ ବଣ୍ଟନ ଦାୟିତ୍ୱ ଓ ପ୍ରଣାଳୀ ସ୍ଥିର କରିବା ଆବଶ୍ୟକ । ସମ୍ବିଧାନର ୨୭୫ (୧) ଅନୁଚ୍ଛେଦ ଅନୁଯାୟୀ ଅର୍ଥ କମିଶନ ଯେ କେବଳ ଗ୍ରାଣ୍ଟର ଅନୁଦାନ ନିର୍ଣ୍ଣୟ କରିବା ଆବଶ୍ୟକ ତାହା ନୁହେଁ, ଆର୍ଥିକ ଦିଗରୁ ଦୁର୍ବଳତର ରାଜ୍ୟମାନଙ୍କର ରାଜସ୍ୱ ହିସାବରେ ଯେପରି କିଛି ଅର୍ଥ ବଳକା ରହେ ତାହାର ବ୍ୟବସ୍ଥା ମଧ୍ୟ କରିବା ଉଚିତ ।

## ଉନ୍ନତ ରାଜ୍ୟମାନଙ୍କ ସହିତ ସମତା

ଅର୍ଥ କମିଶନଙ୍କର ଟିକସ ବଣ୍ଟନ ଦାୟିତ୍ୱ ସମ୍ପର୍କୀୟ ପରିକଳ୍ପନା ଫଳରେ ଯଦି କୌଣସି ରାଜ୍ୟ ରାଜସ୍ୱ ବାବଦରେ ବଳକା ବୋଲି ବିବେଚିତ ହୁଏ ସାହାଯ୍ୟ କେତେକ କ୍ଷେତ୍ରରେ ହେବା ସମ୍ଭବ ତାହା ହେଲେ ଦରକାର ପଡ଼ିଲେ ସମ୍ବିଧାନର ୨୭୫ (୧) ଅନୁଚ୍ଛେଦ ଅନୁଯାୟୀ ସବୁ ରାଜ୍ୟମାନଙ୍କ ପାଇଁ ମୁଣ୍ଡପିଛା ହାରରେ ସେହିଭଳି ବଳକା ସୃଷ୍ଟି କରିବାକୁ ହେବ । ସଂକ୍ଷେପରେ ଏହାର ଅର୍ଥ ହେଉଛି, କେନ୍ଦ୍ରଠାରୁ ଅପେକ୍ଷାକୃତ ଅଧିକ ସମ୍ବଳ ଅର୍ଥଗତ ଦୃଷ୍ଟିରୁ ଦୁର୍ବଳତର ରାଜ୍ୟମାନଙ୍କୁ ଏପରି ଭାବରେ ହସ୍ତାନ୍ତରିତ କରିବାକୁ ପଡ଼ିବ, ଯେପରିକି ସବୁ ରାଜ୍ୟର ଅର୍ଥ ବ୍ୟବସ୍ଥା କେବଳ ଯଥା ସମ୍ଭବ ସମାନ ସ୍ତରରେ ରହିବ ନାହିଁ ; ସେଥି ସଙ୍ଗେ ସଙ୍ଗେ ଅପେକ୍ଷାକୃତ ଅଧିକ କଲ୍ୟାଣକର ବ୍ୟବସ୍ଥା ମଧ୍ୟ କରାଯାଇ ପାରିବ ।

## ଆକସ୍ମିକ ପ୍ରାଚୁର୍ଯ୍ୟ ବନାମ ଅନିଚ୍ଛାକୃତ ଅନୁନ୍ନତ ଅବସ୍ଥା

ମୁଖ୍ୟତଃ କେତେକ ଅପ୍ରତ୍ୟାଶିତ ଐତିହାସିକ ଘଟଣାରୁ ଭାରତୀୟ ରାଷ୍ଟ୍ରର ଅନ୍ତର୍ଭୁକ୍ତ କେତେକ ରାଜ୍ୟ ଆକସ୍ମିକ ପ୍ରାଚୁର୍ଯ୍ୟ ମଧ୍ୟରେ ରହିଛନ୍ତି, ଏହା ଅତ୍ୟନ୍ତ ସ୍ପଷ୍ଟ କଥା । ଏହି କାରଣରୁ ସେହିସବୁ ଅଂଚଳରେ ବହୁକାଳ ପୂର୍ବରୁ ସହର, ନଗର ସ୍ଥାପିତ ହୋଇ ପାରିଛି ଓ କଳକାରଖାନା ମଧ୍ୟ ଗଢ଼ି ଉଠିଛି । ଯେଉଁ ରାଜ୍ୟଗୁଡ଼ିକ ଶିଳ୍ପ-ବାଣିଜ୍ୟ-ଧାରାରୁ ବିଚ୍ଛିନ୍ନ ହୋଇ ରହିଥିଲେ, ସେହି ରାଜ୍ୟମାନଙ୍କୁ ସେମାନଙ୍କର ଅନିଚ୍ଛାକୃତ ଅନୁନ୍ନତ ଅବସ୍ଥା ଯୋଗୁ ଆଉ ବେଶୀ କାଳ ଦଣ୍ଡ ଭୋଗିବାକୁ ଦିଆଯିବା ଉଚିତ ନୁହେଁ ।

ଓଡ଼ିଶା ଭଳି ଯେଉଁ ରାଜ୍ୟମାନଙ୍କର ଅର୍ଥ ବ୍ୟବସ୍ଥାରେ ବୈଷମ୍ୟ ରହିଛି, ତାହାକୁ ଦୂର କରିବା ପାଇଁ ଅର୍ଥ କମିଶନ ଉପରୋକ୍ତ ବିଷୟଗୁଡ଼ିକ ବିବେଚନା କରିବା ଉଚିତ । ଏଥିପାଇଁ କମିଶନଙ୍କୁ ସମ୍ବଳ ବଣ୍ଟନ ସଂପର୍କୀୟ ଏକ ଉପଯୁକ୍ତ ପରିକଳ୍ପନା କରିବାକୁ ହେବ । ତାହାହେଲେ ଅନୁନ୍ନତ ରାଜ୍ୟମାନେ ଉର୍ଦ୍ଧ୍ୱମୁଖୀ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସମର୍ଥ ହେବେ ଓ ଭାରତର ଉନ୍ନତତର ରାଜ୍ୟମାନେ ଯେଉଁ ସ୍ତରରେ ଅଛନ୍ତି ସେହି ସ୍ତରରେ ଉପନୀତ ହୋଇ ପାରିବେ ।

# ଶାସନବ୍ୟବସ୍ଥାର ପରିବର୍ତ୍ତନୋନ୍ମୁଖୀ ରୂପରେଖ

ପଞ୍ଚାନନ ତ୍ରିପାଠୀ

ଆମ ଶାସନବ୍ୟବସ୍ଥାର ପରିବର୍ତ୍ତନୋନ୍ମୁଖୀ ରୂପରେଖ କଣ ଆମପାଇଁ ମଙ୍ଗଳସୂଚକ ? ନା ତାହା ପଛରେ ଆମ ଗଣତନ୍ତ୍ରକୁ ଏକ ବିଶୃଙ୍ଖଳାରେ ପରିଣତ କରିଦେବାଭଳି କୌଣସି ବିପଦ ଏପର୍ଯ୍ୟନ୍ତ ଲୁଚି ରହିଛି ? ଏସବୁ ପ୍ରଶ୍ନ ଆଜି ଆମ ଆଗରେ ଅତି ଗୁରୁତ୍ୱପୂର୍ଣ୍ଣ ଆକାର ଧାରଣ କରିଛି ଏବଂ ଏ ସଂପର୍କରେ ଗମ୍ଭୀର ଭାବରେ ଚିନ୍ତା କରିବା ନିମନ୍ତେ ଆମର ପ୍ରଶାସନିକ କର୍ମଚାରୀ, ରାଜନୀତିଜ୍ଞ ତଥା ଜନସାଧାରଣଙ୍କ ପକ୍ଷରେ ଯଥେଷ୍ଟ ଆବଶ୍ୟକତା ରହିଛି ।

ଜଣେ ଅଭିଜ୍ଞ ପ୍ରଶାସକରୂପେ ଶ୍ରୀ ପଞ୍ଚାନନ ତ୍ରିପାଠୀ ଏହି ସବୁ ପ୍ରଶ୍ନ ଉପରେ ଯଥାସମ୍ଭବ ଆଲୋକପାତ କରିବାକୁ ଉଦ୍ୟମ କରିଛନ୍ତି । ଆମର ବିଶ୍ୱାସ, ପ୍ରବନ୍ଧଟି ଚିନ୍ତାଶୀଳ ପାଠକପାଠିକାମାନଙ୍କ ପକ୍ଷରେ ଉପାଦେୟ ବୋଲି ବିବେଚିତ ହେବ ।

ସ୍ୱାଧୀନତା ଲାଭର ପରବର୍ତ୍ତୀ କାଳରେ ଆମେ ଆମର ଶାସନବ୍ୟବସ୍ଥାରେ ଯେଉଁ ପରିବର୍ତ୍ତିତ ରୂପରେଖ ଦେଖିବାକୁ ପାଉଁ ତାହା ମୂଳରେ ମୁଖ୍ୟତଃ ଦୁଇଟି କାରଣ ରହିଛି । ପ୍ରଥମ କାରଣଟି ହେଲା, ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ଗଠନ କରିବା ପାଇଁ ଶାସନ ବିଧାୟକ ସଭାର ପ୍ରସ୍ତାବ, ଏବଂ ଦ୍ୱିତୀୟ କାରଣଟି ହେଲା, ଆମେ ଯେଉଁ ସମ୍ବିଧାନ ଗ୍ରହଣ କରିଛୁ ସେଥିରେ ସନ୍ନିବିଷ୍ଟ କେତେକ ମୌଳିକ ଅଧିକାର ଓ ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତି । ଏହି ଦୁଇଟି କାରଣରୁ ସ୍ୱାଧୀନତା-ପୂର୍ବବର୍ତ୍ତୀ କାଳର ସ୍ଥାଣୁ ଶାସ[ନ] ବ୍ୟବସ୍ଥାରେ ବହୁ ପରିମାଣରେ ପରିବର୍ତ୍ତନ ଆ[ସିଛି] । ସେତେବେଳକାର ଶାସନବ୍ୟବସ୍ଥାର ପ୍ରଧାନ ଦାୟି[ତ୍ୱ] ଥିଲା ଶାନ୍ତିଶୃଙ୍ଖଳା ରକ୍ଷା ଓ ରାଜସ୍ୱ ଆଦାୟ । ବର୍ତ୍ତମାନର ପ୍ରଗତିଶୀଳ ଶାସନବ୍ୟବସ୍ଥା [ମଣିଷର] ଜୀବନ ତଥା ସମାଜର ପ୍ରତ୍ୟେକ ଦିଗ ସହିତ ନିଜ[କୁ] ସଂପୃକ୍ତ କରିଛି ।

## ଯୋଜନାର ନୂତନ ଆଭିମୁଖ୍ୟ

ସାବାଳକ ନିର୍ବାଚନ ଉପରେ ଭିତ୍ତି କରି ପ୍ରତି[ଷ୍ଠିତ] ଗଣତାନ୍ତ୍ରିକ ସରକାର ବ୍ୟକ୍ତି ଉପରେହିଁ ଗୁ[ରୁତ୍ୱ]

ଦେଇଛି । ଅବଶ୍ୟ ସେଥିରେ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ କେତେକ କଟକଣା ରଖାଯାଇଛି, କିନ୍ତୁ ଏହି ଗୁରୁତ୍ୱ ଅରୋପ ଯୋଗୁଁ ନିଜର ନିଜସ୍ୱତା ସଂପର୍କରେ ବ୍ୟକ୍ତିର ମନରେ ଏଭଳି ଏକ ଚେତନା ସୃଷ୍ଟି ହୋଇଛି, ଯାହା ୧୯୪୭ ମସିହା ପୂର୍ବରୁ କେବେ ଦେଖାଯାଇ ନ ଥିଲା । ବ୍ୟକ୍ତି ବିଶେଷ କ୍ଷେତ୍ରରେ ଯାହା ସତ୍ୟ, ସମାଜ ପକ୍ଷରେ ମଧ୍ୟ ତାହା ସତ୍ୟ; କାରଣ ଏକ ଜନ୍ମଗତର ଜୀବନ ତଥା ଭବିଷ୍ୟତ ଗଢ଼ିବା ଦିଗରେ ସହାୟକ ହେବାପାଇଁ ମଣିଷର ଆକାଂକ୍ଷାକୁ ସବୁବେଳେ ତାର ସାମାଜିକ ଅବସ୍ଥାକୁ ପ୍ରଭାବିତ କରି ଆସିଛି । ୧୯୪୭ ମସିହା ପରେ ଲୋକେ ଯେଉଁ ସବୁ ସରକାରକୁ ଶାସନକ୍ଷମତାରେ ରଖିବା ପାଇଁ ନିର୍ବାଚିତ କଲେ, ସେସବୁ ସରକାର ଲୋକଙ୍କ ଏହି ଆଶାଆକାଂକ୍ଷା ପ୍ରତି ସଚେତନ ରହିବା ନିଜର କର୍ତ୍ତବ୍ୟ ବୋଲି ଗ୍ରହଣ କଲେ । ଯେଉଁ ଶାସନବ୍ୟବସ୍ଥା କେବଳ ଶାନ୍ତି ଶୃଙ୍ଖଳା ରକ୍ଷା ଓ ରାଜସ୍ୱ ଆଦାୟ, ଏହି ଦୁଇଟି ଉଦ୍ଦେଶ୍ୟ ସାଧନ ଦୃଷ୍ଟିରୁ ଜନଜୀବନର ଯେକୌଣସି ଦିଗକୁ ଯେତିକି ପ୍ରଭାବିତ ବା ନିୟନ୍ତ୍ରିତ କରିବାକୁ ଦରକାର ପଡ଼ୁଥିଲା ସେତିକି ଛଡ଼ା ଅନ୍ୟ ସବୁ କ୍ଷେତ୍ରରେ ଲୋକଙ୍କୁ ସେମାନଙ୍କ ଭାଗ୍ୟକୁ ଆଦରି ରହିବାପାଇଁ ଛାଡ଼ି ଦେଉଥିଲା । ସେହି ଶାସନ-ବ୍ୟବସ୍ଥା ପରବର୍ତ୍ତୀ କାଳରେ ସ୍ୱାଧୀନତା ଲବ୍ଧ ଜନିତ ନୂତନ ଜାଗରଣ ସହିତ ନିଜକୁ ଖାପ ଖୁଆଇବା ପାଇଁ ପ୍ରସ୍ତୁତ ହୋଇଛି । ଅନ୍ତତଃପକ୍ଷେ ଦୁଇଟି ତାତ୍ପର୍ଯ୍ୟପୂର୍ଣ୍ଣ ଉପାୟରେ ଏହି ପରିବର୍ତ୍ତନ ସାଧିତ ହୋଇଛି ବୋଲି କୁହାଯାଇପାରେ । ପ୍ରଥମଟି ହେଉଛି ସମଗ୍ର ଦେଶରେ ପ୍ରବର୍ତ୍ତିତ ଯୋଜନା ବ୍ୟବସ୍ଥା ଏବଂ ଦ୍ୱିତୀୟଟି ହେଉଛି ବିଧାନସମ୍ମତ ଉପାୟରେ ପ୍ରତିଷ୍ଠିତ ଗ୍ରାମପଞ୍ଚାୟତ ସଂସ୍ଥା । ଯୋଜନା ବ୍ୟବସ୍ଥା ମାଧ୍ୟମରେ ଲୋକେ ଭବିଷ୍ୟତ ଉନ୍ନୟନପାଇଁ ଯୋଜନା ପ୍ରସ୍ତୁତ କରିବା ଦିଗରେ ସହାୟକ ହେବା ନିମନ୍ତେ ଯେପରି ସୁଯୋଗ ରହିଲା, ଗ୍ରାମପଞ୍ଚାୟତ ବ୍ୟବସ୍ଥାରେ ନିଜ ନିଜର ନିର୍ବାଚିତ ପ୍ରତିନିଧିଙ୍କ ଜରିଆରେ ଗ୍ରାମାଞ୍ଚଳର ଉନ୍ନୟନ ସଂପର୍କୀୟ ଶାସନକାର୍ଯ୍ୟରେ ପ୍ରତ୍ୟକ୍ଷଭାବେ ଅଂଶଗ୍ରହଣ କରିବା ନିମନ୍ତେ ମଧ୍ୟ ଲୋକଙ୍କର ସେହିପରି ସୁବିଧା ରହିଲା । ସ୍ୱାଧୀନତା-ପୂର୍ବବର୍ତ୍ତୀ କାଳରେ ଯୋଜନା ସେ ଗୋଟିଏ ନୂଆ କଥା ଥିଲା ତାହା ନୁହେଁ । କାରଣ ଦ୍ୱିତୀୟ ବିଶ୍ୱ ଯୁଦ୍ଧ କାଳରେ ଓ ତାହା ପରେ ମଧ୍ୟ ସମ୍ବଳ ସଂଗ୍ରହ କରିବା ଏବଂ ଲୋକଙ୍କ ଅର୍ଥନୈତିକ ଜୀବନକୁ ନିୟନ୍ତ୍ରଣ କରିବା ଦୃଷ୍ଟିରୁ କିଛି ପରିମାଣରେ ଯୋଜନାବଦ୍ଧ ଚିନ୍ତାଧାରାର ଉଦ୍ଭବ ହୋଇଥିଲା । କିନ୍ତୁ ତାହା ଏବେ ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସାଧନ ଉଦ୍ଦେଶ୍ୟରେ ଯେପରି ଯୋଜନା କାର୍ଯ୍ୟକାରୀ କରୁଛେଉଛି, ସେପରି ଆକାର ଧାରଣ କରି ନ ଥିଲା ।

## ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ

ଏବେ ଦେଖାଗଲା ଯେ ଶାସନକଳର ମୂଳଦୁଆ-ରୂପେ ବିବେଚିତ ଗ୍ରାମ-ଶାସନ ବ୍ୟବସ୍ଥାକୁ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟକାରୀ କରାଗଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ । କାରଣ ସ୍ୱାଧୀନତା-ପୂର୍ବବର୍ତ୍ତୀ କାଳରେ ପଞ୍ଚାୟତର ଅସ୍ତିତ୍ୱ ନ ଥିବାରୁ ସେତେବେଳେ ଶାସନ ସଂସ୍ଥାର ଅଂଶରୂପେ ଗ୍ରାମଗୁଡ଼ିକର କୌଣସି ସ୍ୱତନ୍ତ୍ର ସତ୍ତା ନ ଥିଲା । ଏହା ପରେ ପରେ ଆରମ୍ଭ ହେଲା ବୈପ୍ଳବିକ ଗ୍ରାମଗୋଷ୍ଠୀ ଯୋଜନାର କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମାଞ୍ଚଳର ଉନ୍ନୟନ ସଂପର୍କରେ ପରାମର୍ଶ ଦେବା ନିମନ୍ତେ ବେସରକାରୀ ଓ ସରକାରୀ ବ୍ୟକ୍ତିଙ୍କୁ ନେଇ ମନୋନୀତ କମିଟିମାନ ଗଠନ କରାଗଲା । ସେହି ସଂଗେ ସଂଗେ ପ୍ରତ୍ୟେକ ଜିଲ୍ଲାରେ କୃଷି, ଶିଳ୍ପ ତଥା ଅନ୍ୟାନ୍ୟ ଜୀବିକା ସହିତ ସଂପୃକ୍ତ ବେସରକାରୀ ବ୍ୟକ୍ତିଙ୍କ ସହ ଘନିଷ୍ଠ ସଂପର୍କ ସ୍ଥାପନ କରି ସେହି ଜିଲ୍ଲାର ଉନ୍ନୟନ କାର୍ଯ୍ୟ ସଂପର୍କରେ ଜିଲ୍ଲାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ପରାମର୍ଶ

ହେବା ଉଦ୍ଦେଶ୍ୟରେ ଜିଲ୍ଲା ଉନ୍ନୟନ ପରିଷଦ ଓ ବୋର୍ଡ଼ମାନ ପ୍ରତିଷ୍ଠା କରାଗଲା । କିନ୍ତୁ ତାହା ସତ୍ତ୍ୱେ ଉକ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ ମନୋନୟନକ୍ରମେ ସ୍ଥାପିତ ସଂସ୍ଥାଗୁଡ଼ିକ ଗ୍ରାମାଞ୍ଚଳର ବିପୁଳ ଜନସାଧାରଣଙ୍କ ଆକାଂକ୍ଷା ତଥା ଆବଶ୍ୟକତା ପ୍ରତି ଯଥେଷ୍ଟ ଦୃଷ୍ଟି ଦେବାରେ ସକ୍ଷମ ହେଲେନାହିଁ । ତେଣୁ ଉନ୍ନୟନ ଯୋଜନା ଓ ତତ୍‌ସଂପର୍କୀୟ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଲୋକଙ୍କ ଭିତରେ ଅନୁକୂଳ ପ୍ରତିକ୍ରିୟା ସୃଷ୍ଟି କରିବା ଜରୁରୀ ହୋଇପଡ଼ିଲା ଏବଂ ତା'ର ଫଳରେ ଜନ୍ମନେଲା 'ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ'ର ଧାରା । ପୁରୁଣା ମନୋନୟନ ବ୍ୟବସ୍ଥାକୁ ବଦଳାଯାଇ ତାହା ସ୍ଥାନରେ ସୃଷ୍ଟି କରାଗଲା ଆଉ ଗୋଟିଏ ନୂଆ ବ୍ୟବସ୍ଥା । ଏହି ନୂଆ ବ୍ୟବସ୍ଥାରେ ଗ୍ରାମ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଲୋକ-ପ୍ରତିନିଧିମାନେ ନିର୍ବାଚିତ ହେଲେ ଏବଂ ଏମାନଙ୍କ ସହିତ ସବୁ ସ୍ତରରେ ସରକାରୀ ସଂସ୍ଥାଗୁଡ଼ିକର ସହଯୋଗ ସ୍ଥାପନ କରାଗଲା । ଫଳରେ କେନ୍ଦ୍ର ପାର୍ଲାମେଣ୍ଟଠାରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ସବୁ ସ୍ତରରେ ଲୋକ-ପ୍ରତିନିଧି ରହିବାର ଏକ ନୂଆ ପରମ୍ପରା ସୃଷ୍ଟି ହେଲା । ଶାସନ କଳ ଉପରେ ଏହି ନୂଆ ପରମ୍ପରାର ପ୍ରଭାବ ଏପରି ଅବସ୍ଥା ସୃଷ୍ଟି କଲା ଯେ ଏତଦ୍‌ଜନିତ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ଶାସନକଳର ପ୍ରସାର ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ ହୋଇପଡ଼ିଲା । ଯେଉଁ ତହସିଲ ଅଳ୍ପଦିନ ତଳେ ଶାସନକଳର ସର୍ବନିମ୍ନ ସଂସ୍ଥା ରୂପେ ପରିଗଣିତ ହେଉଥିଲା, ଏବେ ସେହି ତହସିଲ୍ ଅପେକ୍ଷା 'ବ୍ଲକ' ଏକ ନୂତନ ପ୍ରଶାସନିକ ସଂସ୍ଥା ରୂପେ ଲୋକଙ୍କ ସହିତ ଅଧିକତର ଘନିଷ୍ଠ ସମ୍ପର୍କ ରଖି କାର୍ଯ୍ୟ କରୁଛି । ସେହିପରି, ଅତୀତରେ ଜିଲ୍ଲାପାଳ ବା 'କଲେକ୍ଟର୍' କେବଳମାତ୍ର ଉପରୁ ଆସୁଥିବା ଆଦେଶ ଅନୁସାରେ କିମ୍ବା ଶଙ୍କା ସ୍ଥଳରେ ରହି ନିଜର ବିଚାର ବିବେଚନା ଅନୁସାରେ କା... କରୁଥିଲେ । କିନ୍ତୁ ବର୍ତ୍ତମାନ ସେ ପଞ୍ଚାୟତ, ବ୍ଲ... ଜିଲ୍ଲା ସ୍ତରରେ ନିର୍ବାଚିତ ଲୋକ ପ୍ରତିନିଧି... ସଂସ୍ଥା ସମୂହରେ ଯେଉଁ ସବୁ ଆଲୋଚନା ... ମତାମତ ପ୍ରକାଶ ପାଉଛି, ସେସବୁ ଦୃଷ୍ଟି ... ରଖି ଶାସନ କ୍ଷେତ୍ରରେ ସେ ନିଜର କର୍ତ୍ତବ୍ୟ ନିରୂ... କରୁଛନ୍ତି । ବସ୍ତୁତଃ ଏହି ସବୁ ସଂସ୍ଥାରେ ... ଲୋକମତ ପ୍ରକାଶ ପାଉଛି, ଯେହି ଅନୁସାରେ ଶା... କ୍ଷେତ୍ରରେ କେଉଁଠି ପରିବର୍ତ୍ତନ ଆବଶ୍ୟକ ... ତାହା ସରକାର ଜିଲ୍ଲାପାଳଙ୍କ ଜରିଆରେ ହିଁ ... ହୋଇଥାନ୍ତି । ତେଣୁ ଜିଲ୍ଲାପାଳଙ୍କ ଅନୁଷ୍ଠାନ... ଯେଉଁ ପରିବର୍ତ୍ତନ ଦେଖା ଦେଇ ତାହା ... ଯୋଗ୍ୟ ।

## ନୀତି ନିର୍ଦ୍ଧାରଣ ପଦ୍ଧତିରେ ପରିବର୍ତ୍ତନ

ବ୍ରିଟିଶ ଶାସନ ଅମଳରେ ସରକାରୀ ନୀତି ... ମହଲର ଅମଲାମାନଙ୍କ ଦ୍ୱାରା ହିଁ ନିର୍ଦ୍ଧାରିତ ହେଉଥି... ଲୋକଙ୍କ ସହିତ ଏହି ମହଲର ସିଧାସଳଖ କୌ... ସମ୍ପର୍କ ନ ଥିବାରୁ ତଳ ପାହାଚରେ ଥିବା କର୍ମ... ମାନେ ସରକାରଙ୍କ କୌଣସି ନୀତି ନିର୍ଦ୍ଧା... ହେବା ପୂର୍ବରୁ ସେହି ନୀତିର ପ୍ରଭାବ, ପ୍ରତିକ୍ରି... ଯଥାର୍ଥତା ସମ୍ପର୍କରେ ବହୁ ସମୟରେ ସୂ... ଦେଉଥିଲେ । କିନ୍ତୁ ସ୍ୱାଧୀନତା ପରେ ଏହି ... ବଦଳିଗଲା । ସରକାରୀ କର୍ମଚାରୀମାନଙ୍କ ସ୍ୱାଧୀ... ମତାମତ ପ୍ରତି ସମ୍ମାନ ଅଭାବରୁ ଯେ ଏହା ବଦଳି... ତାହା ନୁହେଁ । ଯେଉଁମାନେ ନୀତି ନିର୍ଦ୍ଧାର... ଦାୟିତ୍ୱରେ ରହିଲେ ସେମାନେ ନିଜେ ଲୋକ... ଦ୍ୱାରା ଏକ ନିର୍ବାଚନ ବ୍ୟବସ୍ଥା ମାଧ୍ୟମରେ ... ନିୟମିତ ପଦରେ ଅଧିଷ୍ଠିତ ହେବା ଫଳ... ଲୋକେ କ'ଣ ଚାହୁଁଛନ୍ତି ତାହା ଭଲଭାବ... ବୁଝିବାକୁ ସମର୍ଥ ହେଲେ । ତେଣୁ ଗୁରୁତ୍ୱପୂର୍ଣ୍ଣ ... ନିର୍ଦ୍ଧାରଣ କରିବା ବର୍ତ୍ତମାନ କେବଳ ରାଜନୀ...

ଲୋକ-ପ୍ରତିନିଧିମାନଙ୍କ ଏକଚାଟିଆ ଦାୟିତ୍ୱ ହୋଇଥିବା ସ୍ଥଳେ ସେହି ନୀତିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ରହିଛି ପ୍ରଶାସନିକ କର୍ମଚାରୀମାନଙ୍କର ।

## ସରକାରୀ ଉଦ୍ୟୋଗ

ସମ୍ବିଧାନରେ ଉଲ୍ଲିଖିତ ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତିରେ କୁହାଯାଇଛି : "ଦେଶର ଭୌତିକ ସମ୍ବଳର ମାଲିକାନା ତଥା ନିୟନ୍ତ୍ରଣକୁ ଏପରି ଭାବରେ ବଣ୍ଟନ କରାଯିବ ଯେ ତାହା ସର୍ବସାଧାରଣଙ୍କ ଉପକାରରେ ଆସିପାରିବ" ଏବଂ "ଅର୍ଥନୈତିକ ବ୍ୟବସ୍ଥାକୁ ଏପରି ଭାବରେ କାର୍ଯ୍ୟକାରୀ କରାଯିବ ଯେ ତାଦ୍ୱାରା ଧନ-ସମ୍ପଦ ଓ ଉତ୍ପାଦନ କ୍ଷମତା କେତେକ କେନ୍ଦ୍ରୀଭୂତ ହୋଇ ସର୍ବସାଧାରଣଙ୍କ ପକ୍ଷରେ ଅନିଷ୍ଟକର ହେବ ନାହିଁ" । ଏହି ନୀତି ଅନୁସାରେ ସରକାରୀ ପରିସର ମଧ୍ୟରେ ଏକ ପ୍ରଚଳିତ ଶାସନକଳର ବାହାରେ ଆଉ ଗୋଟିଏ ଧରଣର ଶାସନ ବ୍ୟବସ୍ଥାର ଉଦ୍ଭବ ହୋଇଛି, ଯାହାର ନାମ 'ସରକାରୀ ଉଦ୍ୟୋଗ' ଅବଶ୍ୟ 'ସରକାରୀ ଉଦ୍ୟୋଗ' କଥାଟି ଯେ ବ୍ରିଟିଶ ଅମଳରେ ଅଜଣା ଥିଲା ତାହା ନୁହେଁ । ସେତେବେଳେ ରେଳବାଇ ଏବଂ ଡାକ ଓ ତାର ବିଭାଗ ଗୋଟିଏ ଗୋଟିଏ ସରକାରୀ ଉଦ୍ୟୋଗ ରୂପେ ବହୁ ବର୍ଷ ବ୍ୟାପୀ କାର୍ଯ୍ୟ କରୁଥିଲେ । କିନ୍ତୁ ସେତେବେଳେ ତାହା କେବଳ ଏକ ଔପନିବେଶିକ ଶକ୍ତିର ସ୍ୱାର୍ଥକୁ ଆଖିରେ ରଖି କାର୍ଯ୍ୟକାରୀ ହେଉଥିଲା । କେତେକ ମୌଳିକ ଶିଳ୍ପର ବିକାଶ ରାଷ୍ଟ୍ରର ଦାୟିତ୍ୱରେ ଗ୍ରହଣ କରିବା ନିମନ୍ତେ ଯେଉଁ ଶିଳ୍ପନୀତି ଗ୍ରହଣ କରାଗଲା, ତାହା ଫଳରେ ଏହି ସବୁ ମୌଳିକ ଶିଳ୍ପର ବିକାଶ ଉଦ୍ଦେଶ୍ୟରେ ସରକାରୀ ମାଲିକାନା ଏବଂ ନିୟନ୍ତ୍ରଣାଧୀନରେ ଶିଳ୍ପ ସଂସ୍ଥାମାନ ପ୍ରତିଷ୍ଠା କରାଗଲା । ଉଭୟ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରତିଯୋଗିତା ନିମନ୍ତେ କେତେକ ବିଷୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ ଏବଂ ସେଥିପାଇଁ ଶିଳ୍ପ ସଂସ୍ଥା ମଧ୍ୟରେ ପ୍ରାୟ ଘନ ଘନ ପରିବର୍ତ୍ତନର ଆବଶ୍ୟକତା ଦେଖା ଦେଇଥାଏ । ଜନକଲ୍ୟାଣ ଓ ଉନ୍ନୟନ ସମସ୍ୟା ସମ୍ପର୍କୀୟ ବିଭିନ୍ନ ବିଷୟକୁ ସାଧାରଣତଃ ପ୍ରଚଳିତ ଶାସନ ପଦ୍ଧତିରେ ଯେପରି ତଦାରଖ ଓ ନିୟନ୍ତ୍ରଣ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ, ତାହା ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତିରେ ସ୍ଥିରୀକୃତ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ନାହିଁ ବୋଲି ଅନୁଭବ କରାଯିବାରୁ ସ୍ୱୟଂ-ନିୟନ୍ତ୍ରିତ 'କର୍ପୋରେସନ୍' ବା 'କମ୍ପାନୀ'ମାନ ଗଠନ କରିବା ଆବଶ୍ୟକ ହେଲା । ଶିଳ୍ପ ଉନ୍ନୟନ ନିମନ୍ତେ ଉଦ୍ୟମ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ହାତରେ ଯଥେଷ୍ଟ ସ୍ୱାଧୀନତା ରହିଲା, ଯଦିଓ ଏଗୁଡ଼ିକର କାର୍ଯ୍ୟ ଉପରେ ମୋଟା ମୋଟି ଭାବରେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନ ସଭାର କର୍ତ୍ତୃତ୍ୱ ରଖାଗଲା, ସରକାରୀ ଉଦ୍ୟୋଗ କ୍ଷେତ୍ରରେ ଏ ଯେଉଁ ନୂତନ ପ୍ରଶାସନିକ ବ୍ୟବସ୍ଥାର ସୂତ୍ରପାତ ହେଲା, ତାହାହିଁ ବସ୍ତୁତଃ ପରିବର୍ତ୍ତନମୁଖୀ ଶାସନ ବ୍ୟବସ୍ଥାର ଏକ ଉଲ୍ଲେଖ ଯୋଗ୍ୟ ଚିହ୍ନ ।

## ଶାସନ ଓ ରାଜନୀତି

ସ୍ୱାଧୀନତା ପରେ ଶାସନ ବ୍ୟବସ୍ଥା କେତେକ ପରିମାଣରେ ରାଜନୀତିକ ଆକାର ଧାରଣ କରିଛି ବୋଲି କୁହାଯାଇ ପାରେ । ସର୍ବୋଚ୍ଚ ଶାସନ କ୍ଷମତାରେ ଥିବା ସରକାର ନିର୍ବାଚିତ ଲୋକ-ପ୍ରତିନିଧି ସମୂହ ହୋଇଥିବାରୁ ଏବଂ ଶାସନର ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ନିର୍ବାଚିତ ଲୋକ-ପ୍ରତିନିଧି ରହିଥିବାରୁ ଏଭଳି ଘଟିବା ଅବଶ୍ୟମ୍ଭାବୀ । ଏହାର ଅର୍ଥ ନୁହେଁ ଯେ ଶାସନକଳ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂପ୍ରଦାୟର ସ୍ୱାର୍ଥ ସାଧନ କରିବା ଉଦ୍ଦେଶ୍ୟରେ କୌଣସି ରାଜନୈତିକ ଦଳର ଆଭିମୁଖ୍ୟ ଅନୁସାରେ କାର୍ଯ୍ୟ କରୁଛି ବା ପ୍ରଶାସନିକ କର୍ମଚାରୀମାନେ କୌଣସି ରାଜନୈତିକ ଗ୍ରୁପ ବା ପ୍ରଭାବ ମଧ୍ୟରେ କାର୍ଯ୍ୟ

କରୁଅଛନ୍ତି । ଗଣତାନ୍ତ୍ରିକ ଶାସନ ସଂସ୍ଥାରେ ଆନୁଷ୍ଠାନିକ ସମତା ଓ କାର୍ଯ୍ୟ-ପଦ୍ଧତି ମଧ୍ୟରେ ନିଜକୁ ସୀମିତ ରଖି ନିସ୍ପୃହ ଓ ନିରପେକ୍ଷ ମନୋଭାବ ନେଇ କାର୍ଯ୍ୟ କରିବାର ଯେଉଁ ପରମ୍ପରା ସରକାରୀ ଚାକିରି କ୍ଷେତ୍ରରେ ରହି ଆସିଛି, ତାହା ଏପର୍ଯ୍ୟନ୍ତ ମୁଖ୍ୟ ଭୂମିକା ଗ୍ରହଣ କରୁଛି । କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ଶାସନ ବ୍ୟବସ୍ଥାରେ ଏକ ପକ୍ଷରେ ନିର୍ବାଚିତ ଲୋକ-ପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ଚିନ୍ତାଧାରାର ଆଦାନପ୍ରଦାନ ଏବଂ ଅନ୍ୟ ପକ୍ଷରେ ସର୍ବନିମ୍ନ ସ୍ତରଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ, ସବୁ ସ୍ତରର ଲୋକେ ଯେପରି ସରକାରୀ କ୍ଷେତ୍ରରେ ସହଜରେ ପ୍ରବେଶ କରିପାରନ୍ତି, ଏ ସମସ୍ତ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ଏହାଫଳରେ ସରକାରୀ ନୀତିର ସୀମା ମଧ୍ୟରେ ରହି ସମସ୍ୟାଗୁଡ଼ିକର ପ୍ରକୃତ ସ୍ୱରୂପ ହୃଦୟଙ୍ଗମ କରିବା ପ୍ରଶାସନିକ କର୍ମଚାରୀଙ୍କ ପକ୍ଷରେ ଅଧିକ ସହଜ ହୋଇପାରିଛି । କେବଳ ସେତିକି ନୁହେଁ, ଏହାଦ୍ୱାରା ପ୍ରଶାସନିକ କର୍ମଚାରୀ ନିଜର କର୍ମପନ୍ଥା ସ୍ଥିର କରିବା ବେଳେ କିଭଳି ଉପାୟରେ ବିପୁଳ ସଂଖ୍ୟକ ଜନସାଧାରଣଙ୍କ ସର୍ବାଧିକ ମଙ୍ଗଳ ସାଧନ କରିବାକୁ ହେବ, ତାହା ମଧ୍ୟ ବୁଝିବାକୁ ସକ୍ଷମ ହୋଇଥାନ୍ତି । ଏହା କେବଳ ଯେ ଶାସନ ବ୍ୟବସ୍ଥାରେ ପ୍ରାଣ-ପ୍ରାଚୁର୍ଯ୍ୟ ସୃଷ୍ଟି କରିଛି ତାହା ନୁହେଁ, ଯେ କୌଣସି ଅବସ୍ଥା ଓ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଶାସନକଳକୁ ଅଧିକ କରାଇବାରେ ମଧ୍ୟ ସହାୟକ ହୋଇଛି । ସଙ୍ଗେ ସଙ୍ଗେ ଏହା ଫଳରେ କେନ୍ଦ୍ରୀଭୂତ ବହନ କେତେକ ପରିମାଣରେ ବିସ୍ତୃ ପଡ଼ିଛି ଏବଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମାନ୍ୟ ଶିଥିଳତା ଦେଖାଦେଇଛି । ଏ କିଛି କଥା ନୁହେଁ । ଗଣତାନ୍ତ୍ରିକ ଦେଶରେ ବହୁବୁଦ୍ଧି ଓ ଆଦୋଷ ମିଳାମିଶାର ମନୋବୃ ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ସମ୍ମତି ପ୍ର କରିବା ପରେ କୌଣସି ନୀତି-ଗ୍ରହଣ କରାଯାଇ ପା କି ନାହିଁ ; ତାହା ସ୍ଥିର କରାଯାଇଥାଏ । ଆପଲେବିଙ୍କ ଭାଷାରେ : "In a Democra everybody's business quite prope takes precedence over anybod business. This is confusing, beca anybody knows anybody's busin and nobody can really understa everybody's business." "(ଗଣତା ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଯେ କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥର ସ୍ଥାନ ପାଇଥାଏ । କିନ୍ତୁ ଏହା ଭ୍ରମାତ୍ମକ । ଯେ କେହି ବ୍ୟକ୍ତିବିଶେଷ ନିଜର ସ୍ୱାର୍ଥ ସମ୍ବନ୍ଧ ସଚେତନ ଥିବା ସ୍ଥଳେ କୌଣସି ବ୍ୟକ୍ତି ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ କ'ଣ, ତାହା ପାରନ୍ତି ନାହିଁ ।)"

—————

# ବଲାଙ୍ଗିର ଜିଲ୍ଲାରେ ଚାଷର ଅଗ୍ରଗତି

ଅବୋଧ ନାରାୟଣ ତିଓ୍ୱାରୀ

ଂସାଧାରଣଙ୍କ ଅଦମ୍ୟ ଚେଷ୍ଟା, ବଳିଷ୍ଠ ାବ ଓ ପରବର୍ତ୍ତୀ ବୈଜ୍ଞାନିକ ଚିନ୍ତାଧାରା ର ମରୁଡ଼ିଜନିତ ଅଭାବଗ୍ରସ୍ତ ବଲାଙ୍ଗିର ବର୍ତ୍ତମାନ ଏ ବୈଭବଶାଳୀ ଅଞ୍ଚଳରେ ପରିଣତ ହେବାକୁ ଛି । ସ୍ନ୍ ୧୯୬୬-୬୭ ବେଳକୁ ତାଇଚୁଙ୍ଗ ୂଷ ବିଷୟରେ ଏ ଜିଲ୍ଲାର କୃଷୀ ସମ୍ପୂର୍ଣ୍ଣ ଜ୍ଞ ଥିଲେ କହିଲେ ଚଳେ । କିନ୍ତୁ ସ୍ନ ୧୯୬୭-୬୮ େ ଅଧିକ ଅମଳକ୍ଷମ ଧାନ ଚାଷରେ ବଲାଙ୍ଗିର ର କୃଷୀମାନେ ଯେଉଁ ଅଭୁତପୂର୍ବ ପାରଦର୍ଶିତା ଇ ପାରିଥିଲେ ତାହା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ । ପୂର୍ବବର୍ଷ କେବଳ ମାତ୍ର ୧୫'୭୨ ଏକର ର ତାଇଚୁଙ୍ଗ ଚାଷ ହୋଇଥିବା ସ୍ଥଳେ ତା' ର୍ଷ ଅର୍ଥାତ୍ ୧୯୬୭-୬୮ ସାଲରେ ୫,୪୯୪ ଜମିରେ ଅଧିକ ଅମଳକ୍ଷମ ଧାନ ଉତ୍ପାଦନ ାକୁ ଏ ଜିଲ୍ଲାର କୃଷୀ ସକ୍ଷମ ହୋଇପାରିଥିଲେ ।

ଧିକ ଅମଳକ୍ଷମ ଧାନଚାଷରେ ପ୍ରଥମ ପଦକ୍ଷେପ ଇଥିଲା ସ୍ନ୍ ୧୯୬୭-୬୮ ଖରିଫ୍ ଋତୁରେ ାହି ପ୍ରଥମ ପଦକ୍ଷେପର ସଫଳତାର ନିଦର୍ଶନ ଲୋଇସିଂହା ପଞ୍ଚାୟତ ସମିତି ଅନ୍ତର୍ଗତ କୁଟେନପାଲି ଗ୍ରାମର ଶ୍ରୀ ଲକ୍ଷ୍ମଣ କୁମାର ଧରୁଆ ସକ୍ଷମ ହୋଇପାରିଥିଲେ ଏକର ପିଛା ୧୯୫ ମହଣ ୫ ସେର ୮ ଛଟାଙ୍କି ଧାନ ଅମଳ କରିବାରେ । ଏହି ଆଦର୍ଶ କୃଷୀଙ୍କୁ ସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଶ୍ରୀ ଲକ୍ଷ୍ମଣ କୁମାର ଧରୁଆଙ୍କୁ ଉପହାର ଦେଇଥିବା ୫ ଅଶ୍ୱ ଶକ୍ତି ବିଶିଷ୍ଟ ଗୋଟିଏ ପାଣି ପମ୍ପ ଓ ଲୋଇସିଂହା ପଞ୍ଚାୟତ ସମିତି କୃଷୀକୁଳର ଅଗ୍ରଣୀ ହିସାବରେ ଏହି ଆଦର୍ଶ କୃଷୀଙ୍କୁ ଗୋଟିଏ ଶାଓ୍ୱାର ସ୍ପ୍ରେୟର ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କର ନବବର୍ଷର ଶୁଭେଚ୍ଛା ମାଧ୍ୟମରେ ଶ୍ରୀ ଲକ୍ଷ୍ମଣ କୁମାର ଧରୁଆ ଓ ତାଙ୍କର ସ୍ତ୍ରୀଙ୍କର ଫଟୋଚିତ୍ର ସହିତ ଶ୍ରୀ ବୁଢ଼ା ଛବିଆ ତଥା ତାଙ୍କର ସ୍ତ୍ରୀଙ୍କର ଫଟୋଚିତ୍ର ଜନସାଧାରଣଙ୍କୁ ଉପହାର ଦେଇ ଏ ଉଭୟ କୃଷୀଙ୍କୁ ଆଶାତୀତ ଉଚ୍ଚ ଆସନରେ ଅଳଂକୃତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର ଏହି ନବବର୍ଷ ଉପହାର ଏ ଜିଲ୍ଲାର କୃଷୀମାନଙ୍କ ମନରେ ଗଭୀର ରେଖାପାତ କରିଥିଲା । ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ଉନ୍ନତ ହୋଇ ସେମାନଙ୍କ ମନରେ ପ୍ରତିଯୋଗିତା ମନୋଭାବ ଜାଗ୍ରତ ହେଲା ।

ଅଧିକ ଅମଳକ୍ଷମ ଧାନ ଚାଷରେ ମଧ୍ୟ ୧୯୬୭-୬୮ ଖରିଫ୍ ଋତୁରେ ଯେଉଁ ସଫଳତା ହାସଲ କରାଯାଇଥିଲା ତା'ର ପ୍ରଭାବ ପଡ଼ିଲା ସେ ବର୍ଷ ରବି ଚାଷରେ। ଜଳସେଚନର ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ଏ ଜିଲ୍ଲାର ଚାଷୀମାନେ ଅଣ୍ଟାଭିଡ଼ି ବହୁତ ... ରବିଚାଷ କରିବାକୁ ଆଗଭର ହୋଇ ବାହାରି ପ... ଯେଉଁସବୁ ଜାଗାରେ ସାମାନ୍ୟ ପାଣିର ସୁବିଧା ... ତାକୁ ସମ୍ପୂର୍ଣ୍ଣ ବିନିଯୋଗ କରି ବିଭିନ୍ନ ରବି ...



ବଲାଙ୍ଗିର ଜିଲ୍ଲା ଅଧୀନସ୍ଥ ବେଲପଡ଼ା ବ୍ଲକ୍‌ର ଜଣେ କୃଷକ ଶ୍ରୀ ବୁଢ଼ା ଛତ୍ରିଆ ଏକର ପ୍ରତି ୧୬ ... ତାଇଚୁଙ୍ଗ୍ ନେଟିଭ୍-୧ ଧାନ ଉତ୍ପାଦନ କରିଥିଲେ। ପାଖରେ ତାଙ୍କ ସ୍ତ୍ରୀ ତାଇଚୁଙ୍ଗ୍ ପାସ୍‌ବୁକ୍ ଓ ସେ ... ଫସଲର ବିଡ଼ା ସହିତ ଦଣ୍ଡାୟମାନ।

କରାଗଲା। କ୍ଷୁଦ୍ର ନାଳଗୁଡ଼ିକରେ ଅସ୍ଥାୟୀ ମାଟିବନ୍ଧ ପକାଇ କ୍ଷୁଦ୍ର କ୍ଷୁଦ୍ର ଜଳଭଣ୍ଡାର ସୃଷ୍ଟି କରାଯାଇଥିଲା। ସେହି କ୍ଷୁଦ୍ର ଜଳଭଣ୍ଡାରଗୁଡ଼ିକରୁ ପମ୍ପ ସାହାଯ୍ୟରେ ପାଣି ଉଠାଇବାର ବନ୍ଦୋବସ୍ତ କରି ... ଯେଉଁ ଜମି ଲଙ୍ଗଳମୂନ ସ୍ପର୍ଶ କରି ନ ଥିଲା ... ଜମି ବିଭିନ୍ନ ଶସ୍ୟ ସମ୍ଭାରରେ ଭରପୂର ...

ୀମାନଙ୍କ ମନରେ ନୂତନ ଆଶାର ସଞ୍ଚାର କଲା । ଙ୍ଗିର ସଦର ବିଭାଗ ପଞ୍ଚାୟତ ସମିତି ଅଞ୍ଚଳର ନାଦ ଓ ଚଲଖଜ ଗ୍ରାମର ଯୁବକଙ୍କଦ୍ୱାରା ପ୍ରାୟ ଗ୍ରା ସୋର ନାଳୀରେ ବନ୍ଧ ପକାଇ ୬୦ ଏକର ଆ ଜମିକୁ ଉଠିଆ କରିପାରିଥିଲେ । ଉକ୍ତ ରେ ଉନ୍ନତ ଧରଣର ଆଳୁ, ମକା ଓ ବିଭିନ୍ନ ପରିବା ଚାଷ କରାଯାଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଏହି ଅଞ୍ଚଳ ପରିଦର୍ଶନ କରି ଯୁବକ କୃଷୀଙ୍କର ସୁଚୋଖିତ ଦର୍ଶକ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ ଓ ରେ ଉତ୍ସାହିତ ହୋଇ ବିଭିନ୍ନ ଅଞ୍ଚଳର କୃଷୀ-ନ ବ୍ୟାପକ ଅଞ୍ଚଳରେ ରବି ଚାଷ କରିବାର ଯାସ କରିଥିଲେ । ପ୍ରତିଯୋଗିତାଭିତ୍ତିବାସନ୍ନ କୃଷୀମାନେ ୟ କୃଷୀମାନଙ୍କ ନିମନ୍ତ୍ରଣପୂର୍ବକ ନିଜର କୃଷିକ୍ଷେତ୍ର ର୍ଶନ କରିବା ସଙ୍ଗେ ସଙ୍ଗେ ବହୁ ଦିନରୁ ପଡ଼ିଆ ଥିବା ଜମିଗୁଡ଼ିକରେ ବିଭିନ୍ନ ରବି ଫସଲ ାଦନ କରିବାକୁ ସକ୍ଷମ ହୋଇ ପାରିଥିଲେ । ନର ଭାଗ୍ୟ ଗଢ଼ିବାର କ୍ଷମତା ନିଜ ହାତରେ' ା ପ୍ରମାଣ କରି ପାରିଥିଲେ ବଲାଙ୍ଗିର ଜିଲ୍ଲାର ୀମାନେ ତାଙ୍କର କଠୋର ପରିଶ୍ରମ ଓ ଦୃଢ଼ ନାବଳ ମାଧ୍ୟମରେ ।

ସ୍ନ ୧୯୬୭-୬୮ ରବି ଋତୁରେ ୨୦,୬୯୦ ଏକର ରେ ତାଇଚୁଙ୍ଗ ଧାନ ଫସଲ କରିବାର ଧାର୍ଯ୍ୟ ଗଲା । ଏଥିମଧ୍ୟରୁ କେବଳ ସୁରକ୍ଷିତ ଜଳସେଚିତ ନକା ଓ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଞ୍ଚଳରେ ,୦୦୦ ଏକର ଜମିରେ ରବି ଚାଷ କରିବାର ସ୍ଥିର ଲା ଓ ଅବଶିଷ୍ଟ ୬୯୦ ଏକର ଜିଲ୍ଲାର ଅନ୍ୟାନ୍ୟ ଳପାଇଁ ଧାର୍ଯ୍ୟ ହେଲା । ଫସଲ ଉତ୍ପାଦନର ଏହି ର୍ଯ୍ୟ ସୀମା ଦେଖି ଅନେକେ ଭ୍ରୁକୁଞ୍ଚନ କରିବା ଙ୍ଗ ସଙ୍ଗେ ଏପରି ଏକ ଯୋଜନା ଯେ କେବଳ ନା ବିଳାସୀର ପ୍ରଳାପ ବୋଲି କହିବାକୁ

ଲାଗିଲେ । କିନ୍ତୁ କୃଷୀଙ୍କର ଦୃଢ଼ ସଂକଳ୍ପ, ନେତୃବୃନ୍ଦଙ୍କର ପ୍ରବଳ ଚେଷ୍ଟା ପଞ୍ଚାୟତ ସମିତି ଓ ସରପଞ୍ଚମାନଙ୍କର ଉତ୍ସାହ ଓ କର୍ମଚାରୀମାନଙ୍କର ସଠିକ ନିର୍ଦ୍ଦେଶନା ଫଳରେ ଅସମ୍ଭବ ଯେ ସମ୍ଭବ ହୋଇପାରିଲା ଏହା ଦେଖି ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେ । ତାଇଚୁଙ୍ଗ ଧାନଚାଷ ପାଇଁ ଧାର୍ଯ୍ୟ ହୋଇଥିବା ସୀମା ଅତିକ୍ରମ କରି ଏ ଜିଲ୍ଲାର କୃଷୀମାନେ ୨୨,୮୨୪ ଏକର ଜମିରେ ଫସଲ କରି ଏକ ଇତିହାସ ସୃଷ୍ଟି କରିପାରିଥିଲେ ।

ତିନକା ଓ ଡୁଙ୍ଗୁରିପାଲି ପଞ୍ଚାୟତ ସମିତିର ଜଳସେଚିତ ଅଞ୍ଚଳରେ ତାଇଚୁଙ୍ଗ ଧାନର ହସ ଯେ ଅଞ୍ଚଳର କୃଷୀମାନଙ୍କର ହସଉଜ୍ଜ୍ୱଳ ମୁଖରେ ପ୍ରତିଫଳିତ ହେବାର ଲକ୍ଷ୍ୟ କରି ପରିଦର୍ଶକମାନଙ୍କ ମନରେ ନୂତନ ଆଶାର ଜୁଆର ଖେଳି ଯାଇଥିଲା । ତାହାର ମନରେ ଆଉ ଆଶଙ୍କାର ଲେଶମାତ୍ର ରହିଲା ନାହିଁ ଓ କୃଷୀର ଆଶା ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା ।

ଉନ୍ନତ ଚାଷ ଦିଗରେ ଯେଉଁ ବଳିଷ୍ଠ ପଦକ୍ଷେପ ନିଆଗଲା ତାହାର ପ୍ରଭାବ ପଡ଼ିଲା ଶସ୍ୟ ସଂଗ୍ରହ ଯୋଜନା ଉପରେ । ବିଗତ ବର୍ଷମାନଙ୍କର ଶସ୍ୟ ସଂଗ୍ରହ ତୁଳନାରେ ଏ ବର୍ଷ ଶସ୍ୟ ସଂଗ୍ରହର ପରିମାଣ ବହୁତ ବେଶୀ । ସ୍ନ ୧୯୬୪-୬୫ ବର୍ଷର ଖାଦ୍ୟଶସ୍ୟ ସଂଗ୍ରହର ପରିମାଣ ଯାହାକି ୭୦୦ ଟନ୍ ମାତ୍ର ତାହା ୧୯୬୭-୬୮ର ପୂର୍ବବର୍ଷମାନଙ୍କ ଖାଦ୍ୟଶସ୍ୟ ସଂଗ୍ରହର ସର୍ବୋଚ୍ଚ ପରିମାଣ । କିନ୍ତୁ ୧୯୬୭-୬୮ ଜୁନ୍ ଶେଷ ସୁଦ୍ଧା ୨୫,୦୦୦ ଟନ୍ ଖାଦ୍ୟଶସ୍ୟ ସଂଗ୍ରହ କରାଯାଇ ପାରିଥିଲା ।

ବଲାଙ୍ଗିର ଜିଲ୍ଲା ଆଳୁଚାଷରେ ୧୯୬୭-୬୮ ସାଲରେ ବିଶେଷ ଅଗ୍ରଗତି କରିଥିଲା । ଏ ଅଞ୍ଚଳର କୃଷୀମାନେ ଆଳୁଚାଷରେ ଆଗରୁ ଅଭ୍ୟସ୍ତ ନ ଥିଲେ ମଧ୍ୟ ପରୀକ୍ଷାମୂଳକ ଭାବରେ ଆଳୁରୋପ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ପ୍ରାୟ ୧,୫୦୦

ଏକର ଜମିରେ ସଫଳତାର ସହିତ ଆଳୁଚାଷ କରାଯାଇଥିଲା ଓ ଅନେକ ସ୍ଥଳରେ ଗୋଟିଏ ଗୋଟିଏ ଆଳୁର ଓଜନ ୫୦୦ ଗ୍ରାମରୁ ୧ କେଜି ହେବାର ଦେଖାଯାଇଥିଲା । ଆଳୁ ଚାଷରେ ଏହି ନୂତନ ସଫଳତା, ଅନେକ ଚାଷୀର ଆଖି ଫିଟାଇ ସଙ୍ଗେ ସଙ୍ଗେ ସେମାନଙ୍କ ମନରେ ନୂତନ ଆ ସଞ୍ଚାର କଲା । ଏ ଜିଲ୍ଲାର ମୃତ୍ତିକା ଗଠନ ଆ ପାଇଁ ବିଶେଷ ଉପଯୋଗୀ ହୋଇଥିବାରୁ ପର




ଲୋକଙ୍କର କୃଷିପ୍ରତି ଆଗ୍ରହ ବଢ଼ାଇବାପାଇଁ ଏବଂ ଚାଷୀମାନେ ଖଣ୍ଡିଏ ଜମିରୁ ଗୋଟିକରୁ ଅଧିକ ଫସଲ ଅମଳ କରିବାପାଇଁ ବଲାଙ୍ଗୀର ଜିଲ୍ଲା ଶାସନଯନ୍ତ୍ର ତରଫରୁ ରାସ୍ତାମାନଙ୍କରେ ଏହି ବାକ୍ୟମାନ ଲେଖାଯାଇଛି । ଚିତ୍ରରେ ଶିଳ୍ପମନ୍ତ୍ରୀ ଶ୍ରୀ ହରିହର ପଟେଲ ଓ ଜିଲ୍ଲାପାଳ ଶ୍ରୀ ଏ. ଏନ୍. ତ୍ରିପାଠୀ, ଆଇ. ଏ. ଏ ଗୋଟିଏ ରାସ୍ତା ଦେୱାଲର ଲେଖାକୁ ଲକ୍ଷ କରୁଛନ୍ତି ।

ମାନଙ୍କରେ ଆଳୁ ଚାଷର ବହୁଳ ପ୍ରସାର ହେବାର ଆଶା କରାଯାଏ । ଏ ଅଞ୍ଚଳରେ ଆଳୁ ଚାଷପାଇଁ ଲୋକଙ୍କର ପ୍ରବଳ ଉତ୍ସାହ ଥିବାର ଦେଖି ଓଡ଼ିଶା ସରକାର ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟ ବଲାଙ୍ଗୀରଠାରେ ଗୋଟିଏ ଶୀତଳ ଭଣ୍ଡାର କରିବାକୁ ସ୍ଥିର କରିଛନ୍ତି ।

(ଅବଶିଷ୍ଟାଂଶ ୩୨ ପୃଷ୍ଠା ଦେ

# 'ପ୍ରାଚୀ' ନଦୀର ଐତିହାସିକ ବୈଭବ

ରାଧାଚରଣ ପଣ୍ଡା

ଓଡ଼ିଶାର ଅଧୁନା ଲୁପ୍ତପ୍ରାୟ 'ପ୍ରାଚୀ' ନଦୀର ପୌରାଣିକ ମାହାତ୍ମ୍ୟ ତଥା ଐତିହାସିକ ସ୍ମୃତିର ସମ୍ପର୍କରେ ଡାକ୍ତର ରାଧାଚରଣ ପଣ୍ଡା କେତେକ ମୂଲ୍ୟବାନ ତଥ୍ୟ ଏହି ପ୍ରବନ୍ଧଟିରେ ଉପସ୍ଥାପନ କରିଛନ୍ତି ।

'ପ୍ରାଚୀ' ନଦୀ ସଂପର୍କରେ ଏ ପର୍ଯ୍ୟନ୍ତ ଗବେଷଣାର ଯଥେଷ୍ଟ ଅବକାଶ ଥିଲେ ମଧ୍ୟ ଡାକ୍ତର ପଣ୍ଡାଙ୍କର ଏହି ପ୍ରବନ୍ଧଟି ଆଦୃତ ହେବ ବୋଲି ଆଶା କରୁଅଛୁଁ ।

"ବ୍ରହ୍ମାଣ୍ଡେ ପ୍ରାଚୀ ତୀର ସମ
ଭୂତ ଭବିଷ୍ୟେ ନାହିଁ ଆନ,
ସେ ତୀରେ ଯାଇ ତପ କରି
ଅନ୍ତେ ମୁକତି କଳେବର ।।"

[ ପ୍ରାଚୀ ମାହାତ୍ମ୍ୟ ]

ଓଡ଼ିଶାରେ ସବୁ ଅନ୍ତୁ—ପାଞ୍ଚ ହଜାର ବର୍ଷ ଳର ରାମାୟଣ—ମହାଭାରତର ପ୍ରାଚୀନ କୀର୍ତ୍ତି ଦେଖିବାକୁ ମିଳେ । ଲଙ୍କାଧିପତି ରାବଣ 'ଅମର ବର' ପାଇବା ପାଇଁ ମହାଦେବଙ୍କ ପାଖରେ 'ତପ' ଲା । ଶେଷ ଆହୁତି ଦେବା ପରେ ମଧ୍ୟ ବର ମିଳିଲା ନାହିଁ । ତେଣୁ ରାବଣ ଗୋଟି ଗୋଟି କରି ନିଜର ୯ଟି ମୁଣ୍ଡ ଛିଣ୍ଡାଇ ଯଜ୍ଞରେ ଆହୁତି ଦେଲା ତଥାପି ବର ନାହିଁ । ଏଣୁ ଶେଷ ମୁଣ୍ଡ ମଧ୍ୟ ଛିଣ୍ଡାଇଲା ବେଳେ ମହାଦେବଙ୍କର ନିଦ ଭାଙ୍ଗିଲା । ସେ ଉଠି ତାକୁ 'ଅମର ବର' ଦେଲେ । "ପ୍ରାଚୀ

ମାହାତ୍ମ୍ୟ"ରେ ଲେଖା ଅଛି—ରାବଣ ପ୍ରାଚୀ କୂଳକୁ ଆସି ଏଠା ଅମରେଶ୍ୱରଙ୍କ ଠାରେ ତପ କରି "ଅମର ବର" ପାଇଥିଲା । ଏବେ ମଧ୍ୟ ପୁରୀ ଜିଲ୍ଲା ନିମାପଡ଼ା ଥାନା ଭୁଲସୀପୁର ନିକଟବର୍ତ୍ତୀ ଅମରେଶ୍ୱରଙ୍କ ଠାରେ ଯଜ୍ଞ କୁଣ୍ଡ ଓ ୧ଟି ପ୍ରସ୍ତର ମୁଣ୍ଡ ପୂଜା ହୋଇଛି ।

ବନବାସ କଲା ବେଳେ ରାମଚନ୍ଦ୍ର ନିଜ ସ୍ତ୍ରୀ ଓ ଭାଇଙ୍କୁ ଧରି ଯେଉଁ ଦଣ୍ଡକାରଣ୍ୟକୁ ଆସି ଥିଲେ ସେ 'ଦଣ୍ଡକାରଣ୍ୟ' ଓଡ଼ିଶାରେ ଅଛି ।

ମହାଭାରତ ବର୍ଣ୍ଣିତ 'ପଞ୍ଚ ପାଣ୍ଡବ' ଦେଉଳ 'ବିରାଟ ରାଜ୍ୟ' ପ୍ରାନ୍ତ ଚିଲିକା ପାରବର୍ତ୍ତୀ ବ୍ରହ୍ମଗିରି ଥାନାରେ ଦେଖା ଯାଏ ।

ଖ୍ରୀଷ୍ଟ ପୂର୍ବଯୁଗର 'କଳିଙ୍ଗ'କୁ ଜୟକରିବା ପାଇଁ 'ଚଣ୍ଡାଶୋକ' ଆସି ଘୋର ଯୁଦ୍ଧକରି ରକ୍ତନଦୀ ବୁହାଇ ଶେଷକୁ ଏଠାରେ 'ଧର୍ମାଶୋକ' ହେବାପରେ ଯେଉଁ "ଅଶୋକଶିଳାଲିପି" ଧଉଳିପାହାଡ଼ରେ ଲେଖି-ପାଇଥିଲେ—ସେ ଲେଖା ଏବେମଧ୍ୟ ଭୁବନେଶ୍ୱରର ୬ ମାଇଲ୍ ଦକ୍ଷିଣରେ ଥିବା ଧଉଳିରେ ଅଛି ଏବଂ ଅଶୋକଙ୍କ 'କୁ-କୀର୍ତ୍ତି'ର ପ୍ରତିଶୋଧ ନେବା ପାଇଁ "କଳିଙ୍ଗ ରାଜଚକ୍ରବର୍ତ୍ତୀ—ମହାମେଘ ବାହନ-ଖାରବେଳ" କଳିଙ୍ଗରୁ ହାତୀ ସୈନ୍ୟ ନେଇ ପାଟଳୀ-ପୁତ୍ରକୁ ଧ୍ୱଂସ କରି ସେଠାରୁ ବୋହି ଆଣିଥିବା ଅମାପ ସମ୍ପତ୍ତିରେ ନିଜପାଇଁ ଏକ "ମହାବିଜୟ ପ୍ରାସାଦ" ୩୮ କୋଟୀ ମୁଦ୍ରାରେ 'ପ୍ରାଚୀ' ତୀରରେ ନିର୍ମାଣ କରିଥିବା କଥା ଉଦୟଗିରି ଗୁମ୍ଫାର "ହାତୀଗୁମ୍ଫା-ଲିପି"ରେ ସ୍ପଷ୍ଟ ଲେଖାଅଛି, ଏହିଲିପି ପାଖ ୧୫୦ ବର୍ଷତଳେ ଆବିଷ୍କୃତ ହେଲା ଏବଂ ଏହାକୁ ପାଠ କରିବାପାଇଁ ଜର୍ମାନୀ ଓ ଇଂଲଣ୍ଡରୁ ଲିପିତତ୍ତ୍ୱବିତ-ମାନେ ଆସିଥିଲେ । ଶେଷକୁ ୧୯୧୭ ରେ ଭାରତର ଜଣେ ପ୍ରସିଦ୍ଧ ଲିପିତତ୍ତ୍ୱବିତ୍ ଏନ. ପି. ଜୟସ୍ୱାଲ ଏ ଲିପିର ପାଠୋଦ୍ଧାର କରି ଯେଉଁ ଲେଖା ପ୍ରକାଶ... ସେଥିରେ ସ୍ପଷ୍ଟ ପାଠଥିଲା—

"ଉଭୟ ପ୍ରାଚୀତଟରେ ରାଜନିବାସ'
ମହା ବିଜୟ ପ୍ରାସାଦ କରସ୍ୟତି"

କିନ୍ତୁ, ଜୟସ୍ୱାଲ—ଓଡ଼ିଶାର ଭୌଗୋଳିକ ଜ୍ଞାନ ... ନଥିବାରୁ 'ପ୍ରାଚୀ' ନଦୀକୁ "ଗୋଟିଏ ସ୍ରୋତିଆ ନ... ତାହା ଖଣ୍ଡଗିରି ଭୁବନେଶ୍ୱର ଓ ଧଉଳି ନିକଟ... ଥିଲା ବୋଲି ଲେଖି 'ଭୁଲ' କରିଥିଲେ । ମୁଁ ତାହ... ଏ ଭୁଲ ଦର୍ଶାଇ ଥିଲି ।

ଜୟସ୍ୱାଲଙ୍କ ଏହି 'ଭୁଲ' ପାଠକୁ ପଢ଼ି କଲିକ... ଜଣେ ବିଦ୍ୱାନ୍ ବେଣୀ ମାଧବ ବରୁଆ ନିଜର ... "Old Brahmi Inscriptions of Khan... giri—Udayagiri" ଲେଖି ଇଂଲଣ୍ଡରୁ 'ଡ-... ଉପାଧି ପାଇଥିଲେ ବରୁଆଙ୍କର ଏ 'ଭୁଲ' ମ... ତାହାଙ୍କୁ ଦେଖାଇଥିଲି । ଏଣୁ ବରୁଆ ନିଜ ... "ଦ୍ୱିତୀୟ ସଂସ୍କରଣ"ରେ ନିଜର ଭୁଲ ସ୍ୱୀକାର ... ମୋତେ ପତ୍ର ଦେଇଥିଲେ ଏବଂ ତାହାଙ୍କର ... ସଂସ୍କରଣ ଗ୍ରନ୍ଥରେ ମୋର ସଂଶୋଧିତ ଲେଖା ଲେଖିଛନ୍ତି ।

ପାଖ ୧୦ ବର୍ଷ କାଳ ମୁଁ ପ୍ରାଚୀନଦୀ ତୀର... ରହି ସେଠା ପ୍ରାଚୀନ କୀର୍ତ୍ତିଗୁଡ଼ିକର 'ଭଗ୍ନାବଶେ... 'ପ୍ରାଚୀନ ଇତିହାସ' ସଂଗ୍ରହ କରିଥିଲି । ମୋ ଲେ... ଉତ୍କଳ ସାହିତ୍ୟ ସମାଜର ପଣ୍ଡିତମାନେ ପ... କରି ମୋତେ 'ପୁରସ୍କାର' ଦେଇଥିଲେ ।

ପ୍ରାଚୀ ନଦୀଟି ପୁରୀ ଜିଲ୍ଲାର ଅନ୍ୟ ପ୍ରଜ... ପ୍ରଧାନ ନଦୀଥିଲା । ଏହା ମହାନଦୀର 'ଡ଼ାଜ... ନାମକ ସ୍ଥାନରୁ ବାହାରି କଟକ ପୁରୀ ଜିଲ୍ଲାର ... ଭାଗରେ ପ୍ରବାହିତ ହୋଇ ପାଖ ୫୦ ମାଇଲ ... କଲାପରେ ବଙ୍ଗୋପସାଗରରେ ପଡ଼ିଛି । ମ... ଉତ୍ପତ୍ତି ଠାରୁ ପ୍ରାୟ ୨୦ ମାଇଲ ଗଳି...

ଭୁବନେଶ୍ୱର ଠାରୁ ୧୬ ମାଇଲ ଉତ୍ତରକୁ ଥିବା ଣ୍ଡାପଡ଼ା ଗ୍ରାମ ଠାରୁ 'ପ୍ରାଚୀ' ନାମରେ ନାମିତ ଏଠାରୁ ପ୍ରାୟ ଦୁଇ ମାଇଲରେ ଗୋଟିଏ ଗୋଟିଏ ଶିବ ମନ୍ଦିର, ଶାର୍ଦ୍ଦୁଳୀ ଅଛି, ଠାଏଁ ଠାଏଁ ଅନେକ ବୁଦ୍ଧ ମନ୍ଦିର ଓ ବୌଦ୍ଧ ମୂର୍ତ୍ତି ମଧ୍ୟ ଦେଖାଯାଏ । ଓଡ଼ିଶାରେ ବହୁନଦୀ ଅଛି । କିନ୍ତୁ ପ୍ରାଚୀନଦୀର ମାହାତ୍ମ୍ୟ ବର୍ଣ୍ଣନା କରିବା ପାଇଁ ଯେପରି ଏକ "ପ୍ରାଚୀ ମହାତ୍ମ୍ୟ'' ଅଛି, ଅନ୍ୟ କୌଣସି ନଦୀ ସମ୍ବନ୍ଧରେ ସେଭଳି ଗ୍ରନ୍ଥ ନାହିଁ ।

'ପ୍ରାଚୀମହାତ୍ମ୍ୟ' 'ଅଷ୍ଟାଦଶପୁରାଣ'ର 'ପଦ୍ମପୁରାଣ'ରୁ ଉଦ୍ଧୃତ ଥିବାର ଜଣାଯାଏ । ସଂସ୍କୃତ ପ୍ରାଚୀପୁରାଣ ଜଣେ ପଣ୍ଡିତ ଲେଖିଥିଲେ । ପରେ ବାଙ୍କିର ଗୋବିନ୍ଦ ରଥେ ଏହାର ଓଡ଼ିଆ ଅନୁବାଦ କରି ପ୍ରକାଶ କରିଥିଲେ'' ଏହି ପୁରାଣରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରାଚୀ ତୀରରେ "ଦ୍ୱାଦଶ ଶମ୍ଭୁ'' ଙ୍କ ମନ୍ଦିର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିଲା । ସବୁଗୁଡ଼ିକ ଶିବ ମନ୍ଦିର । କିନ୍ତୁ ବହୁବର୍ଷ ମଧ୍ୟରେ ଏ ଅଂଚଳର ବୁଦ୍ଧ ମନ୍ଦିର ଓ ତାନ୍ତ୍ରିକ ଯୁଗର ଦେବାଦେବୀଙ୍କ ମନ୍ଦିର ମଧ୍ୟ ଭଙ୍ଗାରୁ ହେବାର ଦେଖାଯାଏ ।

କିନ୍ତୁ, ଅସଲ କଥା—ପ୍ରାଚୀ ତୀରର ପାର୍ଶ୍ୱ ୩୦ ମାଇଲ ଅଞ୍ଚଳରେ ଅତି ପୁରୁଣା କାଳର 'ଅଶୋକ ଯୁଗର' ( ? ) ବଡ଼ ପୋଡ଼ାଇଟା ତିଆରି "ବାମ୍ଫି'' ( ବଡ଼ କୂଅ ) ବହୁ ସଂଖ୍ୟାରେ ଥିଲା ଓ ଏବେ ମଧ୍ୟ ଅଛି । ବହୁ ସଂଖ୍ୟକ 'ପୁଷ୍କରିଣୀ' ଓ 'ଉଦ୍ୟାନ' ମଧ୍ୟ ଦେଖାଯାଏ । ଖାରବେଳଲିପିରେ ବର୍ଣ୍ଣିତ 'ପୃଥୁଦକ', 'ତଡ଼ାଗ', 'ନଦର' ଏବଂ ଅସଂଖ୍ୟ "ବୋଇତ କୂଦ'' ପ୍ରଭୃତି କେଉଁ ଯୁଗର ? ତାହା ଜାଣିବା ଦରକାର । 'ଚୌରାଶୀ' ଗ୍ରାମରେ ୮୪ (ଚଉରାଅଶୀ) ବାମ୍ଫି ଥିଲା ଏବଂ ନିକଟରେ ଏକ 'ସଭା ମଣ୍ଡପ', ଓ ଅଳ୍ପ ଦୂରରେ ଅମରେଶ୍ୱର ମନ୍ଦିର ପ୍ରଭୃତି ଦେଖା ଯାଏ । ମୋ "ପ୍ରାଚୀ'' ଲେଖା ମୁଁ ଇଂରାଜୀରେ ଲେଖି ଜୟସ୍ୱାଲଙ୍କ ପାଖକୁ ପଠାଇଥିଲି କିନ୍ତୁ ସେ କୌଣସି କାରଣରୁ ମୋ ଲେଖାକୁ 'ବିହାର ଓଡ଼ିଶା' ପତ୍ରିକାରେ ସ୍ଥାନ ମଧ୍ୟ ଦେଲେନି, ସେହି ଲେଖା ଦେଖି "ବରୁଆ'' କନକର ଦ୍ୱିତୀୟ ସଂସ୍କରଣରେ 'ପ୍ରାଚୀ' ନାମକୁ ସ୍ଥାନ ଦେଇଛନ୍ତି । ଏହା ଛଡ଼ା ଏଇ ଲେଖା ମୁଁ ଇଂଲଣ୍ଡ ମଧ୍ୟ ପଠାଇଲି । ମୋ ଲେଖା ଦେଖି ସେ କାଳର ବିହାର-ଓଡ଼ିଶା ଛୋଟ ଲାଟ ସାର୍ ଏଡ୍. ଓ୍ୱାର୍ଡ଼ ଗେଇଟ ଖଣ୍ଡିଏ ଚିଠିରେ ଲେଖିଥିଲେ—

1-10-1935
The Croft,
Park Hill,
Ealing U. 5

"I was much interested in the papers of which you sent a reprint to the Secretary, Royal College of Arts.

No doubt Mr. Jayaswal & others will give it their careful consideration.

E. U. Gait''

ମୋ ମତରେ ବିଶ୍ୱବିଦ୍ୟାଳୟ ତରଫରୁ ଏକ 'ବିଶେଷଜ୍ଞ' ଦଳ ଯଦି ପ୍ରାଚୀ ସମ୍ବନ୍ଧରେ ପୁଣି ଆଲୋଚନା ଆରମ୍ଭ କଲେ ବିଶେଷ ଉପକାର ସାଧିତ ହୁଅନ୍ତା । ସେ ଭଳି ଆଲୋଚନାରେ ମୁଁ ନିଶ୍ଚେ ଯୋଗ ଦିଅନ୍ତି ଓ ଖାରବେଳଙ୍କ "ମହା ବିଜୟ ପ୍ରସାଦ'' ପ୍ରାଚୀ ତୀରରେ ଥିବାର ପ୍ରମାଣ ଯୋଗାଇ ଦେବାରେ ମଧ୍ୟ ସମର୍ଥ ହୁଅନ୍ତି । ତଦ୍ୱାରା ପ୍ରାଚୀନ କଳିଙ୍ଗ—ଖାରବେଳ ଯୁଗର ଇତିହାସ ସଂପୂର୍ଣ୍ଣ ନୂଆ ଲେଖି ହେବ ।




ଆପଣ ଜାଣନ୍ତି କି............

ସମଗ୍ର ଭାରତର ଗ୍ରାମବାସୀମାନଙ୍କ ମୋଟ ଖର୍ଚ୍ଚର ଶତକଡ଼ା ୬୦·୧୪ ଭାଗ ଖାଦ୍ୟ ସାମଗ୍ରୀ ବାବଦରେ ବ୍ୟୟ କରାଯାଉଥିବା ସ୍ଥଳେ 'ସମଗ୍ର ଓଡ଼ିଶାର ଗ୍ରାମବାସୀମାନଙ୍କ ମୋଟ ଖର୍ଚ୍ଚର ଶତକଡ଼ା ୬୩·୧୧ ଭାଗ ଖାଦ୍ୟସାମଗ୍ରୀ ବାବଦରେ ବ୍ୟୟ କରାଯାଇଥାଏ ଏବଂ ଭାରତର ସହର ବାସିନ୍ଦାମାନଙ୍କ ମୋଟ ଖର୍ଚ୍ଚର ଶତକଡ଼ା ୬୧·୪୦ ଭାଗ ଖାଦ୍ୟ ସାମଗ୍ରୀ ବାବଦରେ ବ୍ୟୟ ହେଉଥିବାସ୍ଥଳେ ଓଡ଼ିଶାର ସହର ବାସିନ୍ଦାମାନେ ସେମାନଙ୍କ ମୋଟ ଖର୍ଚ୍ଚର ଶତକଡ଼ା ୬୦·୬୭ ଭାଗ ଏ ବାବଦରେ ବ୍ୟୟ କରିଥାନ୍ତି ?

ଓଡ଼ିଶାରେ ବ୍ୟାପକ ଅଞ୍ଚଳରେ (ଜଳସେଚିତ ହେଉ ନ ଥିବା) ଖାଦ୍ୟଶସ୍ୟ ଚାଷ କରାଯାଉଥିଲେ ହେଁ କେରଳ, ଆସାମ, ପଶ୍ଚିମ ବଙ୍ଗଳା, ମାନ୍ଦ୍ରାଜ ଆଦି ରାଜ୍ୟରେ ଏକର ପିଛା ଉତ୍ପାଦନର ପରିମାଣ ଯଥାକ୍ରମେ ଟ ୪୪୫·୪୪, ଟ ୩୪୭·୭୮, ଟ ୩୧୫·୬୧ ଓ ଟ ୬୬୬·୮୬ ହେଉଥିବାସ୍ଥଳେ ଓଡ଼ିଶାରେ ଏକର ପିଛା ଉତ୍ପାଦନର ପରିମାଣ ମାତ୍ର ଟ ୧୮୦·୩୦ ?

୧୯୬୫ ମସିହାରେ ସମଗ୍ର ଦେଶରେ ପ୍ରତି ୬,୧୫୬ ଲୋକଙ୍କ ନିମନ୍ତେ ଜଣେ ଡାକ୍ତରଥିବାସ୍ଥଳେ ଓଡ଼ିଶାରେ ପ୍ରତି ୯,୬୧୯ ଲୋକଙ୍କପାଇଁ ଜଣେ ଡାକ୍ତର ଥିଲେ ?

୧୯୬୬ ମସିହାରେ ସମଗ୍ର ଦେଶରେ ୧୮·୦୯ ନିୟୁତ ମେଟ୍ରିକ୍ ଟନ୍ ଲୁହାପଥର ଉତ୍ପାଦିତ ହୋଇଥିବା ସ୍ଥଳେ ଓଡ଼ିଶାରେ ମୋଟରେ ୫·୮୬ ନିୟୁତ ମେଟ୍ରିକ୍ ଟନ୍ ଲୁହାପଥର ଉତ୍ପାଦିତ ହୋଇଥିଲା ?

# ଗ୍ରାମେ ପଞ୍ଚ-ପରା ପରମ ଈଶ୍ୱର

ନରସିଂହ ନନ୍ଦ

ଗାନ୍ଧିଜୀଙ୍କ କଳ୍ପିତ ଗ୍ରାମ-ସ୍ୱରାଜ୍ୟର ମୂଳଦୁଆ ପଞ୍ଚାୟତିରାଜ । ଓଡ଼ିଶାର ଆଦିକବି ଶାରଳା ଦାସଙ୍କ-
ଠାରୁ ଆରମ୍ଭ କରି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଓ ଆଧୁନିକ କାଳର ବହୁ କବି ଓ
ଲେଖକ ପର୍ଯ୍ୟନ୍ତ ସମସ୍ତେ ପଞ୍ଚାୟତିରାଜର ପ୍ରଶଂସାରେ ମୁଖରିତ ହୋଇ ଉଠିଛନ୍ତି ।

ଓଡ଼ିଶାରେ ପଞ୍ଚାୟତିରାଜ ଶାସନର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବାକୁ ଯାଇ
ଶ୍ରୀ ନରସିଂହ ନନ୍ଦ ଆମକୁ ହିସାବ କିତାବର ଜଟିଳତା ମଧ୍ୟକୁ ଟାଣି ନାହାନ୍ତି, ବରଂ ପଞ୍ଚାୟତିରାଜ
ନ୍ତାଧାରାର ଅନ୍ତର୍ନିହିତ ମହତ୍ତ୍ୱ ସହିତ ଆମକୁ ପରିଚିତ କରାଇ ପାରିଛନ୍ତି ବୋଲି ଆମର ବିଶ୍ୱାସ ।

ସେ ଦିନର ସରଳ ଶାନ୍ତ ପଲ୍ଲୀ ଜୀବନ ପ୍ରତି ଆଜ
ହାବଲୋକନ କଲେ ହତାଶ ହେବାକୁ ପଡ଼େ ।
ପରମେଶ୍ୱରଙ୍କ ସାମ୍ନାରେ ମିଛ କହିବାକୁ ସେ-
ଳର ମଣିଷ ଡରୁଥିଲେ । ଗାଁର ଚଳଚଳଣି ବାଦ-
ାଦ, ଦୁଃଖସୁଖ, ଉନ୍ନତି ଅବନତି ସବୁ ବୁଝୁଥିଲେ
ାୟତ, ଭାଗବତ ଟୁଙ୍ଗୀରେ ଭାଗବତ ଗାଦିକୁ ସାକ୍ଷୀ
ନିଜନିଜର ଅଭାବ ଅସୁବିଧା, ହାନିଲାଭର ସମାଧାନ
ଉଥିଲେ ପଦେ ପଦେ କଥାରେ ସେ ଦିନର ସେହି
ସରଳ ସଜ୍ଜାରେ ଏବଂ ଆମ ଦେଶର ପଲ୍ଲୀ
ଳରେ ଏହି ପଞ୍ଚାୟତ ଅନୁଷ୍ଠାନଟି ଥିଲା
ଏକମାତ୍ର ବିଶ୍ୱାସନୀୟ ବିଚାର ସଂସ୍ଥା । ଦୋଷୀ ସ୍ୱୟଂ
ନିଜନିଜର ଦୋଷ ସ୍ୱୀକାର କରୁଥିଲେ । ଭାଇ ଭାଇକୁ
କୋଳାଗ୍ରତ କରୁଥିଲା, ବିବାଦର ସମାଧାନ ପରେ
ପରେ ସେହି ଭାଗବତ ଗୋସାଇଁଙ୍କୁ ସାକ୍ଷୀରଖି ସବୁ
ଦିନ ପାଇଁ ବନ୍ଧୁତାର ବନ୍ଧନରେ ବାନ୍ଧି ରଖୁଥିଲା
ସେ ଯୁଗର ନିରୀହ ମଣିଷଟି । ତା'ପରେ ଗାଁର ଉନ୍ନତି
ଯାନଯାତ୍ରା, ମେଳାମଉଛବ, ବୃଷବାଦ, ଶିକ୍ଷା ସଂସ୍କୃତି
ସବୁର ଆଲୋଚନାସ୍ଥଳୀ ଥିଲା ସେହି ଭାଗବତ
ଟୁଙ୍ଗୀର ପଞ୍ଚାୟତ ବୈଠକ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ—

"ଗ୍ରାମେ ପଞ୍ଚପଞ୍ଚ ପରମ ଈଶ୍ୱର,
କର ପୁଣି ଗ୍ରାମେ ସ୍ଥାପନା ତାଙ୍କର
ସର୍ବେ ବାନ୍ଧ ମେଳ, ମାନ ତାଙ୍କୁ ଚଳ,
ପ୍ରକାଶିବ ଗ୍ରାମେ ପୁଣି ନବ ବଳ ।"

ସେଦିନ ଯେଉଁ ବଳରେ ଏ ଦେଶର ପଲ୍ଲୀ ଜୀବନ ବଳିଷ୍ଠ ହୋଇଥିଲା । ବ୍ରିଟିଶ ଶାସନର ପ୍ରବର୍ତ୍ତନ ଦ୍ୱାରା ଆମ ଗାଁ ଗହଳର ଶାନ୍ତିପୂର୍ଣ୍ଣ ଜୀବନ-ଧାରାରେ ପଞ୍ଚାୟତର ସେଇ ବଳିଷ୍ଠ ପ୍ରଭାବ ନଷ୍ଟ ହୋଇଗଲା । ଦେଶର ରାଜନୈତିକ କ୍ଷେତ୍ରରେ ଯାହା କିଛି ପରିବର୍ତ୍ତନ ହେଲେ ବି ପଲ୍ଲୀ ଜୀବନର ଶାନ୍ତ ପରିବେଶମାନଙ୍କୁ ତାହା ସ୍ପର୍ଶ କରୁନଥିଲା କିନ୍ତୁ ଇଂରେଜ ଶାସନ ଅମଳରେ ଗାଁରେ ଚଉକିଦାରଙ୍କ ଚନ୍ଦା । ସରବରା-କାରଙ୍କ ଦୌରାତ୍ମ୍ୟ, ତହସିଲଦାରଙ୍କ ହୁକୁମ୍ ବଳରେ ନିଷ୍ଠୁର ରାଜସ୍ୱ ଆଦାୟ ପଦ୍ଧତି ଦ୍ୱାରା ପଞ୍ଚାୟତର ସେ ପୂର୍ବ ଧବଳତା ନଷ୍ଟ ହୋଇଗଲା । ଶାନ୍ତିର ନିରବଛିନ୍ନ ରାଜତ୍ୱକୁ ଇଂରେଜ ଶାସନର ଅଶାନ୍ତ ଝଞ୍ଜା ଧୂଳିସାତ୍ କରିଦେଲା ।

## ଗଣଚେତନାର ନବ ଜାଗରଣ

ଉତ୍କଳମଣି ଗୋପବନ୍ଧୁଙ୍କ ମୃତ୍ୟୁର ତିନ ଦଶନ୍ଧି ପରେ ୧୯୬୧ ମସିହା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାରେ ପୂର୍ଣ୍ଣ ପଞ୍ଚାୟତ ଶାସନ ପ୍ରତିଷ୍ଠା ଲାଭକଲା । ଆଜି ୮ ବର୍ଷ ପଞ୍ଚାୟତିରାଜ ଶାସନରେ ଓଡ଼ିଶାର ମୁମୂର୍ଷୁ ଜନତା ପ୍ରାଣରେ ନବବଳ ପ୍ରକାଶିତ ହୋଇଛି କି ନାହିଁ ସେ କଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଥିଲେ ହୁଏତ ବିଚାର କରିଥାନ୍ତେ ।

କିନ୍ତୁ ପଞ୍ଚାୟତିରାଜ ପ୍ରବର୍ତ୍ତନ ଫଳରେ ଓଡ଼ିଶାର ସୁଦୂରପଲ୍ଲୀରେ କିଛି ଗୋଟାଏ ପରିବର୍ତ୍ତନ ସେ ନିଶ୍ଚୟ ହୋଇଛି ଏକଥା ଅସ୍ୱୀକାର କରି[illegible] ପାରିବ ନାହିଁ । ଦିନଥିଲା ଯେତେବେଳେ ସୁଦୂ[illegible] ଅନ୍ଧାର କୋଣରେ ପଡ଼ିଥିବା ନିରକ୍ଷର ମଣିଷଟି, [illegible] ଗଣତାନ୍ତ୍ରିକ ଶାସନ ସଂସ୍ଥାର ଏକ ଅଙ୍ଗ [illegible] ଜାଣୁ ନ ଥିଲା । ଏ ବିରାଟ ଜାତି ମଧ୍ୟରେ [illegible] ନିଜର ଦାୟିତ୍ୱ ଓ ଅଧିକାର କିଛି ଅଛି [illegible] ସଚେତନ ହୋଇ ନ ଥିଲା । ଆଜି ଓଡ଼ି[illegible] ପଞ୍ଚାୟତିରାଜ ଶାସନ ଗାଁଗହଳରେ ଯାହା [illegible] କରୁନା କାହିଁକି, ଅନ୍ତତଃ ସେ ସୁଦୂର ପଲ୍ଲୀର [illegible] ସେଇ ଅନ୍ଧାର ମୂଳକରେ ସରକାର [illegible] ଲୋକମାନଙ୍କ ପାଇଁ ସରକାର କଣ କରି[illegible] ପାରୁଛନ୍ତି ଓ ସରକାର ପ୍ରତି ଲୋକଙ୍କର କର୍ତ୍ତବ୍[illegible] ଦାୟିତ୍ୱ କଣ, ସେ ସମ୍ପର୍କରେ ଅନ୍ତତଃ [illegible] ସଚେତନ ବାର୍ତ୍ତା ପହଞ୍ଚାଇ ପାରିଛି । ଏହା ଫ[illegible] ପଲ୍ଲୀ ଜନତାର ଅବଚେତନ ମନରୁ ସୁପ୍ତ [illegible] ଲୁପ୍ତ ପ୍ରାୟ ଗଣତାନ୍ତ୍ରିକ ଚେତନା ପୁନର୍ଜ[illegible] ହୋଇ ପାରିଛି । ଆଜିର ନିର୍ବାଚିତ ପଞ୍[illegible] କର୍ମକର୍ତ୍ତା ଓ ପଞ୍ଚାୟତିରାଜ ଶାସନର କର୍ମଚାରୀ[illegible] ଗାଁଗହଳରେ ଶୋଇ ରହିଥିବା ନିରନ୍[illegible] ନିଦରୁ ଉଠାଇ ବିଭିନ୍ନ ଉନ୍ନୟନମୂଳକ [illegible] ନିମନ୍ତେ କର୍ମଚଞ୍ଚଳ କରାଇ ପାରୁଛନ୍ତି, ଅନ୍ତତଃ[illegible] ଏତିକି ବି ପଞ୍ଚାୟତିରାଜ ପ୍ରବର୍ତ୍ତନ ଦ୍ୱାରା ପ୍ର[illegible] ଫଳ ମିଳି ପାରିଛି ।

## କୃଷି ଉନ୍ନୟନ

କୃଷି ହିଁ ପଞ୍ଚାୟତିରାଜ କାର୍ଯ୍ୟକ୍ରମର ମୁଖ୍ୟ ଅ[illegible] ଏ ଦିଗରେ ଏପର୍ଯ୍ୟନ୍ତ ଆମେ ସ୍ୱାବଲମ୍ବୀ [illegible] ପାରିନାହୁଁ । ଓଡ଼ିଶାର ଅନେକ ପଞ୍ଚାୟତ ଅଞ୍[illegible] ଏପର୍ଯ୍ୟନ୍ତ ଅନେକ କୃଷୋପଯୋଗୀ ଜମି ଅନାବ[illegible] ହୋଇ ପଡ଼ି ରହିଛି । କୃଷି ବିଭାଗ କେଉଁ ଅଞ୍ଚଳ[illegible] କେତେ ପରିମାଣରେ କି ପ୍ରକାର ଫସଲ ଉତ୍ପ[illegible] ହୋଇ ପାରିବ, ତାହା ପଞ୍ଚାୟତର କର୍ମକର୍ତ୍ତା ଓ ଅ[illegible]

କୃଷକମାନଙ୍କୁ ବୁଝାଇ, କୃଷୀମାନଙ୍କୁ ଉନ୍ନତ ବୀହନ, ପାଣି ପମ୍ପ ଆଦି ଜରିଆରେ ଜଳସେଚନ ବ୍ୟବସ୍ଥା କରାଇ ପାରିଲେ ଏବଂ ଉତ୍ପାଦିତ ଫସଲକୁ ନିୟନ୍ତ୍ରିତ ବଜାରରେ ବିକ୍ରୀ ବ୍ୟବସ୍ଥା କଲେ ଗାଁଗହଳର କୃଷି ଉନ୍ନୟନ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହୋଇ ପାରନ୍ତା । ଅଧିକାଂଶ ଅଞ୍ଚଳରେ ଫସଲ ପାଇଁ କେବଳ ବର୍ଷା ପାଣି ଉପରେ ନିର୍ଭର କରାଯାଏ । ପଞ୍ଚାୟତ କର୍ମକର୍ତ୍ତାମାନେ କୃଷୀମାନଙ୍କ ସୁବିଧା ଅସୁବିଧା ବୁଝି, ଏକାନ୍ତଭାବେ ଏଦିଗ ପ୍ରତି ଆଗ୍ରହ ଦୃଷ୍ଟି ପକାଇଲେ, ଗାଁ ଗହଳରେ ଶିକ୍ଷକ, ଛାତ୍ର ଛାତ୍ରୀ, ଯୁବକସଂଘ, ମହିଳା ସମିତି ଜରିଆରେ ବିଭିନ୍ନ ପ୍ରକାର ଲାଭଜନକ ଫସଲ, ପନିପରିବା, ନଡ଼ିଆ, ଗୁଆ, ଆମ୍ବ, ପିଜୁଳି, ସପେଟା, କାଗେଜିଲେମ୍ବୁ, ଜାମ୍ବୁରେଲି, ମୋଜାମ୍ବିକ ଆଦି ବିଭିନ୍ନ ପ୍ରକାର ଫଳ ଓ କଦଳୀ ବଗିଚା ଆଦି ସଫଳ ଭାବେ କରାଯାଇ ପାରନ୍ତା । ଅବଶ୍ୟ ଆଜି ଚାଇନ୍ଦ୍‌ ପ୍ରଭୃତି ନୂତନ ବୈଜ୍ଞାନିକ ପଦ୍ଧତିରେ ଧାନ ଚାଷ କରି, କୃଷି ବିଭାଗ ଓ ବ୍ଲକ ତରଫରୁ ଉତ୍ସାହିତ ହୋଇ ଅନେକ କ୍ଷେତ୍ରରେ କୃଷୀମାନେ କଳ୍ପନାଶୀତ ଲାଭ ପାଇପାରୁଛନ୍ତି । ଏହି ସମସ୍ତ ଆଧୁନିକ ଫସଲ ଉତ୍ପାଦନ ପ୍ରଣାଳୀ କ୍ରମେ ଲୋକପ୍ରିୟତା ଅର୍ଜନ କରୁଛି, କିନ୍ତୁ ଯେଉଁଠି ବା ଜଳସେଚନ ସୁବିଧା ନଥିବା ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ଯୋଜନା, ପାହାଡ଼ିଆ ଅଞ୍ଚଳକୁ ବୁଲ୍‌ଡୋଜର ଓ ଟ୍ରାକ୍ଟର ଆଦି ଯୋଗାଇ ଦେଲେ କୃଷିପାଇଁ ଲୋକଙ୍କ ଉତ୍ସାହ ଅଧିକ ବୃଦ୍ଧି ପାଇବ ।

## ଗୋ-ଜାତିର ସମୃଦ୍ଧି

କୃଷି ସଙ୍ଗେ ଗୋଜାତିର ସମୃଦ୍ଧି ପାଇଁ ଉନ୍ନତ ଧରଣର ହଳିଆ ଷଣ୍ଢ, ଉନ୍ନତ ଧରଣର ଛେଳି, ଘାସ, କେତେକ ପଞ୍ଚାୟତ ଅଞ୍ଚଳରେ ଯୋଗାଇ ଦେବା ଦ୍ୱାରା ଗୋ-ଗୃହପାଳିତ ଜାତିର ସମୃଦ୍ଧି ଘଟିଛି । ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟମାନଙ୍କରେ ଷ୍ଟକ୍‌ମ୍ୟାନ୍ କେନ୍ଦ୍ର ଓ ପଶୁ ଚିକିତ୍ସାଳୟମାନ ଖୋଲାଯାଇଛି । ଗୋଖାଦ୍ୟର ଉନ୍ନତି ପାଇଁ ବିଭିନ୍ନ ଗୋଚର ଉନ୍ନୟନ କେନ୍ଦ୍ର ଖୋଲାଯାଇ ଘାସ ଚାଷ କରାଯାଉଛି । ମାତ୍ର ଆଧୁନିକ ପ୍ରଣାଳୀରେ ଡାଇରୀଫାର୍ମମାନ ପ୍ରତିଷ୍ଠା କରାଇ ଗାଁଗହଳକୁ ଦୁଗ୍ଧ ଓ ଲହୁଣୀ ଉତ୍ପାଦନର ପ୍ରଣାଳୀ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଯୋଗାଇ ଦେବା ଆବଶ୍ୟକ ।

## କୁକୁଡ଼ା ପାଳନ

କୁକୁଡ଼ା ପାଳନ ମଧ୍ୟ ଗ୍ରାମପଞ୍ଚାୟତ ଅଞ୍ଚଳରେ ଏକ ଆଦୃତ କାର୍ଯ୍ୟକ୍ରମ ଭାବେ ଗୃହୀତ । ମହିଳା ସମିତି ଓ ଯୁବକସଂଘମାନେ କୁକୁଡ଼ା ପାଳନ ଦ୍ୱାରା ଅଧିକାଂଶ ସ୍ଥଳରେ ଲାଭବାନ୍ ହୋଇଥିବାରୁ ଅନେକ ପଞ୍ଚାୟତ ଅଞ୍ଚଳରେ ଉନ୍ନତ ଧରଣର ଆର. ଆଇ. ଆର. ଏବଂ ହ୍ୱାଇଟ୍ ଲେଗହର୍ଣ୍ଣ ପାଳନ କରାଯାଉଛି । ଏହାଦ୍ୱାରା ପୁଷ୍ଟିକର ଅଣ୍ଡା ମିଳୁଛି । କୁକୁଡ଼ା ଖତ ମଧ୍ୟ ଏକ ଉନ୍ନତଧରଣର ସାରରୂପେ ବ୍ୟବହୃତ ହେଉଛି । ପ୍ରତି ପଞ୍ଚାୟତ ସମିତିରେ ନିୟମିତ ଭାବେ କୃଷି, ଗୋ-ପାଳନ ଓ କୁକୁଡ଼ା ପାଳନର ପ୍ରଦର୍ଶନୀ ଆୟୋଜନ କରାଗଲେ ଗାଁଗହଳର ଲୋକେ ଏଥିପ୍ରତି ଅଧିକ ଉତ୍ସାହୀ ହୋଇ ପାରନ୍ତେ ।

## ଉନ୍ନୟନମୂଳକ କାର୍ଯ୍ୟ

ଗାଁଗହଳରେ ନଳକୂଅ ଦ୍ୱାରା ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ଉନ୍ନତ ରାସ୍ତା ନିର୍ମାଣ ଆଦି ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବସ୍ତୁତଃ ଦେଖା ଯାଉଛି ଯେଉଁ ଅଞ୍ଚଳରେ ଲୋକମାନଙ୍କର ଆନ୍ତରିକତା ଓ ଉତ୍ସାହ ଯେତେ ଅଧିକ, ସେହିସବୁ ଅଞ୍ଚଳରେ ଏ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସୁସ୍ଥୁରୂପେ କରାଯାଇ ପାରୁଛି ।

ଗାଁର ଅଳିଆ ନର୍ଦ୍ଦମା ସଫା, ସୋଖପିଟ୍ର ପକ୍କାଘର, କମ୍ପୋଷ୍ଟ ତିଆରି, କଲେରା ଓ ବସନ୍ତ ପ୍ରଭୃତି

ଋତୁଶୋଧକ ଇଞ୍ଜେକ୍ସନ୍ ଓ ଟୀକା ବ୍ୟବସ୍ଥା, ଜନ୍ମ-ମୃତ୍ୟୁ ହିସାବ ରକ୍ଷଣ, ଉଚିତ ଦରରେ କଣ୍ଟ୍ରୋଲ ଜିନିଷଗୁଡ଼ିକର ଯୋଗାଣ ଆଦି କାର୍ଯ୍ୟକ୍ରମମାନ ଗାଁମାନଙ୍କରେ ପଞ୍ଚାୟତ ସଭ୍ୟ, ସରପଞ୍ଚ, ମହିଳା ସମିତି ଓ ଯୁବକସଂଘ ଆଦି ସହଯୋଗ କରି ସଫଳ କରୁଛନ୍ତି । ସ୍ୱାସ୍ଥ୍ୟ ପରିମଳ ଦୃଷ୍ଟିରୁ ଗାଁଗହଳରେ ଦରପାଳି ପାଇଖାନାର ସଂଖ୍ୟା ମଧ୍ୟ ଘରେ ଘରେ ବୃଦ୍ଧି ପାଉଛି ।

## ଟିକସ ଉଠିଗଲା

ପଞ୍ଚାୟତ ଟ୍ୟାକସ୍, ଯାନବାହାନ ଟ୍ୟାକସ୍ ଓ ବ୍ୟବସାୟ ଟିକସ ଆଦି ବିଭିନ୍ନ ପ୍ରକାର କର ହାରରୁ ଗାଁଗହଳର ଲୋକମାନଙ୍କୁ ରକ୍ଷା କରିବାକୁ ରାଜ୍ୟ ସରକାର ଏବେ ସେ ସବୁ ଟ୍ୟାକ୍ସ ପଞ୍ଚାୟତରୁ ଉଠାଇ ଦେଇଛନ୍ତି । ଯେଉଁମାନଙ୍କୁ ଏ କର ହାର ପ୍ରଯୁକ୍ତ ହୋଇଥିଲା, ତାହା ଉଠି ଯିବାରୁ ସେମାନଙ୍କ ଭିତରୁ ଅନେକ ଏବେ ଅସନ୍ତୋଷ ପ୍ରକାଶ କରିବାର ଦେଖାଯାଉଛି । କାରଣ ସେମାନଙ୍କ ମତରେ ପଞ୍ଚାୟତ ଲୋକେ ଟିକସ ଦେଉଥିଲେ ବୋଲି ଅନୁଭବ କରୁଥିଲେ ଯେ ପଞ୍ଚାୟତ ବୋଲି ଗୋଟାଏ ଅଛି ଓ ତା'ର ଆମ ପ୍ରତି କିଛି ଏବଂ ଆମମାନଙ୍କର ପଞ୍ଚାୟତ ପ୍ରତି କିଛି କର୍ତ୍ତବ୍ୟ ରହିଛି । ସେ ଯାହା-ହେଉ ଅନେକ କ୍ଷେତ୍ରରେ ସେ ଟିକସ ବାବଦ୍ ଆଦାୟ ଅର୍ଥହିଁ ସମସ୍ତ ଅନର୍ଥର ମୂଳ ହେଉଥିଲା । ଏବେ ମାଛ ଚାଷ, ଫଳ ବଗିଚା, କାଞ୍ଜିଆହୁଦା, ହାଟ-ବଜାର ଓ ଘାଟ ଆଦି ବିଭିନ୍ନ ଅଣଟିକସ ସୂତ୍ରରୁ ମଧ୍ୟ ପଞ୍ଚାୟତର ବିଭିନ୍ନ ଆୟ କରାଯାଇ ପାରିବ ଓ ପାରୁଛି ମଧ୍ୟ, ଅନେକ ପଞ୍ଚାୟତରେ ମାଛ ଚାଷ ବେଶ୍ ଲାଭଜନକ ଓ ଲୋକପ୍ରିୟ ଆୟ ପନ୍ଥାରୂପେ ଆଦୃତ ହୋଇ ପାରୁଛି, ଏହି ସବୁ ଅଣଟିକସ ସୂତ୍ରର ଆୟରୁ ପଞ୍ଚାୟତର ବିଭିନ୍ନ ଲୋକହିତକର କାର୍ଯ୍ୟ କରା-ଯାଉଛି ।

## କେନ୍ଦ୍ର ସୂତ୍ର ଆୟ ଓ ଋଣ ବ୍ୟବସ୍ଥା

କେନ୍ଦ୍ରପ୍ରଦତ୍ତ ଉନ୍ନ ହେଉଥିବା ଜିଲ୍ଲାମାନଙ୍କ ପଞ୍ଚାୟତ ସମିତି ଓ ପଞ୍ଚାୟତମାନଙ୍କ ଆୟ ଶତକଡ଼ା ୫୦ ଭାଗ ବିଭିନ୍ନ ଲୋକହିତକର କା ପାଇଁ ମଞ୍ଜୁର ହୋଇଥାଏ ।

ଏହା ବ୍ୟତୀତ ରାସ୍ତା ନିର୍ମାଣ, ପାନୀୟଜଳ ଯୋଗା ମାଛଚାଷ, ଚୂଡ଼ାକଳ ଓ ଧାନକଳ ବସାଇବା ନିମ ସରକାର ମଧ୍ୟ ପଞ୍ଚାୟତମାନଙ୍କୁ ଋଣ ସୂତ୍ରରେ ଟ ମଞ୍ଜୁର କରୁଛନ୍ତି ।

ସ୍ୱା ଭିତରେ ନୂତନ ଗ୍ରାମପଞ୍ଚାୟତ ଆଇ ୧୯୬୪ରେ ଗଠିତ ହୋଇଛି ଓ ୧୯୬୮ ଗ୍ରାମପଞ୍ଚାୟ ନିୟମାବଳୀ ସ୍ୱୀକୃତ ହୋଇ ପଞ୍ଚାୟତ ପରିଷ୍କାର କରାଯାଉଛି । ପଞ୍ଚାୟତମାନଙ୍କର ପୁନର୍ଗଠନ କରାଯ ସାରା ଓଡ଼ିଶାରେ ପଞ୍ଚାୟତ ଓ ପଞ୍ଚାୟତ ସମି ନିର୍ବାଚନ ଶେଷ ହୋଇ ନୂତନ କର୍ମକର୍ତ୍ତାମାନେ କା କରୁଛନ୍ତି ତେବେ ସବୁଠାରୁ ବଡ଼ କଥା ହେ ଲୋକମାନଙ୍କର ମନୋଭାବ, ନିଜର ବ୍ୟକ୍ତିଗତ ସ୍ୱାର୍ଥ ପ୍ରତ୍ୟେକ ମଣିଷର ଅଛି, ତେବେ ସମସ୍ତେ ଅମ ଯଦି ଚିନ୍ତା କରନ୍ତେ ଯେ ଆମେ ଗୋଟିଏ ଗୋଷ୍ଠୀ ବ୍ୟକ୍ତିକୁ ନେଇ ଗୋଟିଏ ଗାଁ ଏବଂ ପ୍ରତ୍ୟେକ ବ୍ୟକ୍ତିଗତ ନିସ୍ୱାର୍ଥ ଉଦ୍ୟମ ଦ୍ୱାରା ସେହି ଗାଁ ମାନଙ୍କୁ ଉନ୍ନତ କରିବାକୁ ହିଁ ହେବ, ତେ ଆଉ କିଛି ଅସୁବିଧା ହୁଅନ୍ତା ନାହିଁ ।

ସ୍ୱଭାବ କବି ଗଙ୍ଗାଧର ଲେଖିଥିଲେ—

ବାଛି ବାଛି ସୁଧାର୍ମିକ ପାପଶାନ୍ତଜନ,
ହେବ ଯଦି ପଞ୍ଚାୟତ ଗଠନ ପୂ
ଶିକ୍ଷା ଦିଆଯାଉଥିବ ହିତର ବିଧାନ,
କରାଯାଉଥିବ ବାରବାର ସାବଧ

(ଅବଶିଷ୍ଟାଂଶ ୪୩ ପୃଷ୍ଠା ଦେଖନ୍ତୁ)

# କମସରା ଗାଁର ଇତିକଥା

ଶ୍ରୀ ଅଚ୍ୟୁତାନନ୍ଦ ଜେନା

> ଓଡ଼ିଶା ସରକାରଙ୍କ ଲୋକସଂପର୍କ ବିଭାଗଦ୍ୱାରା ପରିଚାଳିତ ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ଆଞ୍ଚଳିକ ସଂଗଠକ ରୂପେ ଶ୍ରୀ ଅଚ୍ୟୁତାନନ୍ଦ ଜେନା ବଲାଙ୍ଗିର ଜିଲ୍ଲାର ଆଦିବାସୀ-ଅଧ୍ୟୁଷିତ କମସରା ନାମକ ଗ୍ରାମକୁ ସରକାରୀ କାର୍ଯ୍ୟୋପଲକ୍ଷେ ଯାଇ ଯେଉଁ ଅନୁଭୂତି ଅର୍ଜନ କରିଥିଲେ, ଏ ଲେଖାଟିରେ ତାହାହିଁ ଅତି ସହଜ ଓ ସରଳ ଭାବେ ବର୍ଣ୍ଣନା କରିଛନ୍ତି ।

ଖରାଦିନର ଏକ ଝାଂଜ ଅପରାହ୍ଣ—ସୂର୍ଯ୍ୟଙ୍କର ତେଜ ମଉଳିବାକୁ ବହୁ ସମୟ ଅଛି । ହାଇଁ ହାଇଁ ଖରା-ପବନ ବାଜି ଆସି କାନ ବୁଜଦେଇ ପଡୁଥାଏ—ଆମ ଗାଡ଼ି ବଣ, ପାହାଡ଼, ନଈ, ନାଳ ଡେଇଁ ପହଞ୍ଚିଲା କମସରା ଗାଁରେ ।

କେତେଦିନ ଆଗରୁ ଯେଉଁ କ୍ଷେତଗୁଡ଼ିକ ସବୁଜ ରଙ୍ଗ ଉପରେ ସ୍ୱର୍ଣ୍ଣଶସ୍ୟର ଲୀଳାକ୍ଷେତ୍ର ଥିଲା । ଆଜି ସେ ସମସ୍ତର ପରିସମାପ୍ତି ଘଟିଛି—କେବଳ ଦେଖିବାକୁ ମିଳେ କ୍ଷେତ ଉପରେ ଲଙ୍ଗଳମୁନର ଗାରକୁ ଗାର । କମସରା ଗାଁର ମାଟିକୁ ଆହୁରି ଉଭାଇ ଲାଲ ଟହ ଟହ କରୁଛି ଗାଁ ଦୁଇପାଖର ଡାଙ୍ଗର ପାହାଡ଼—ବଣୀ ଝୁଲ ଓ ତୁଣ୍ଡାଖାଇ ଗାଁଟିକୁ ଦେଖିଲେ ମନେ ହେବ ଶତ୍ରୁ କବଳରୁ ରକ୍ଷା ପାଇବାପାଇଁ ସତେ ଯେପରି ଗାଁ ଚାରିପାଖେ ବେଢ଼ି ରହିଛି ଏହି ପାହାଡ଼ ଦୁଇଟି । ପାହାଡ଼ର ପାଦ ଦେଶରେ ଏହି କମସରା ଗାଁର ଅଧିବାସୀଏ ବସବାସ କରନ୍ତି । ଆମକୁ ଦେଖି ଗାଁ ଲୋକେ ଆମ ଚାରିପାଖେ ଘେରିଗଲେ—କଥା କ'ଣ ? ଆଜିପର୍ଯ୍ୟନ୍ତରେ ଆମ କଳିବସନ୍ତକୁ ଏମାନେ କାହିଁକି ଆସିଲେ ? ଗାଁ ଲୋକଙ୍କ ସନ୍ଦେହକୁ ଦୂର କରିବାପାଇଁ କେତେ ଜଣ ବୟୋଜ୍ୟେଷ୍ଠ ଲୋକଙ୍କୁ ମଉସା ବୋଲି ସମ୍ବୋଧନ କରି ଗାଁର ଇତିହାସ, କମସରା ଗାଁର ନାମ କିପରି ହେଲା ବୋଲି ଜାଣିବାକୁ ଚାହିଁଲି । ସେମାନେ କହିଲେ—ଆମ ଗାଁ ଗୋଟିଏ କନ୍ଧବହୁଳ ଗାଁ—ବହୁ ଦିନ ଆଗରୁ ଆମ ପୂର୍ବପୁରୁଷମାନେ କନ୍ଧମାଳରୁ ଆସି-ଥାଇପାରନ୍ତି ବୋଲି ଅନୁମାନ । କାରଣ ଫୁଲବାଣୀ ଜିଲ୍ଲାର ଶେଷ ପ୍ରାନ୍ତ ଆମ ଗାଁକୁ ଲାଗିକରି ରହିଛି । କେବଳ ମଝିରେ ତେଲ ନଦୀ । ପୂର୍ବେ ଆମ

ବଂଶଧରମାନେ ଏହି ଦୁଇ ପାହାଡ଼ରୁ ବଡ଼ ବଡ଼ ପଥର କଟାଇ ତା'ର ଉପରେ ବିଭିନ୍ନ ପ୍ରକାର ମୂର୍ତ୍ତି ଓ କାରୁକାର୍ଯ୍ୟ କରିବାରେ ସିଦ୍ଧହସ୍ତ ଥିଲେ ବୋଲି ଆମ ଗାଁର ନାମ କମସସ୍ର ରଖାଯାଇଅଛି । ଅବଶ୍ୟ ଆଜି ପାହାଡ଼ର ସେ ବଡ଼ ବଡ଼ ଶିଳା ନାହିଁ କି କନ୍ଧଙ୍କର ସେ ପଥରକଟା କଳୁଶୀ ନାହିଁ । ଏବେ ମଧ୍ୟ ଆମ ପୂର୍ବ ବଂଶଧରଙ୍କର ହାତରୁ ଘଣ ମହାନଦୀ କୂଳରେ ଛପିହୋଇ ଛିଡ଼ା ହୋଇଛି ବୈଦ୍ୟନାଥ ବୌଦ୍ଧ ମନ୍ଦିର । ତା'ଛଡ଼ା ଆମ ଗାଁର ଜଗତନାଥ ଓ ପାଟ-ଖଣ୍ଡା ମନ୍ଦିରର କାରୁକାର୍ଯ୍ୟ ଆମକୁ ଆମ ପୂର୍ବ ବଂଶର ପରିଚୟ ଦିଏ ।

ଗାଁ ଲୋକଙ୍କ କଥା ଶୁଣି ମନରେ ଏକ କୌତୁହଳ ଜାତ ହେଲା ପାଟଖଣ୍ଡା ମନ୍ଦିର ବିଷୟରେ ଜାଣିବାକୁ । ଏହା ଏକ ବହୁ ପୁରାକାଳର ଜମିଦାରୀ ଗାଁ—ଜମିଦାର ନିଜେ ଜଣେ କନ୍ଧ ହୋଇଥିବାରୁ ଉକ୍ତ କମସସ୍ର ଗାଁକୁ କନ୍ଧ ଜମିଦାରୀ ଗାଁ ବୋଲି କହନ୍ତି । ଗାଁ ର ଶତକଡ଼ା ୬୦ ଭାଗ କନ୍ଧବସତି ଓ ବାକି ୪୦ ଭାଗ ସ୍ୱାଧୀନତା ପରେ ଅନ୍ୟାନ୍ୟ ଜାତି ବାହାରୁ ଆସି ବସବାସ କରି ରହିଛନ୍ତି । କନ୍ଧ ଜମିଦାରଙ୍କ ମୂଳ ଆରାଧ୍ୟ ଦେବୀ ପାଟଖଣ୍ଡା ଠାକୁରାଣୀ ଓ କନ୍ଧ ବୁଢ଼ୀ-ଠାକୁରାଣୀ—ଏହି ପାଟଖଣ୍ଡା ଦେବତା ଆକାରରେ ମନ୍ଦିରରେ ରହି ପୂଜା ପାଆନ୍ତି । ମନ୍ଦିରରେ ଦେଖିବାକୁ ମିଳେ ଗୋଟିଏ ବଡ଼ ପୁରୁଣା କାଳର ଖଣ୍ଡାକୁ ନାଲି କପଡ଼ିଆ ବୁଣା ଶାଢ଼ୀରେ ରଖାଯାଇ ଫୁଲ ଚନ୍ଦନ ଦିଆଯାଇ ପୂଜା ହେଉଛି । ପୂଜା ପାଉଥିବା ଏହି ଖଣ୍ଡାଟି ସୋନପୁର ସବ୍‌ଡିଭିଜନର ସମସ୍ତ ଖଣ୍ଡାଠାରୁ ତୀକ୍ଷ୍ଣ ଓ ଅତି ଦମନକାରୀ ହୋଇଥିବାରୁ ପାଟ (ସର୍ବଶ୍ରେଷ୍ଠ) ଖଣ୍ଡା ନାମରେ ରାଜପଦବୀ ପାଇଛି ।

ଏହି ପାଟଖଣ୍ଡା ଠାକୁରାଣୀଙ୍କର ବଡ଼ ପର୍ବ ହେଉଛି ଆଶ୍ୱିନ ମ.ସର କୃଷ୍ଣ ଅଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ । ଏହି କେତେ ଦିନ ଗାଁ ଲୋକେ ଆନନ୍ଦରେ ବିଭୋର ହୋଇ ପଡ଼ନ୍ତି —ସ୍ୱଲେ ଖଣ୍ଡା ତରବାଲର ମହୋତ୍ସ... ଖଣ୍ଡାଖେଳ ସାଙ୍ଗକୁ ମାଦଳ ବାଜାରେ ତାଳ ... ନାଚ ଉଠନ୍ତି ଗାଁର ଯୁବକ ଯୁବତୀଏ । ମନ୍ଦି... ଦଶଭୁଜା ଦୁର୍ଗାଙ୍କ ସହିତ ପାଟଖଣ୍ଡା ପୂଜାର ... ସଂପର୍କ ରହିଛି । ଏ ପର୍ବ ଛଡ଼ା କନ୍ଧମାନଙ୍କର ... ଗୋଟିଏ ନିଜସ୍ୱ ପର୍ବ ଅଛି—ଯାହାକି କନ୍ଧ ଶୀବୁଢ଼... ପର୍ବ ନାମରେ ପରିଚିତ । ଏମାନଙ୍କର ... କନ୍ଧୁଣୀବୁଢ଼ୀ ବୋଲି ଏକ ଦେବୀ—ଯାହାଙ୍କ ... ଆଶୀର୍ବାଦରୁ କନ୍ଧଜାତି ଆଜିପର୍ଯ୍ୟନ୍ତ ଏ ଧରା... ରହିପାରିଛନ୍ତି । ଏହି ଦେବୀଙ୍କ ପାଖରେ ଯୋଡ଼ ବ... ଦିଆଯାଏ । ବଳି ପରେ ଗାଁର ଲୋକେ ଠାକୁରାଣୀ...ଲ । ପ୍ରସାଦ ରୂପେ ମାଂସକୁ ବାଣ୍ଟି ରନ୍ଧାବଢ଼ା କ... ଖାଆନ୍ତି । ଜଗତନାଥ ମନ୍ଦିର ଗାଁର ମଧ୍ୟ ସ୍ଥଳ... ବିରାଜମାନ । ମନ୍ଦିରର ଭୋଗରାଗ ଏପର୍ଯ୍ୟନ୍ତ ସୁ... ଢଙ୍ଗରେ ଚାଲିଛି ।

ଗାଁ...

ଏହି ଛୋଟ କନ୍ଧଗାଁର ଘର ସଂଖ୍ୟା ୨୫୨ ... ମୋଟ ଲୋକସଂଖ୍ୟା ୧,୧୮୨ । ସେଥିରୁ ୩୧ ... ବ୍ରାହ୍ମଣ ଓ ଶୂଦ୍ରଙ୍କୁ ଛାଡ଼ିଦେଲେ ବାକି ସବୁ କନ୍ଧ ... ଅନ୍ୟାନ୍ୟ ଅନୁନ୍ନତ ଜାତି । କନ୍ଧମେଳ ଏ ଗାଁର ... ବିଶେଷତ୍ୱ । ସବୁଜାତିର ଲୋକେ ଏଠାରେ କାନ୍ଧକୁ କାନ୍ଧ... ବାନ୍ଧିଛନ୍ତି—ଜଣଙ୍କର ବିପତ୍ତି ସମସ୍ତଙ୍କର ବିପତ୍ତି ବୋଲି ଏ... ଏମାନେ ମନେ କରନ୍ତି । ସମସ୍ତେ କୃଷି—କୃଷିହିଁ... ଏମାନଙ୍କର ଜୀବିକା । ଗାଁର ସର୍ବମୋଟ ଜମି ପ୍ରାୟ... ୧,୦୦୦ ଏକରରୁ ସାମାନ୍ୟ ବେଶୀ ହେବ ; ସେଥି... କୃଷିଜମି ପ୍ରାୟ ୮୦୦ ଏକର ହେବ । କିନ୍ତୁ କୃଷିଜମି... ସେତେ ଉର୍ବର ନୁହେଁ—ଜମି ସହିତ ପାହାଡ଼ିଆ ... ଗୋଡ଼ିମାଟି ଓତଃପ୍ରୋତଭାବେ ମିଶି ରହିଛି । ... କୃଷି ତା'ର ଲଙ୍ଗଳମୁନରେ ମାଟିକୁ ଚାଷ ... ଉପରେ ଫସଲ ଫଳାଇ ଚାଲିଛି । ଆଗରୁ ଧାନ... ଫସଲଭାବେ ଗାଁ ଲୋକେ କରୁଥିଲେ—ଏବେ ଗାଁ... ବଦଳାଇବାକୁ ବସିଛି—କୃଷି ଏବେ ଧାନକୁ ଦୋ'ଫସ...

କସିଲେଣି । ନୂଆ ନୂଆ ଗୃହବାସକୁ ସମସ୍ତଙ୍କର
। ଏଥର ଝାଙ୍ଗର ଜମିରେ ଅଧିକ ଧାନ ଅମଳ
ପାରିଛନ୍ତି ଗାଁର ୭ । ୮ ଜଣ କୃଷୀଭାଇ । ତାଇତ୍ରଙ୍କ
ପ୍ରଥମ ଥରପାଇଁ ବହୁ ପରିଶ୍ରମ କରି କରାଯାଇ-
ଏଥିପାଇଁ ଗାଁ ଲୋକେ ନବୃତ୍ତି ଯୋର ପର ଏକ
ଶାଖାନଦୀକୁ ବାନ୍ଧ ପାରିଥିଲେ । ବନ୍ଧତ ଆଜ୍ଜ,
ପ୍ରଭୃତ କୃଷ ଏବର୍ଷ ଶୀତଦିନେ ନୂଆ କରି
ାଇଥିଲ । ଓଲ ପିଆଜ ଶାରଦ ଧାନ କଟା ପରେ
ହୋଇ ବହୁଳ ପରିମାଣରେ ଉତ୍ପନ୍ନ କରାଯାଇ-
। କୃଷୀଙ୍କର ବେଶୀ ଭଲେଣି ଫସଲପାଇଁ
ସବୁଙ୍କର ଆଶା ଦିନେ ନା ଦିନେ ନବୃତ୍ତି
ଉପରେ ବନ୍ଧ ପଡ଼ିବ, ତା'ର କୃଷଜମି ହେବ
ଓ ସୁଫଳା । ନବୃତ୍ତି ଯୋରପାଇଁ ସର୍ଭେ
ଆରମ୍ଭ ହେଲଣି ।

ଲୋକଙ୍କର ମଧ୍ୟରେ ଅପୂର୍ବ ଉତ୍ସାହ ସୃଷ୍ଟି
ଛି, ନୂଆ ଗ୍ରାମପଞ୍ଚାୟତ ତାଙ୍କ ନିଜ ଜମସର
ନାମରେ ନାମିତ ହୋଇଥିବାରୁ ତେଣୁ ସମସ୍ତେ
ମନ ଏକ ପ୍ରାଣ ହୋଇ ଗାଁର ବିବିଧ ଉନ୍ନତି-
କଠୋର ପରିଶ୍ରମ କରିବାକୁ ସଂକଳ୍ପ କରିଛନ୍ତି ।
ଗୋଟିଏ ନୂଆ ମଧ୍ୟ ଇଂରାଜୀ ସ୍କୁଲ ଅଛି ।
ମାଗଣାରେ ପଢ଼ିବାର ସୁବିଧା ପାଉଛନ୍ତି ।
ମିଦାର ସ୍ତ୍ରୀଙ୍କ ନାମରେ ଏକ ପାଠାଗାର
ଦ ପ୍ରମୋଦାଗାର ଗାଁ ମଝିରେ ମୁଣ୍ଡ ଟେକ
ହୋଇଛି । ଏହି ଘର ତିଆରିର ଅର୍ଦ୍ଧେକ ଖର୍ଚ୍ଚ
ଥିା ଦେବା ବହନ କରିଛନ୍ତି । ଏଥିସହିତ ଏକ
ସଂଘ ଓ ମହିଳା ସମିତିର ଯୋଗାଯୋଗ
। ଖରାବେଳେ ଝିଅବୋହୂଏ ଲେଖାପଢ଼ା ଓ
ଶିଖନ୍ତି—ଯୁବକମାନେ ଗୋଟିଏମନ ହୋଇ
ସବୁ କଥା ବୁଝାସୁଝା କରିବାକୁ ଆଗଭର
ଆସନ୍ତି । ଯୁବକମାନଙ୍କୁ ପ୍ରେରଣା ଦେଉଛନ୍ତି
ପୋଷିତ ବୁଢ଼ା ବୁଢ଼ା ଲୋକେ । କେତେକ ପିଲା

ମେଟ୍ରିକ୍ ଶେଷ କରି କଲେଜକୁ ବାହାରିଲେଣି । ଏବେ ନୂଆ ନୂଆ ଘରବନା ଗାଁରେ ଦେଖାଦେଇଛି ।

ସରକାରଙ୍କ ଲୋକସଂପର୍କ ବିଭାଗଦ୍ୱାରା ଗାଁକୁ ଦିଆଯାଇଥିବା ରେଡ଼ିଓ କଥା ପଢ଼ିବାରୁ ଗାଁ ଲୋକେ ମନଲୁମନ କହିଲେ ଗୃହବାସ ଖବର ଆମେ ବେଶୀ ଶୁଣୁଛୁଁ । ଆମକୁ ସବୁଠାରୁ ଭଲ ଲାଗୁଛି ଗାଁଗହଳର ଗୃହବାସ କଥା । ଏଇ କଥାରୁ ମୁଁ ମୋର କାର୍ଯ୍ୟପନ୍ଥା ନିରୂପଣ କରି କହିଲି ଆହୁରି ବେଶୀ ଖବର ଜାଣିବାକୁ ହେଲେ ଏକ ପଲ୍ଲୀ ଶ୍ରୋତାମଣ୍ଡଳୀ ଗଠନ କରନ୍ତୁ । ମୋଠାରୁ ଏତକ ଶୁଣି ଗାଁ କୃଷୀଏ ମଣ୍ଡଳୀ ଗଢ଼ିବା-ପାଇଁ ଆଗ୍ରହ ବଳାଇଲେ । ସବୁକୃଷୀ ମିଳି ମଣ୍ଡଳୀର ସଭ୍ୟ ହେଲେ । ସଂଗେ ସଂଗେ ମଣ୍ଡଳୀର ଫର୍ମମାନ ପୂରଣ କରାଗଲା—ଗାଁର ବୟୋଜ୍ୟେଷ୍ଠ କୃଷୀ ଏବଂ ସରପଞ୍ଚ ବୈଷ୍ଣବଚନ୍ଦ୍ର ମାଝୀ ସଭାପତି ଓ ଯୁବକସଂଘର ସେକ୍ରେଟେରୀ ଆହ୍ୱାୟକ ହେଲେ ।

ଏହି ଆଲୋଚନା ବେଳେ ଗାଁର ଅନ୍ୟ ମୁଖ୍ୟ ବ୍ୟକ୍ତି ଶ୍ରୀ ଶଶୀଭୂଷଣ ମିଶ୍ର ଯେ କି ବଲାଙ୍ଗିର ତହସିଲ ପଞ୍ଚାୟତ ସମିତିର ଚେୟାରମ୍ୟାନ୍, ଆସି ଆମ ଆଲୋଚନାରେ ଭାଗନେଇ କହିଲେ "ଜମସର ଲୋକେ କୌଣସି କାମକୁ ପଛାନ୍ତି ନାହିଁ—ଯଦି ଯାହା ନିଷ୍ପତ୍ତି ନଅନ୍ତି ତାହା କରନ୍ତି"—ଆମ ଗାଁର ମାଲିମୋକଦ୍ଦମା ଆମେ ନିଜେ ବୁଝୁଁ—କୋର୍ଟ କଚେରୀକୁ ଯିବା ଆମ ଜାତକରେ ନାହିଁ—ଏହି ପାଟଖଣ୍ଡା ଠାକୁରାଣୀ ଓ ଜଗନ୍ନାଥ ଆମକୁ ସବୁ-ବେଳେ ଭରସା ହୋଇ ରହିଛନ୍ତି ।

ଗତ ଦିସେମ୍ବରକୁ ଲୋକେ ଜାଣିଲେ ଆମେ ମଧ୍ୟ ସିନେମା ମଧ୍ୟ ଦେଖାଇବୁ । ଲୋକଙ୍କର ଆନନ୍ଦ କହିଲେ ନ ସରେ । ସମସ୍ତେ ରୁଣ୍ଡ ହେଲେ—ପ୍ରାମାଣିକ ଚଳଚ୍ଚିତ୍ର ଚାଲିଲା ଗୋଟିକ ପରେ ଗୋଟିଏ ।

ସିନେମା ସରିଲା ରାତି ୧୨ଟା ବେଳେ, ବୋଧ-ହୁଏ—ରାତି ବହୁତ ହେଲାଣି । ଗାଁ ଲୋକେ ଆମ

ବୃକ୍ଷପାଖେ ବେଢ଼ିଗଲେ । ସେମାନଙ୍କ ମଧ୍ୟରୁ ଜଣେ ମହିଳା କହି ଉଠିଲେ 'କ'ଣ, ଆଜିପର୍ବଦିନରେ ଆମେ ଆପଣମାନଙ୍କୁ ଛାଡ଼ିବୁ—ଆଜି ଦିନରେ ଆମ ସ୍ତ୍ରୀ ଜାତିର ପୁରୁଷମାନେ ଅଛନ୍ତି । ମନେପଡ଼ିଲା ଆଜି ସାବିତ୍ରୀ ଅମାବାସ୍ୟା । ସଂଗେ ସଂଗେ କେତେ ଫଳମୂଳ କେତେ ପ୍ରକାରର ଭୋଗରାଗ ଆସି ଆମ ଆଗରେ ଥୁଆହେଲା । ଖାଉ ଖାଉ ମୁଁ କହିଉଠିଲି "କମଳ... ପୂର୍ବପୁରୁଷମାନେ କେବଳ ପଥରକୁ ଆଖି ଫି... ପାରିଥିଲେ—ଆଜିର କମଳସର ଲୋକେ ପ୍ରତି କ୍ଷେତ୍... ଆଖି ଫିଟାଇବାକୁ କେତେ ଚଞ୍ଚଳ ଓ ବ୍ୟଗ୍ର—ଆ... କମଳସର ସବୁଦିନପାଇଁ ମୋର ମନେ ରହିବ" ।

---

(୨୦ ପୃଷ୍ଠାର ଅବଶିଷ୍ଟାଂଶ)

ଖରିଦିନିଆଁ ପନିପରିବା ସମ୍ବନ୍ଧରେ ପଦେଅଧେ ନ କହିଲେ ବଲାଙ୍ଗିର ଜିଲ୍ଲାରେ କୃଷିର ଅଗ୍ରଗତି ଶୀର୍ଷକ ପ୍ରବନ୍ଧ ଅସମ୍ପୂର୍ଣ୍ଣ ରହିବ । ଖରିଦିନ ଯେତେବେଳେ ଅଧିକାଂଶ ବନ୍ଧ ପୋଖରୀ ଶୁଖିଯାଏ ସେ ସମୟରେ ଏ ଜିଲ୍ଲାର କୃଷୀମାନେ ଖାଲୁଆ (ବାହାଲ ଜମି) ଜମିମାନଙ୍କରେ ଅସ୍ଥାୟୀ କୂପ ଖୋଳି ଖରିଦିନିଆ ପନିପରିବା ପ୍ରଚୁର ପରିମାଣରେ ଉତ୍ପାଦନ କରିବାକୁ ସକ୍ଷମ ହୋଇ ପାରିଥିଲେ । ଏହି ବର୍ଷ ଖରିଦିନିଆଁ ପନିପରିବା ଉତ୍ପାଦନର ପ୍ରଚୁରତା ହେତୁ ସମସ୍ତ ହାଟ, ବଜାରରେ ନୂନ ମାତ୍ର ଶେଷ ମୂଲ୍ୟ ତାଜା ପନିପରିବା ଗ୍ରାହକମାନେ କିଣିବାକୁ ପାଇଥି... ଓ ବଲାଙ୍ଗିର ଜିଲ୍ଲାରେ ଖରିଦିନିଆଁ ପନିପରିବା ... ଏହାହିଁ ସର୍ବପ୍ରଥମ କହିଲେ ଚଳେ ।

ବଲାଙ୍ଗିର ଜିଲ୍ଲାରେ କୃଷିର ଅଗ୍ରଗତିର ... ଏକ ସଂକ୍ଷିପ୍ତ ନମୁନା ଓ କୃଷିର ଉନ୍ନତ ଦିଗ... ବର୍ତ୍ତମାନ ଲୋକଙ୍କ ମନରେ ଯେଉଁ ଉତ୍ସାହ ... ହୋଇଛି ତାହା କୃଷୀମାନଙ୍କୁ ଅନେକ ଦୂ... ଆଗେଇ ନେବ ଏଥିରେ କୌଣସି ସନ୍ଦେହ ନାହିଁ... ବର୍ତ୍ତମାନର କର୍ମ ତତ୍ପରତା ପ୍ରତ୍ୟେକ କୃ... ହୃଦୟରେ ପ୍ରତିଧ୍ୱନିତ ହେଉ ଏହାହିଁ ମୋର ...

---

# ରାଜ୍ୟ ପଣ୍ୟାଗାର କରପୋରେସନ

ବୈଜ୍ଞାନିକ ପ୍ରଣାଳୀରେ ବିଭିନ୍ନ କୃଷିଜାତ
ମଗ୍ରୀକୁ ଦୀର୍ଘଦିନପାଏ ସାଇତି ରଖିବା ହେଲ
ୟାଗାର କର୍ପୋରେସନର ପ୍ରଧାନ ଉଦ୍ଦେଶ୍ୟ ।
ଷିଜାତ ଦ୍ରବ୍ୟକୁ ଏଭଳି ସାଇତି ରଖି ପରେ ସେ
ଗୁଡ଼ିକୁ ବିକ୍ରୟ କରିବା ଫଳରେ ଉତ୍ପାଦନକାରୀମାନେ
ଶେଷ ଲାଭବାନ ହୋଇଥା'ନ୍ତି । ଏହା ଛଡ଼ା
ୟାଗାରରେ ଗଚ୍ଛିତଥିବା କୃଷିଜାତ ଦ୍ରବ୍ୟ ବନ୍ଧକ
ଉତ୍ପାଦନକାରୀମାନେ ଷ୍ଟେଟ୍ ବ୍ୟାଙ୍କରୁ ଋଣ
ବାରେ ସମର୍ଥ ହୋଇଥା'ନ୍ତି ।

ଭାରତର ରିଜର୍ଭ ବ୍ୟାଙ୍କଦ୍ୱାରା ଗଠିତ ନିଖିଳ
ତ ଗ୍ରାମ୍ୟ ଋଣ ଅନୁସନ୍ଧାନ କମିଟିଙ୍କ ସୁପାରିଶ୍
ଯାୟୀ ୧୯୫୮ ମସିହାରେ ଓଡ଼ିଶାରେ ରାଜ୍ୟ
ାଗାର କର୍ପୋରେସନ୍ ପ୍ରତିଷ୍ଠିତ ହୋଇଥିଲ ।
ପଣ୍ୟାଗାର ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ହେଲା
ଜାତ ଦ୍ରବ୍ୟର ଯେଉଁଭଳି ଅପଚୟ ବା କ୍ଷତି
ହି, ସେ ସବୁକୁ ଯଥାସମ୍ଭବ କମାଇବା ସଙ୍ଗେ
ଗ୍ରାମାଞ୍ଚଳର କୃଷୀମାନଙ୍କ ଋଣଭାରକୁ ଲାଘବ
ବା ନିମନ୍ତେ ଯଥେଷ୍ଟ ପରିମାଣରେ ଋଣପ୍ରଦାନର
ସ୍ଥା କରିବା । ପଣ୍ୟାଗାର ପରିକଳ୍ପନା କାର୍ଯ୍ୟକାରୀ
ା ଫଳରେ କୃଷୀମାନେ ନିମ୍ନଲିଖିତ ଭାବେ
ତ ହୋଇପାରିବେ ।

(୧) ଅର୍ଥାଭାବରେ ପଡ଼ି କୃଷୀମାନେ ସେମାନଙ୍କ ଉତ୍ପନ୍ନ ଦ୍ରବ୍ୟକୁ ତରବରିଆଭାବେ କମ୍ ଦାମରେ ବିକ୍ରୀ କରିଥା'ନ୍ତି । କିନ୍ତୁ ପଣ୍ୟାଗାର ପ୍ରତିଷ୍ଠା ଫଳରେ ଉତ୍ପନ୍ନ ସାମଗ୍ରୀକୁ ପଣ୍ୟାଗାରରେ ସାଇତି ରଖିବା ସଙ୍ଗେ ସଙ୍ଗେ ବ୍ୟାଙ୍କ୍ ନିକଟରେ ଉକ୍ତ ସାମଗ୍ରୀକୁ ବନ୍ଧକରଖି ଜରୁରୀ ଖର୍ଚ୍ଚ ତୁଲାଇବା ନିମନ୍ତେ ବ୍ୟାଙ୍କରୁ ଋଣ ପାଇପାରିବେ ।

(୨) ପଣ୍ୟାଗାରମାନଙ୍କରେ କୃଷିଜାତ ଦ୍ରବ୍ୟ ସାଇତି ରଖି ଚାହିଦା ଅନୁଯାୟୀ ନିୟନ୍ତ୍ରିତ ପରିମାଣରେ ବଜାରକୁ ଯୋଗାଇ ଦିଆଯାଇ ପାରିବ । ଏହା ଫଳରେ ଉତ୍ପାଦନକାରୀମାନେ ସେମାନଙ୍କ ଉତ୍ପନ୍ନଦ୍ରବ୍ୟ ନିମନ୍ତେ ଉଚିତ୍ ମୂଲ୍ୟ ପାଇପାରିବେ ଏବଂ ଖାଉଟିମାନେ ମଧ୍ୟ ଯଥାସମ୍ଭବ ନ୍ୟାଯ୍ୟ ଦରରେ ଖରିଦ କରି ପାରିବେ ।

"୧୯୫୬ ମସିହାର କୃଷିଜାତ ଦ୍ରବ୍ୟ (ଉନ୍ନୟନ ଓ ପଣ୍ୟାଗାର) କର୍ପୋରେସନ୍ ଆଇନ୍" ପ୍ରଣୟନ କରାଯାଇ କୃଷିଜାତ ଦ୍ରବ୍ୟର ବିକ୍ରୀବଣ୍ଟା ସହିତ ଋଣପ୍ରଦାନ ସୁବିଧାକୁ ସଂଯୋଗ କରାଯିବା ଫଳରେ ୧୯୫୬ ମସିହାରେ ପଣ୍ୟାଗାର ବ୍ୟବସ୍ଥା ପୂର୍ଣ୍ଣ ରୂପରେଖ ଲାଭକଲା । ଏହି ଆଇନ୍ ଅନୁଯାୟୀ ପଣ୍ୟାଗାରର କାର୍ଯ୍ୟକଳାପ କୃଷିଜାତ ଦ୍ରବ୍ୟ, ବିକ୍ରୟ,

ସାର, ରସାୟନିକ ସାର ଓ କୃଷି ଉପକରଣ ମଧ୍ୟରେ ସୀମାବଦ୍ଧ ଥିଲା । କିନ୍ତୁ ୧୯୬୨ ମସିହାର ପଣ୍ୟାଗାର କର୍ପୋରେସନ୍ ଆଇନ୍ କାର୍ଯ୍ୟକାରୀ ହେବା ଫଳରେ ପଣ୍ୟାଗାରର କାର୍ଯ୍ୟ ପରିସର ଆହୁରି ବୃଦ୍ଧି ପାଇଲା ଏବଂ ସିମେଣ୍ଟ, ଲୁହା, କାଗଜ, ଚମଡ଼ା, କାର୍ପାସ ଇତ୍ୟାଦି ସାମଗ୍ରୀକୁ ମଧ୍ୟ ପଣ୍ୟାଗାରର କାର୍ଯ୍ୟପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରାଗଲା ।

ଏହି କର୍ପୋରେସନ୍ ଅଧୀନରେ ରାଜ୍ୟର ବିଭିନ୍ନ ୯ଟି ଜିଲ୍ଲାରେ ସର୍ବମୋଟ ୧୫ଟି ପଣ୍ୟାଗାର ଓ ୫ଟି ଶାଖା-ପଣ୍ୟାଗାର ସ୍ଥାପନ କରାଯାଇଛି । ଏଗୁଡ଼ିକ ହେଲା :—

**ପଣ୍ୟାଗାର**—ପୁରୀ ଜିଲ୍ଲା—କଟଣି
କୋରାପୁଟ ଜିଲ୍ଲା—ଗୁଣପୁର ଓ ରାୟଗଡ଼ା ।
କଳାହାଣ୍ଡି ଜିଲ୍ଲା—କେସିଙ୍ଗା, ଜୁନାଗଡ଼ ଓ ଖଡ଼ିଆଳ ରୋଡ଼ ।
ବଲାଙ୍ଗିର ଜିଲ୍ଲା—ବଲାଙ୍ଗିର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ।
ସମ୍ବଲପୁର ଜିଲ୍ଲା—ଝାରସୁଗୁଡ଼ା
ସୁନ୍ଦରଗଡ଼ ଜିଲ୍ଲା—ରାଜଗାଙ୍ଗପୁର
ଢେଙ୍କାନାଳ ଜିଲ୍ଲା—ଅନୁଗୋଳ
କଟକ ଜିଲ୍ଲା—ଆଠଗଡ଼
ବାଲେଶ୍ୱର ଜିଲ୍ଲା—ବୃନ୍ଦାବନ

**ଶାଖା-ପଣ୍ୟାଗାର**—ପୁରୀ ଜିଲ୍ଲା—ବୀରମିତ୍ରପୁର
ସମ୍ବଲପୁର ଜିଲ୍ଲା—ବେଲପାହାଡ଼ ଓ ବରେଙ୍ଗାଲି ।
କଟକ ଜିଲ୍ଲା—ବଡ଼ମ୍ବା ଓ ନରସିଂହପୁର ।

୧୯୬୭-୬୮ ମସିହାରେ ଏ ସମସ୍ତ ପଣ୍ୟାଗାର ଜରିଆରେ ୭,୦୧୯ ମେଟ୍ରିକ୍ଟନ୍ କୃଷିଜାତ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ କାରବାର ହୋଇଥିଲା । ପଣ୍ୟାଗାରମାନଙ୍କରେ ଉଭୟ ରାଜ୍ୟ ସରକାର କେନ୍ଦ୍ର ପଣ୍ୟାଗାର କର୍ପୋରେସନ୍ ଉଭ ଶତକଡ଼ା ୫୦:୫୦ ହାରରେ ମୋଟରେ ୨୨ ଟଙ୍କା ଅଂଶ ମୂଳଧନ ଖଟା ଯାଇଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଉତ୍ପାଦନ କୃଷକମାନଙ୍କୁ ବ୍ୟକ୍ତିଗତ ଭାବେ ଟ୫,୦୦୦ଙ୍କା ପ ଋଣ ଦିଆଯିବାର ବ୍ୟବସ୍ଥା ରହିଛି । ଋଣ ଆବ କରୁଥିବା କୃଷି କିମ୍ବା ଉତ୍ପାଦନକାରୀଙ୍କ ପର ପରିଶୋଧ କରିବା କ୍ଷମତା ଥିବ ଏବଂ ପ୍ରକୃ ତାଙ୍କର ଅର୍ଥାଭାବ ରହିଥିଲେ ଏହି ଋଣ ଦିଆ ଯାଇବ । ପଣ୍ୟାଗାରର ରସିଦକୁ ଷ୍ଟେଟ ବ ବନ୍ଧକ ଦେଲେ ବ୍ୟାଙ୍କ୍ ତରଫରୁ ଏହି ଋଣ ମ କରାଯାଇଥାଏ ।

ପଣ୍ୟାଗାରମାନଙ୍କରେ ବୈଜ୍ଞାନିକ ପ୍ରଣା ବିଭିନ୍ନ ଦ୍ରବ୍ୟ ସାଇତି ରଖାଯାଉଥିବାରୁ ସେଗୁଡ଼ି ଷତି କିମ୍ବା ଅପଚୟ ଘଟେ ନାହିଁ । ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ସାମଗ୍ରୀ ପଣ୍ୟାଗାରରେ ଗଚ୍ଛିତ ରଖନ୍ତି । ୧୯୬୫ ମ ପରେ ନିର୍ମିତ ପଣ୍ୟାଗାରରେ ବ୍ୟବସାୟୀମାନଙ୍କ ଗଚ୍ଛିତ ରହୁଥିବା ଦ୍ରବ୍ୟ ବଦଳରେ ସେମ ଋଣ ଦିଆଯାଇଥାଏ । ତେଣୁ ବିଭିନ୍ନ ବ୍ୟବସାୟୀମ ମଧ୍ୟ ପଣ୍ୟାଗାର ଜରିଆରେ ଏ ସମସ୍ତ ସୁବିଧ ପାଇପାରୁଛନ୍ତି । ଏହା ବ୍ୟତୀତ ବର୍ତ୍ତମାନ ସରକାର ମଧ୍ୟ ଅନେକ ସମୟରେ ଗହମ, ଚାଉଳ, ଧାନ ଯୋ ଚିନି ଇତ୍ୟାଦି ଦ୍ରବ୍ୟ ପଣ୍ୟାଗାରମାନଙ୍କରେ ରଖୁଛନ୍ତି ।

ଭାରତର ଖାଦ୍ୟ କର୍ପୋରେସନ୍ ଗଠ ହେବା ପରେ ପଣ୍ୟାଗାରର କାର୍ଯ୍ୟପରିସର ବ୍ୟା ଭାବେ ପ୍ରସାରିତ ହୋଇଛି । ବର୍ତ୍ତମାନ ଚାଉଳ, ଗ ଚିନି, ବୁଟ ଡାଲି, ମଇଦା, ସୁଜି ଇତ୍ୟାଦି ସା

(୪୭ ପୃଷ୍ଠା ଦେଖନ୍ତୁ)

# ଜାତୀୟ ପୁନର୍ଗଠନ ଓ ଯୁବସମାଜ

ପ୍ରମୋଦକୁମାର ମିଶ୍ର

...ନୂତନ ଉପାୟରେ ଜାତିର ବିଭିନ୍ନ ଅବସ୍ଥାର
...ଷ୍ଠ ଉନ୍ନତ କରିବା ହିଁ ଜାତୀୟ ପୁନର୍ଗଠନ ।
...ଲକ୍ଷ୍ୟ ସାଧନ ନିମନ୍ତେ ଦେଶର କୃଷି, ଶିଳ୍ପ,
...ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରଭୃତି ବିଭିନ୍ନ
...ର ଉନ୍ନତି ବିଧାନ କରାଯାଇଥାଏ ।
...ଧାରଣଙ୍କ ଆର୍ଥିକ ଅବସ୍ଥା ଉନ୍ନତ ହୋଇ
...ନ ଖାଦ୍ୟପେୟ, ପରିଧେୟ ଓ ବାସଗୃହ
... ପରିମାଣରେ ନ ପାଇଲେ ଓ ସ୍ୱ ସ୍ୱ ଜୀବନ
...ର ମାନକୁ ଉନ୍ନତ କରି ନ ପାରିଲେ, ତାହା
...ଷରେ ରାଷ୍ଟ୍ରର ସ୍ଥାୟିତ୍ୱ ଓ ଜାତୀୟ ପ୍ରଗତିରେ
...ୁ ସୃଷ୍ଟି କରିବା ନିଶ୍ଚିତ । ତେଣୁ ପ୍ରତ୍ୟେକ
... ଶାସକଗୋଷ୍ଠୀ ଜନସାଧାରଣଙ୍କ ମିଳିତ
...ାଗ ଓ ସମର୍ଥନ ଲାଭ କରି ଜାତୀୟ ପୁନର୍ଗଠନ
... ଯଥାସମ୍ଭବ ଉଦ୍ୟମ କରନ୍ତି ଏବଂ
...ର ଦେଶର ଯୁବସମାଜକୁ ଉଲ୍ଲେଖଯୋଗ୍ୟ
... ଗ୍ରହଣ କରିବାକୁ ପଡ଼େ ।

...ୀମ ଦୁଃଖ ଓ ନିର୍ଯ୍ୟାତନାକୁ ବରଣ କରି
...ାଗ ଓ ଆତ୍ମବଳର ପ୍ରତିଦାନରେ ବନ୍ଦିନୀ
...ନନୀ ବ୍ରିଟିଶକବଳରୁ ମୁକ୍ତ ହେଲା ।

ସ୍ୱାଧୀନତାପରେ ଆମର ସମ୍ମୁଖରେ ବିରାଟ ସମସ୍ୟାମାନ ଉପସ୍ଥିତ ହୋଇଛି । ବ୍ରିଟିଶ ସରକାରଙ୍କ ଶାସନର ରଥଚକ୍ର ତଳେ ଏ ଦେଶର ଜନତା ନିଷ୍ପେଷିତ ହୋଇଥିଲା । ଦାରିଦ୍ର୍ୟର କଶାଘାତରେ ନିପୀଡ଼ିତ ହୋଇ ଅଶିକ୍ଷିତ ଜନତା ଅଜ୍ଞାନାନ୍ଧକାରର ଅତଳ ଗହ୍ୱରରେ ବିଲୀନ ହୋଇଯାଇଥିଲେ । ତେଣୁ ସ୍ୱାଧୀନତା ଲାଭ ପରେ କୋଟି କୋଟି ଜନତାର ସର୍ବବିଧ ଉନ୍ନତି କରି ସମଗ୍ର ଜାତିକୁ ବିଶ୍ୱଦରବାରରେ ସମ୍ମାନିତ କରିବାପାଇଁ ଜାତୀୟ ସରକାର ତଥା ଜନସାଧାରଣ ଉଦ୍ୟମ କରୁଛନ୍ତି ।

ନବଭାରତ ନିର୍ମାଣର ଇତିହାସରେ ତିନୋଟି ପଞ୍ଚବାର୍ଷିକ ଯୋଜନା ଅତିକ୍ରାନ୍ତ ହୋଇଛି । ଏହାଦ୍ୱାରା କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ପରିବହନ, ଜଳସେଚନ, ଖଣିଉନ୍ନୟନ, ସମାଜକଲ୍ୟାଣ, ଗ୍ରାମ୍ୟଶିଳ୍ପ, ବନ୍ଦରନିର୍ମାଣ, ସମବାୟ, ମତ୍ସ୍ୟଚାଷ, ପଶୁପାଳନ ପ୍ରଭୃତି ବିଭିନ୍ନ ଦିଗରେ ପ୍ରଭୂତ ବିକାଶ ସାଧିତ ହୋଇଛି ।

ଜାତିର ଉନ୍ନତି ଓ ପ୍ରଗତି ପାଇଁ ପ୍ରତ୍ୟେକ ବ୍ୟକ୍ତି ଉପଯୁକ୍ତ ପରିମାଣରେ ସୁଷମ ଖାଦ୍ୟ ଖାଇ ସୁସ୍ଥ,

ସବଳ ଓ କାର୍ଯ୍ୟକ୍ଷମ ହେବା ଆବଶ୍ୟକ । ତେଣୁ କୃଷିକ୍ଷେତ୍ରର ଭାରତର ଉତ୍ପାଦନବୃଦ୍ଧି ନିମନ୍ତେ ଉଦ୍ୟମ ଚାଲିଛି । ଖାଦ୍ୟଶସ୍ୟର ଉଚିତ ବଣ୍ଟନ, ଜମି ଆବାଦ, ଜଳସେଚନ, ଉନ୍ନତବିହନ ଓ ସାରଯୋଗାଣ, ବୈଜ୍ଞାନିକ ଉପକରଣ ଓ ଆଧୁନିକ ପ୍ରଣାଳୀରେ କୃଷି ବ୍ୟବସ୍ଥା, ଜମିଦାରୀ ଉଚ୍ଛେଦ, ସମବାୟ ସମିତି ସ୍ଥାପନ ପ୍ରଭୃତି ଫଳରେ ଯଥେଷ୍ଟ ସାଫଲ୍ୟ ଅର୍ଜ୍ଜନ କରାଯାଇ ପାରିଛି । ସମବାୟ ଭିତ୍ତିରେ କୃଷକର ବାଞ୍ଛିତ ଭାଗ୍ୟର ପରିବର୍ତ୍ତନର ଆଶା ଦେଖା ଦେଇଛି । ହୀରାକୁଦ ଯୋଜନା, ଭାକ୍ରା-ନାଙ୍ଗଲ ଯୋଜନା, ଦାମୋଦର ଯୋଜନା, ମୟୂରାକ୍ଷୀ ଯୋଜନା, ତୁଙ୍ଗଭଦ୍ରା ଯୋଜନା ଓ ନାଗାର୍ଜ୍ଜୁନ ସାଗର ଯୋଜନା ପ୍ରଭୃତି ଗଢ଼ିଉଠିଛନ୍ତି ।

କୃଷି ଉପରୁ ନିର୍ଭରଶୀଳତାକୁ ବିକେନ୍ଦ୍ରୀତ କରିବା ଓ ଦେଶକୁ ଅର୍ଥନୈତିକ ଉନ୍ନତିଦ୍ୱାରା ସମୃଦ୍ଧିଶାଳୀ କରିବା ନିମନ୍ତେ ଦ୍ରୁତ ଶିଳ୍ପାୟନ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଦେଶର ପ୍ରଚୁର କଞ୍ଚାମାଲ, ଖଣିଜସଂପଦ, ଜଳବିଦ୍ୟୁତ ଶକ୍ତି ତଥା ଜନଶକ୍ତିର ଉପଯୁକ୍ତ ବିନିଯୋଗ ନିମନ୍ତେ ଉଦ୍ୟମ ଚାଲିଛି । ପଥର କୋଇଲା, ଖଣିଜତୈଳ, ଲୌହ, ମାଙ୍ଗାନିଜ, ଅଭ୍ର, ତମ୍ବା, ବକ୍ସାଇଟ୍, କ୍ରୋମାଇଟ୍, ମନୋଜାଇଟ୍, ୟୁରେନିଅମ, ଆଜ୍-ବେଷ୍ଟସ୍, ସ୍ୱର୍ଣ୍ଣ, ଲବଣ ପ୍ରଭୃତି ନିୟୋଜିତ କରାଯାଇଛି । ପରମାଣୁ ଶକ୍ତିର ଉତ୍ପାଦନରେ ମଧ୍ୟ ଭାରତ ବିଶେଷ ସାଫଲ୍ୟ ଅର୍ଜ୍ଜନ କରିପାରିଛି । ସମଗ୍ର ଦେଶରେ ଅଧୁନା କାର୍ପାସ ଶିଳ୍ପ; ଝୋଟଶିଳ୍ପ, ପଶମ ଶିଳ୍ପ, ରେଶମ ଶିଳ୍ପ, ଲୌହ ଓ ଇସ୍ପାତ ଶିଳ୍ପ, ବିଭିନ୍ନ ଯନ୍ତ୍ରପାତି ନିର୍ମାଣ ଫଳରେ ନୂତନ ଯୁଗର ସୂତ୍ରପାତ ହୋଇଛି । ସଭ୍ୟତା ଓ ସମୃଦ୍ଧିର ଦ୍ରୁତ-ବାହକ ସ୍ୱରୂପ ଗମନାଗମନ ଓ ପରିବହନ ବ୍ୟବସ୍ଥା ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇ ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟକୁ ଅଗ୍ରାଧିକାର ଦିଆଯାଇଛି ।

ବ୍ରିଟିଶ ସାମ୍ରାଜ୍ୟବାଦର ବିଲୋପ ପରେ ଗଣତନ୍ତ୍ରମୂଳକ ସମାଜବାଦୀ ରାଷ୍ଟ୍ରଗଠନଦ୍ୱାରା ଜନ-ସାଧାରଣଙ୍କ ସ୍ୱାଧୀନ ଶକ୍ତିର ବିକାଶ ସାଧନ ଦିଗରେ ପଞ୍ଚାୟତିରାଜ ପ୍ରବର୍ତ୍ତନ ଭାରତର ଇତିହାସରେ ଏକ ମାଇଲ ଖୁଣ୍ଟ । ପଲ୍ଲୀ ଜୀବନର ସାମାଜିକ, ଆର୍ଥିକ ଓ ଔଦ୍ୟୋଗିକ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧି ସାଧନ ନିମନ୍ତେ ଗ୍ରାମ-ଗୋଷ୍ଠୀ ଉନ୍ନୟନ ଯୋଜନା ପରିକଳ୍ପିତ ହୋଇଛି ।

ଜାତୀୟ ଅଭ୍ୟୁଦୟର ଅବରୁଦ୍ଧ ପଥକୁ ଉନ୍ମୋଚିତ କରି ଗଣଜୀବନର ଜାଗ୍ରତ ଓ ଚୈତନ୍ୟକୁ ସଂଗଠିତ ରଖିବା ନିମିତ୍ତ ଅଜ୍ଞତା ଓ ନିରକ୍ଷରତା ବିରୁଦ୍ଧରେ ବ୍ୟାପକ ସଂଗ୍ରାମ କରିବାକୁ ହେବ । ତେଣୁ ସ୍ୱାଧୀନତାର ପରବର୍ତ୍ତୀ କାଳରେ ସମସ୍ତ ରାଜ୍ୟରେ ଶିକ୍ଷାର ମାନୋନ୍ନତି କରି ଜନସାଧାରଣଙ୍କ ମଧ୍ୟରେ ନୈତିକତାର ଅଭିବୃଦ୍ଧି, ଦାୟିତ୍ୱବୋଧ ସୃଷ୍ଟି ତଥା ଜାତୀୟ ଉଦ୍‌ବୋଧନ ଆଣିଦେବା ଦିଗରେ ବ୍ୟାପକ ପରିକଳ୍ପନା କରାଯାଇଛି । ସାଧାରଣ ଶିକ୍ଷା ବ୍ୟତୀତ ବୈଜ୍ଞାନିକ ଓ ବୈଷୟିକ ଶିକ୍ଷା ପ୍ରଦାନ କରିବା ନିମିତ୍ତ ବିଜ୍ଞାନ କଲେଜ, ଇଞ୍ଜିନିୟରିଂକଲେଜ, ମେଡିକେଲ୍ କଲେଜ ଓ କୃଷିକଲେଜମାନ ସ୍ଥାପିତ ହୋଇଛି । ଅନ୍ଧ, ମୂକ ଓ ବଧିରମାନଙ୍କୁ ଶିକ୍ଷାଦେବାପାଇଁ ମଧ୍ୟ ବିଭିନ୍ନ ଅନୁଷ୍ଠାନମାନ ସ୍ଥାପନ କରାଯାଇଛି ।

ସ୍ୱାସ୍ଥ୍ୟ ଦିଗରେ ମଧ୍ୟ ଯଥେଷ୍ଟ ଦୃଷ୍ଟି ଦିଆଯାଇଛି । ଶାରୀରିକ ଶିକ୍ଷା ଓ ଯୁବମଙ୍ଗଳ, ମେଲେରିଆ, ବାତଜ୍ୱର, କୁଷ୍ଠ, ଯକ୍ଷ୍ମା, ବସନ୍ତ ଇତ୍ୟାଦି ସଂକ୍ରାମକ ରୋଗ ବିରୁଦ୍ଧରେ ବ୍ୟାପକ ଅଭିଯାନ, ଚିକିତ୍ସାଳୟର ଶଯ୍ୟାସଂଖ୍ୟାବୃଦ୍ଧି, ପରିବାର ନିୟୋଜନ, ମାତୃ-ମଙ୍ଗଳ ଓ ଶିଶୁକଲ୍ୟାଣ କେନ୍ଦ୍ର ସ୍ଥାପନ, ସହରାଞ୍ଚଳରେ ଭୂଗର୍ଭସ୍ଥ ନର୍ଦ୍ଦମାର ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ପଲ୍ଲୀ ସଂଗଠନଗୁଡ଼ିକୁ ବେତାର ଯନ୍ତ୍ର ଯୋଗାଣ ତଥା

ପଲ୍ଲୀଶ୍ରୀ ତାମଣ୍ଡଳୀ ଗଠନ ଇତ୍ୟାଦି ବହୁବିଧ ବ୍ୟାପକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

ଭାରତ ଭଳି ବିଶାଳ ଭୂଖଣ୍ଡରେ ସାଂସ୍କୃତିକ ସମତା ପରିଦୃଷ୍ଟ ହେବା ସମ୍ଭବପର ନୁହେଁ । ତେଣୁ ରାଷ୍ଟ୍ରୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରିବାଲାଗି ସାଂସ୍କୃତିକ ଏକତା ସୁପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ । "ସାହିତ୍ୟ ଏକାଡେମୀ" ପ୍ରତିଷ୍ଠିତ ହୋଇ ଭାଷାଗତ ଉନ୍ନତି ସାଧନ କରୁଛି । ଲୋକନୃତ୍ୟ, ନାଟକ ଓ ଭିନ୍ନ ଭିନ୍ନ ଢଙ୍ଗର ସଙ୍ଗୀତ ସମ୍ବନ୍ଧରେ ଗବେଷଣା ଲାଗି "ଜାତୀୟ ସଙ୍ଗୀତ ଏକାଡେମୀ" ଓ ଶିଳ୍ପକଳାର ବିକାଶ ପାଇଁ 'ଲଳିତ କଳା ଏକାଡେମୀ" ଗଠିତ ହୋଇଛି । ଆଦିବାସୀ ସମାଜର ଆଦିମ ସଂସ୍କୃତିରୁ ଜ୍ଞାନ ଆହରଣ ତଥା ସେମାନଙ୍କ ସାଂସ୍କୃତିକ ଉନ୍ନୟନ ନିମନ୍ତେ ପ୍ରଗାଢ଼ ଉଦ୍ୟମ ଚାଲିଛି । ଯୁବକଯୁବତୀମାନଙ୍କୁ ସୁସ୍ଥ ଓ ପ୍ରଶିକ୍ଷିତ କରିବାପାଇଁ ଯୁବୋତ୍ସବ, କ୍ରୀଡ଼ା ପ୍ରତିଯୋଗିତା, କବି ସମ୍ମିଳନୀ ପ୍ରଭୃତି ଅନୁଷ୍ଠିତ ହୋଇ ସେମାନଙ୍କମଧ୍ୟରେ ଐକ୍ୟବୋଧ ସୃଷ୍ଟି କରାଯାଉଛି ।

ଏହିପରି ଭାବରେ ଭାରତର ଜାତୀୟ ପୁନର୍ଗଠନ ନିମନ୍ତେ ବିରାଟ ଉଦ୍ୟମ ଚାଲିଛି । ଦେଶକୁ ପ୍ରଗତି ପଥରେ ଆଗେଇନେବା ତଥା ମହାର୍ଘ ସ୍ୱାଧୀନତାର ସୁରକ୍ଷା ଦାୟିତ୍ୱ କେବଳ ସରକାର ବା ସାଧାରଣ ନାଗରିକମାନଙ୍କର ନୁହେଁ, ଦେଶ ଓ ଜାତିର ଭବିଷ୍ୟତ ଯୁବକଯୁବତୀମାନେ ମଧ୍ୟ ଏଥିରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିପାରିବେ । ସେମାନଙ୍କ ସ୍କନ୍ଧ ଉପରେ ଆଧାରିତ ହୋଇ ଆମର ସ୍ୱାଧୀନତା ବଞ୍ଚି ରହିବ । ପୁଣି ସେହିମାନଙ୍କର ସଷ୍ଣୁ, ସାଧନା ଓ ଶ୍ରମର ଭିତ୍ତି ଉପରେ ଗଢ଼ିଉଠିବ ନବଭାରତ । ସାମୂହିକ ଦୃଷ୍ଟିଭଙ୍ଗୀ ନେଇ ଦେଶର ବୃହତ୍ତର କଲ୍ୟାଣ ସାଧନଲାଗି ଏ ଦେଶର ଯୁବସମାଜକୁ ସର୍ବପ୍ରଯତ୍ନାସ୍ତି ଉଦ୍ୟମ କରିବାକୁ ହେବ ।

ଆଜି ରାଷ୍ଟ୍ରୀୟ ସ୍ତରରେ ଯୋଜନାର ସଫଳତା ନିମନ୍ତେ ଆବଶ୍ୟକ ସଂଖ୍ୟାଧିକ ବୈଜ୍ଞାନିକ, ବୈଷୟିକ ତାଲିମପ୍ରାପ୍ତ ଯୁବକ ଓ ଶିକ୍ଷକ । ତେଣୁ ନିମ୍ନ ସ୍ତରର ରାଜନୀତି, ସଂକୀର୍ଣ୍ଣ ସ୍ୱାର୍ଥପରତା କଳହ ଇତ୍ୟାଦିରେ ନିଜର ବହୁମୂଲ୍ୟ ଶ୍ରମ, ସମୟ ଓ ଶକ୍ତିର ଅପବ୍ୟୟ ନକରି କଠିନ ଅଧ୍ୟବସାୟରେ ବ୍ୟାପୃତ ରହିବା ଆବଶ୍ୟକ । ଶ୍ରମବିମୁଖତା ପରିତ୍ୟାଗ କରି ମାନସିକ ପୁଷ୍ଟି ସହିତ ଶାରୀରିକ ପୁଷ୍ଟି ସାଧନ କରିବାକୁ ହେବ ।

ସାମାଜିକ ଭିତ୍ତି ଉପରେ ଆପଣାକୁ ପ୍ରତିଷ୍ଠିତ କରି ଯୁବସମାଜକୁ ଭାବୀ ଜୀବନର ରଙ୍ଗିନ ସୌଧ ନିର୍ମାଣ କରିବାକୁ ହେବ । ସୁସ୍ଥ ସାମାଜିକ ଜୀବନ ଗଠନ ନିମନ୍ତେ ପରସ୍ପର ମଧ୍ୟରେ ଐକ୍ୟ, ସହଯୋଗ ଓ ସୁସମ୍ପର୍କ ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ । ଅଧୁନା ଏ ଦେଶରେ ଅଗଣିତ ଜନତା ଅଜ୍ଞାନ ଅନ୍ଧକାରର ଅତଳ ଗହ୍ୱରରେ ନିମଜ୍ଜିତ । ତେଣୁ ଅବସର ସମୟରେ ଯୁବକ ଯୁବତୀମାନେ ଗ୍ରାମାଞ୍ଚଳର ସଂଖ୍ୟାଧିକ୍ୟ ନିରକ୍ଷର ଲୋକଙ୍କ ସାକ୍ଷର କରିବାର ଦାୟିତ୍ୱ ଗ୍ରହଣ କରିବା ଆବଶ୍ୟକ । ସାମାଜିକ ଜୀବନରେ ଜାତି, ଧର୍ମ, ଶିକ୍ଷା, ଆଭିଜାତ୍ୟ ଇତ୍ୟାଦିକୁ ଆଧାର କରି କୌଣସି ବିଭାଜନ ରେଖା ସୃଷ୍ଟି କରିବା ଅନୁଚିତ । ନିରୀହ ଲୋକଙ୍କ ପ୍ରତି ଆପଣାର ସମ୍ବେଦନା ସହାନୁଭୂତି ପ୍ରଦର୍ଶନ କରି ସେମାନଙ୍କର ଉନ୍ନତି ବିଷୟ ଚିନ୍ତାକରିବା ଯୁବସମାଜର କର୍ତ୍ତବ୍ୟ । ଆଧୁନିକ ସମାଜରେ ଯେଉଁ ଭଳି ଭାବରେ ଅନ୍ୟାୟ, ଅନୀତି, ଲାଞ୍ଚ, ମିଛ, ଦୁର୍ନୀତି ଇତ୍ୟାଦି ବଢ଼ିଚାଲିଛି, ତା'ର ପ୍ରତିରୋଧ ଲାଗି ଯୁବସମାଜର ମଧ୍ୟ ଦାୟିତ୍ୱ ଅଛି । ସମାଜ ବା ଶାସନର ଉଚ୍ଚ ସ୍ତରରେ ଥିବା କର୍ମକର୍ତ୍ତାଗଣଙ୍କର ଯେଉଁ ଅନୀତିର ତୀବ୍ର ସମାଲୋଚନାରେ ଯୁବକଯୁବତୀମାନେ ଆଜି ବ୍ୟାପୃତ, ଭବିଷ୍ୟତରେ ସେମାନେ ଯେପରି ତଦନୁରୂପ

ସମାଲୋଚନାର ଶିକାର ନ ହେବେ, ସେଥିପାଇଁ ଜାଗ୍ରତ ହେବା ବିଧେୟ । କୃଷି ଓ କୃଷକର ଉନ୍ନତି-ବିଧାନଦ୍ୱାରା ଉତ୍ପାଦନ ବୃଦ୍ଧି ତଥା ଦରଦାମ ହ୍ରାସରେ ମଧ୍ୟ ଯୁବସମାଜ ସାହାଯ୍ୟ କରିପାରିବ ।

ଭାରତର ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ଆମର ଗୌରବର ନିଶାଣ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ବିଶ୍ୱ-ବ୍ରହ୍ମାଣ୍ଡରେ ଶାନ୍ତିକାମୀ ରାଷ୍ଟ୍ର ହିସାବରେ ଭାରତର ଯେଉଁ ସୁନାମ ଉଦ୍‌ଘୋଷିତ ହୋଇଛି, ତା'ର ବ୍ୟାଘାତ ଯେପରି ନ ହେବ ଏବଂ ରାଷ୍ଟ୍ରର ନ୍ୟୂନତା ବା ସଙ୍କୀର୍ଣ୍ଣତା ଥିଲେ ହେଲେ ଅନ୍ୟ ଜାତିର ସମ୍ମୁଖରେ ଯେପରି ପ୍ରକାଶିତ ନ ହେବ, ସେଥିପ୍ରତି ଯୁବସମାଜ ଜାଗ୍ରତ ହେବା ଆବଶ୍ୟକ । ଯୋଜନାର ଅର୍ଥ ଓ ଉଦ୍ଦେଶ୍ୟ, ଗଣତନ୍ତ୍ରର ମହତ୍ତ୍ୱ, ନାଗରିକର ଅଧିକାର ଓ କର୍ତ୍ତବ୍ୟ, ସରକାରୀ ଆଇନକାନୁନ ଇତ୍ୟାଦି ସମ୍ପର୍କରେ ଅଶିକ୍ଷିତ ନରନାରୀଙ୍କ ଜ୍ଞାନକୁ ସମୃଦ୍ଧ କରାଇ ସେମାନଙ୍କ ମନରେ ଜାତୀୟ ଭାବର ସଞ୍ଚାର କରାଇବାର ଦାୟିତ୍ୱ ନେଇଛି ସ୍ୱାଧୀନ ଭାରତର ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଉପରେ ।

ଆଜି ଯେତେବେଳେ ଉତ୍ତରରେ ବିସ୍ତାରବାଦୀ ଦେଶ ଚୀନ ଏବଂ ପୂର୍ବ ଓ ପଶ୍ଚିମରେ ଶତ୍ରୁଦ୍ରୋହୀ ପାକିସ୍ତାନଦ୍ୱାରା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି, ସେତେବେଳେ ଯୁବକଯୁବତୀମାନେ ସାମରିକ ବାହିନୀ ତଥା ବେସାମରିକ ପ୍ରତିରକ୍ଷା ବାହିନୀରେ ଯୋଗଦାନ କରି ଆମର ପ୍ରତିରକ୍ଷା ଶକ୍ତିକୁ ଦୃଢ଼ତର କରିବା ବିଧେୟ । ଉତ୍ତେଜନା ସୃଷ୍ଟିକାରୀ ଓ ସମାଜ ବିରୋଧୀ ଲୋକଙ୍କୁ ଉଚିତ ଶିକ୍ଷା ଦେବା ନିମନ୍ତେ ଯୁବସମାଜ ଆଗଭର ହେବା ଦରକାର । ପ୍ରେମ, ଶାନ୍ତି, ଐକ୍ୟ ସହନଶୀଳତା ଓ ମାନବିକ ମର୍ଯ୍ୟାଦାବୋଧଦ୍ୱାରା ଦେଶକୁ ପ୍ରଗତି-ପଥରେ ଆଗେଇ ନେବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

ଭାଷା, ଧର୍ମ ବା ଆଞ୍ଚଳିକତାକୁ ଆଧାର କରି କୌଣସି ପ୍ରକାର ବିଚ୍ଛେଦ ସୃଷ୍ଟି କରିବା ଦେଶ ପକ୍ଷରେ ଅଧିକ ସମସ୍ୟା ସୃଷ୍ଟି କରିବ । ତେଣୁ ଜାତୀୟ ଏକତା ଓ ସଂହତି ରକ୍ଷା ଦିଗରେ ଦେଶର ଯୁବକ ଯୁବତୀଗଣ ସର୍ବ ପରୋନାସ୍ତି ଉଦ୍ୟମ କରିବା ଆବଶ୍ୟକ ।

ଗୌରବମୟୀ ଭାରତଜନନୀର ପ୍ରିୟ ସନ୍ତାନଗଣ ସ୍ୱାଧୀନତାର ମୂଲ୍ୟକୁ ହୃଦୟଙ୍ଗମ କରିବା ବାଞ୍ଛନୀୟ । ବିଦେଶୀ ଶାସକର ନିର୍ମମ ଅତ୍ୟାଚାରରେ ମୃତ୍ୟୁ ବରଣ କରି ଯେଉଁ ଅଶରୀରୀ ଆତ୍ମା ଆଜି ଅନ୍ତରୀକ୍ଷ ପଥରେ ଏ ଜାତିର ଦାୟାଦମାନଙ୍କର କର୍ମକୁଶଳତା ଲକ୍ଷ୍ୟ କରୁଛନ୍ତି । ବିଂଶ ଶତାବ୍ଦୀରେ ଏହି ପରିବର୍ତ୍ତନଶୀଳ ବିଶ୍ୱରେ ସମୃଦ୍ଧି ସାଧନ କରି ବିଶ୍ୱବ୍ରହ୍ମାଣ୍ଡରେ ଯଶସ୍ୱୀ ହେବାକୁ ହେଲେ ଜାତୀୟ ପୁନର୍ଗଠନକୁ ଉଜ୍ଜୀବିତ କରି ନିଷ୍ଠାପର ଭାବରେ ଆଜି ଯୁବସମାଜକୁ ଉଦ୍ୟମ କରିବାକୁ ପଡ଼ିବ । ଐକ୍ୟ ଓ ସଂହତି ରକ୍ଷାକରି ପୂଜ୍ୟ ବାପୁଜୀ ତଥା ଅନ୍ୟାନ୍ୟ ମହାମାନବଙ୍କ ନିର୍ଦ୍ଦେଶିତ ଆଦର୍ଶକୁ ପାଥେୟ କରି ସତ୍ୟ ଓ ଅହିଂସା ମାର୍ଗରେ ଆଜି ଯୁବସମାଜ ତଥା ଏ ଦେଶର ଅଗଣିତ ଜନତାକୁ ଅଗ୍ରସର ହେବାକୁ ପଡ଼ିବ ।

# ଉନ୍ନତ ବିହନ ଯୋଗେ କୃଷିର ଅଭିବୃଦ୍ଧି

ସବୁପ୍ରକାର ଅଧିକ ଉତ୍ପାଦନକ୍ଷମ ବିହନ ଉତ୍ପାଦନରେ ଭାରତ ବର୍ତ୍ତମାନ ସ୍ୱାବଲମ୍ବୀ ହୋଇ ପାରିଛି ଏବଂ କେତେକ ପରିମାଣରେ ଉନ୍ନତ ବିହନ ବିଦେଶକୁ ମଧ୍ୟ ରପ୍ତାନି କଲାଣି ।

ଏ' ଅଧିକ ଉତ୍ପାଦନକ୍ଷମ ବିହନ କଅଣ ? ଏହାଦ୍ୱାରା କି ଅସମ୍ଭାବିତ ଫଳ ହାସଲ କରାଯାଇ-ପାରେ ? ଏହା କେଉଁଠୁ ଆସିଲା ଏବଂ ଏହା ବର୍ତ୍ତମାନ ସେପରି କୃଷକମାନଙ୍କ ପାଇଁ ସମୃଦ୍ଧିର ଏକ ନୂତନ ଯୁଗ ଆଣିପାରିଛି ଓ ଦେଶକୁ ଖାଦ୍ୟ ଦିଗରେ ସ୍ୱାବଲମ୍ବୀ କରିଛି ତାହା କରିବା ପୂର୍ବରୁ ଦେଶରେ ଏଭଳି ବିହନ ଉତ୍ପାଦନ ପାଇଁ କି ପରିମାଣରେ ଶ୍ରମ ଓ ବୈଷୟିକ କୌଶଳ ବିନିଯୋଗ କରିବାକୁ ପଡ଼ିଛି ?

## ଦୁଃସ୍ଥିତିର ପ୍ରତିକାର

ଖାଦ୍ୟ ଦିଗରେ ଆମେ ଯେଉଁଭଳି ଅଭାବ ଅନାଟନର ସମ୍ମୁଖୀନ ହେଉଛୁ ତା'ର ଏକମାତ୍ର ପ୍ରତିକାର ହେଉଛି ଅଧିକ ଉତ୍ପାଦନକ୍ଷମ ବିହନ । ୧୯୬୭ ମସିହାରେ ଗୋଟିଏ ବୈଷୟିକ କମିଟି ଗଠିତ ହୋଇ କେତୋଟି ବଡ଼ ବଡ଼ ଜିଲ୍ଲାରେ ଅଧିକ ଉତ୍ପାଦନକ୍ଷମ ବିହନ କାର୍ଯ୍ୟକ୍ରମର ଫଳାଫଳ କିପରି ହୋଇଛି ତାହା ନିର୍ଦ୍ଧାରଣ କରିଥିଲେ । ସେମାନେ ଏ ସମ୍ପର୍କରେ ନିମ୍ନଲିଖିତ ମତାମତ ଦେଇଛନ୍ତି :—

"୧୯୬୭ ମସିହା ଖରିଫ ଋତୁରେ ପ୍ରତିକୂଳ ପାଗଯୋଗ ସତ୍ତ୍ୱେ, ପରୀକ୍ଷା ପାଇଁ ବଛା ଯାଇଥିବା ନିମ୍ନଲିଖିତ ଜିଲ୍ଲାଗୁଡ଼ିକରେ ଅଧିକ ଉତ୍ପାଦନକ୍ଷମ ବିହନରୁ ସ୍ଥାନୀୟ ଧରଣର ବିହନ ଅପେକ୍ଷା ଶତକଡ଼ା ୫୦ ରୁ ୧୦୦ ଭାଗ ଅଧିକ ଫସଲ ଅମଳ ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ଥାଞ୍ଜାଭୁର ( ମାଡ୍ରାଜ ), ଏର୍ଣ୍ଣାକୁଲମ ( କେରଳ , କିଷ୍ଣା ( ଆନ୍ଧ୍ର ପ୍ରଦେଶ ), କଟକ ( ଓଡ଼ିଶା ), କୋଲାବା ( ମହାରାଷ୍ଟ୍ର ), କର୍ଣ୍ଣାଲ (ହରିଆନା), ଆଲିଗଡ଼ (ଉତ୍ତରପ୍ରଦେଶ) ଓ ମେହସାନା (ଗୁଜରାଟ) । କେତେକ କ୍ଷେତ୍ରରେ, ଫଳାଫଳ ମଧ୍ୟ ଅଧିକ ଭଲ ହୋଇଥିଲା । କର୍ଣ୍ଣାଲ ଜିଲ୍ଲାରେ ଏହି ବିହନ ବ୍ୟବହାର କରିଥିବା ଚାଷୀଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୧୮ ଭାଗ ଚାଷୀ ସ୍ଥାନୀୟ ବିହନ ଲଗାଇ ଏକର ପିଛା ଯେଉଁ ପରିମାଣ ଶସ୍ୟ ଅମଳ କରୁଥିଲେ ତାହା ଅପେକ୍ଷା ଅଧିକ ତିନିଗୁଣ ଫସଲ ପାଇଥିଲେ । କିଷ୍ଣା, ଏର୍ଣ୍ଣାକୁଲମ ଓ ଆଲିଗଡ଼ ଜିଲ୍ଲାରେ ବିହନ ଧରଣର ଅସୁବିଧା ଯୋଗୁଁ ଅମଳ ପରିମାଣ ଆଶା ଦୃଶିଆ ହୋଇ ନ ଥିଲେ ମଧ୍ୟ ସ୍ଥାନୀୟ ଧରଣର ଅମଳ ତୁଳନାରେ ଉନ୍ନତ ବିହନରୁ ଅମଳ ପରିମାଣ

ଯଥେଷ୍ଟ ବେଶୀ ହୋଇଥିବାର ଅନେକ ଦୃଷ୍ଟାନ୍ତ ମିଳିଥିଲା । ଏଣ୍ଡ୍ରୀକୁଲମ ଜିଲ୍ଲାରେ କେତେକ ସହଯୋଗୀ ଚାଷୀ ଏକର ପିଛା ୪,୬୦୦ କିଲୋଗ୍ରାମ ଶସ୍ୟ ଅମଳ କରିଥିଲେ । ସବୁ ପ୍ରକାର ଉନ୍ନତ କୃଷି ଉପକରଣ ଲଗାଇ ପରୀକ୍ଷାମୂଳକ କୃଷି ଫାର୍ମମାନଙ୍କରେ ଯେଉଁ ପରିମାଣରେ ଫସଲ ଉତ୍ପାଦନ କରାଯାଏ ତାହା ଅପେକ୍ଷା ଏହି ଉତ୍ପାଦନର ହାର ଯଥେଷ୍ଟ ଅଧିକ ।"

ତେଣୁ ପ୍ରଗତିଶୀଳ କୃଷକମାନେ ଯେ ଏହି ଧାରଣାକୁ ଗ୍ରହଣ କରି ନେଇଛନ୍ତି ସେଥିରେ ବିସ୍ମିତ ହେବାର କିଛି ନାହିଁ । ୧୯୬୬-୬୭ ମସିହାରେ ପ୍ରାୟ ୫ ନିୟୁତ ଏକର ଜମିରେ ଅଧିକ ଉତ୍ପାଦନକ୍ଷମ ବିହନ ଲଗାଯାଇଥିବାର ଅଟକଳ ହୋଇଥିବା ସ୍ଥଳେ, ୧୯୬୭-୬୮ ଖରିଫ୍ ଋତୁରେ ୭ ନିୟୁତ ଏକରରେ ଏହି ଚାଷ ହୋଇଥିଲା ଏବଂ ୧୯୬୭-୬୮ ରବି ଋତୁରେ ୯ ନିୟୁତ ଏକରରୁ ଅଧିକ ଜମିରେ ଏହି ବିହନ ଚାଷ ହେବାର ହିସାବ କରାଯାଇଛି । ମୋଟ ଉପରେ ଖରିଫ୍ ଋତୁରେ ଉନ୍ନତ ବିହନ ଚାଷ ହୋଇଥିବା ଜମିର ପରିମାଣ ଶତକଡ଼ା ୬୦ ଓ ରବି ଋତୁରେ ଶତକଡ଼ା ୮୦ ଭାଗ ବୃଦ୍ଧି ପାଇଛି ।

୧୯୬୮ ଖରିଫ ଋତୁରେ ୧୪.୫୨ ନିୟୁତ ଏକରରେ ଅଧିକ ଅମଳକ୍ଷମ ବିହନ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୬୬-୬୭ ରେ ଏଭଳି ଚାଷ ହୋଇଥିବା ଜମି ଅପେକ୍ଷା ଉକ୍ତ ପରିମାଣ ତିନିଗୁଣ ଅଧିକ ହେବ । ମନୁଷ୍ୟର ପ୍ରତିଭା, କୌଶଳ ଓ ଧୈର୍ଯ୍ୟ ସହିତ ବିଜ୍ଞାନ ଓ ଟେକ୍ନୋଲୋଜିର ସମ୍ମିଶ୍ରଣହିଁ ଉନ୍ନତ ବିହନ ବିକାଶର କାରଣ । ଏହି ପ୍ରଚେଷ୍ଟାର ଆରମ୍ଭ ହୁଏ ୧୯୬୧ ମସିହାରେ, ଯେତେବେଳେ କି ପ୍ରଥମ ସଙ୍କର ମକା ଚାଷ ପାଇଁ ବାହାରକୁ ଛାଡ଼ ଦିଆଗଲା । ତା ପରେ ୧୯୬୩ ମସିହାରେ ସର୍ବଭାରତୀୟ ସମନ୍ୱିତ ମକା କାର୍ଯ୍ୟକ୍ରମ ଅଧୀନରେ ଅଧିକ ସଙ୍କର ମକା ଉତ୍ପାଦିତ ହେଲା । ଅତି ଉଚ୍ଚକୋଟିର ବିହନ ଉତ୍ପାଦନ ଓ ବଣ୍ଟନର ଅଭିବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ସେହିବର୍ଷ ଜାତୀୟ ବିହନ କର୍ପୋରେସନ ଗଠିତ ହୋଇଥିଲା । ପ୍ରଧାନ ପ୍ରଧାନ ମକା ଉତ୍ପାଦନକାରୀ ଅଞ୍ଚଳମାନଙ୍କରେ ଉଦ୍ୟମଶୀଳ କୃଷକମାନେ ପ୍ରଥମେ ପ୍ରଥମେ ଏହି ନୂଆ କିସମ ବିହନର ଯେଉଁ ପ୍ରତିରୋଧ କରୁଥିଲେ ତାହାକୁ ଉକ୍ତ କର୍ପୋରେସନ୍ ପ୍ରଗତିଶୀଳ କୃଷକମାନଙ୍କ ସହାୟତାରେ ସଫଳତାର ସହିତ ଏଡ଼ାଇ ପାରିଥିଲେ । ସେହିପରି ମେକ୍ସିକୋ ଜାତୀୟ ଗହମ ଉପରେ ମଧ୍ୟ ପରୀକ୍ଷା ଓ ଗବେଷଣା ଚାଲିଲା ।

୧୯୬୪ ମସିହାରେ ପ୍ରଥମ ସଙ୍କର ଯଅ (ଜୁଆର) ଓ ୧୯୬୫ ରେ ପ୍ରଥମ ସଙ୍କର ବାଜରାର ଅଭ୍ୟୁଦୟ ହେଲା । ସେହି ବର୍ଷ ଟି. ଏନ୍-୧ ଧରଣର ଧାନ ବିହନ ପରୀକ୍ଷାମୂଳକ ଭାବେ ଚାଷ କରାଗଲା । ୧୯୬୬ ମସିହାରେ ଟି. ଏନ୍-୧ ଓ ଆଇ. ଆର୍ ୮ ନାମକ ଦୁଇଟି ବାଙ୍ଗର ଧରଣର ଧାନ ବିହନ ସାରା ଭାରତରେ ପ୍ରଚଳନ କରାଗଲା ଏବଂ ଏ. ଡି. ଟି-୨୭, ଟାଇନାନ୍-୩ ଓ ତାଇଚୁଂଗ୍-୬୫ ଧାନ ବିହନ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ଚାଷ କରାଗଲା । ୧୯୬୫-୬୬ ମସିହାରେ ମେକ୍ସିକୋ ଦେଶୀୟ ବାଙ୍ଗର ଗହମ ଚାଷ ପାଇଁ ବ୍ୟବସ୍ଥା କରାଗଲା ।

## ବିହନ ଉତ୍ପାଦନ ସମସ୍ୟା

ବିହନ ଉତ୍ପାଦନର ନିମ୍ନଲିଖିତ ସଂକ୍ଷିପ୍ତ ବିବରଣୀ ଖୁବ୍ ସହଜ ମନେ ହେଉଛି, କିନ୍ତୁ ଏହା ପଛରେ ଲୁଚି ରହିଛି ତିନୋଟି ବଡ଼ ବଡ଼ ସମସ୍ୟା । ଭାରତ ଭଳି ଯେଉଁ ଦେଶମାନେ ଅଳ୍ପ ହାରର ଫସଲ ଅମଳ ବିରୁଦ୍ଧରେ ଅନବରତ ସଂଗ୍ରାମ ଚଳାଇଛନ୍ତି ସେମାନେ ଏସବୁ ସମସ୍ୟାର ସମ୍ମୁଖୀନ । ସେସବୁ ସମସ୍ୟା ହେଲା (କ) କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ଓ କୌଣସି ନିର୍ଦ୍ଦିଷ୍ଟ ଜଳବାୟୁ ପକ୍ଷେ ଉପଯୋଗୀ ହେଲାଭଳି ବହୁଳ ଉତ୍ପାଦନକ୍ଷମ ବିହନ ବା ସଙ୍କର ବିହନର

ବିକାଶ ଉପରେ କରାଯାଇ ପାରିବ, (ଖ) ଯଥାଯଥ ଉତ୍ତମ ବିହନର ବିକାଶ ଘଟାଇବା ପରେ ଉପରୋକ୍ତ ସେହି ବିହନର ପରିମାଣ ଖୁବ୍ ଶୀଘ୍ର ବୃଦ୍ଧି କରିବାକୁ ହେବ ଯେପରିକି ଭାରତ ଭଳି ଏକ ବିସ୍ତୃତ ଦେଶର ସମସ୍ତ କୃଷୀ କୁଣାକୁଣି ବେଳେ ଏକ ସମୟରେ ଏଭଳି ବିହନ ପାଇ ପାରିବେ ଏବଂ (ଗ) ପରିଶେଷରେ, ଆବଶ୍ୟକ ପରିମାଣର ଉତ୍କୃଷ୍ଟ ବିହନ ଉତ୍ପାଦନ ଉତ୍ପନ୍ନପରେ ଉପର ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିବାକୁ ହେବ ଯାହାଦ୍ୱାରାକି ବଣ୍ଟନ ଓ ବ୍ୟବହାର ବେଳେ ବିହନରେ ଭେଜାଲ ମିଶିଯିବ ନାହିଁ । କୃଷି ଗବେଷଣା ପରୀକ୍ଷାଗାରମାନଙ୍କରେ ଆମର ଯେଉଁ ବୈଜ୍ଞାନିକମାନେ ସ୍ଥାନୀୟ ଓ ଆମଦାନୀ କରାଯାଇଥିବା ବିହନ ଉପରେ ଅନବରତ ଗବେଷଣା ଚଳାଇଛନ୍ତି ସେମାନଙ୍କ ଗବେଷଣାଲବ୍ଧ ଫଳ ପ୍ରଥମ ସମସ୍ୟାଟିର ଉତ୍ତର ଦେଇଛି । ଦ୍ୱିତୀୟ ସମସ୍ୟା ସମ୍ପର୍କରେ କୁହାଯାଇ ପାରେ ଯେ ସାଧାରଣ ଅବସ୍ଥାରେ କୃଷକମାନଙ୍କୁ ନୂଆ ଧରଣର ଖାଣ୍ଟି ବିହନ ଯଥେଷ୍ଟ ପରିମାଣରେ ମିଳିବା ପାଇଁ ତିନି ଚାରିବର୍ଷ ଲାଗି ଥାଆନ୍ତା ; କିନ୍ତୁ ଭାରତ ସରକାର ତଥା ରାଜ୍ୟସରକାରମାନେ ୧୯୬୬ ମସିହାରେହିଁ ନୂଆ ଧରଣର ବିହନ ବ୍ୟାପକ ଭାବେ ଚାଷ କରି ଯଥାସମ୍ଭବ ଶୀଘ୍ର କୃଷି ଉତ୍ପାଦନ ବଢ଼ାଇବା ପାଇଁ ଉତ୍କଣ୍ଠିତ ହୋଇ ପଡ଼ିଲେ । ତେଣୁ ଜାତୀୟ ବିହନ କର୍ପୋରେସନ ଏ ଉଦ୍ଦେଶ୍ୟରେ ଦୁଇଟି ଦିଗରୁ ଅଭିଯାନ ଆରମ୍ଭ କରିଥିଲେ, ଯଥା—(୧) କର୍ପୋରେସନ ରାଜ୍ୟସରକାରମାନଙ୍କ ସହାୟତାରେ ଉତ୍ତର ପ୍ରଦେଶର ହେମପୁର ଓ ଆନ୍ଧ୍ର ପ୍ରଦେଶର କୁନୁରଠାରେ ଦୁଇଟି ମୂଳ ବିହନ ଫାର୍ମ ପ୍ରତିଷ୍ଠା କଲେ, (୨) ଏହି ଦୁଇଟି ଫାର୍ମରେ ଯେତିକି ମୂଳ ବିହନ ଉତ୍ପାଦନ କରାଯାଉଥିଲା ତାହା ଅପେକ୍ଷା ଆହୁରି ଅଧିକ ବିହନ କୃଷି ବିଶ୍ୱବିଦ୍ୟାଳୟ, ରାଜ୍ୟ ସରକାରୀ ଫାର୍ମ ଓ ପ୍ରଗତିଶୀଳ କୃଷକମାନଙ୍କ ଜରିଆରେ ଉତ୍ପାଦିତ ହେଉଥିଲା ।

ତୃତୀୟ ସମସ୍ୟା ଅର୍ଥାତ୍ ବିହନର ବିଶୁଦ୍ଧତା ରକ୍ଷା କରିବାର ସମସ୍ୟାକୁ ନିମ୍ନଲିଖିତ ତିନୋଟି ବ୍ୟବସ୍ଥା ଦ୍ୱାରା ସମାଧାନ କରାଯାଇପାରେ : (କ) କଡ଼ାକଡ଼ ବୈଜ୍ଞାନିକ ତତ୍ତ୍ୱାବଧାନ ଅଧୀନରେ ଯେପରି ମୂଳ ବିହନଗୁଡ଼ିକ ଉତ୍ପାଦିତ ହେବ ଏବଂ ଉତ୍ପାଦନ ପରେ ପୁଣି ସ୍ୱାଧୀନ ଭାବେ ବୈଜ୍ଞାନିକ ବିଶେଷଜ୍ଞମାନଙ୍କ ଦ୍ୱାରା ଯାଞ୍ଚ କରାଯିବ, ସେ ଦିଗରେ କର୍ପୋରେସନ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିଥିଲେ, (ଖ) ଆର୍ଦ୍ରତା ଓ ଉତ୍ତାପକୁ ନିୟନ୍ତ୍ରିତ କରି ସେହି ନିୟନ୍ତ୍ରିତ ବାତାବରଣରେ ମୂଳ ବିହନକୁ ସୁରକ୍ଷିତ ରଖିବା ପାଇଁ କର୍ପୋରେସନ ସୁବିଧାଜନକ ଗୋଦାମ ତିଆରି କରିଥିଲେ, (ଗ) ମୂଳ ବିହନ ବସ୍ତାଗୁଡ଼ିକ ବ୍ୟବହୃତ ହେବା ପୂର୍ବରୁ ସେଗୁଡ଼ିକ କୃଷି କ୍ଷେତ୍ରରେ ଧାରାବାହିକ ଭାବେ ପରୀକ୍ଷା କରିବା ପାଇଁ ଉକ୍ତ କର୍ପୋରେସନ ଗୋଟିଏ ଗୁଣ ନିୟାମକ ବିଭାଗ ( Quality Control Department) ପ୍ରତିଷ୍ଠା କରିଥିଲେ ।

ଏହି ପ୍ରଗାଢ଼ କାର୍ଯ୍ୟକ୍ରମରେ ଯେଉଁଭଳି ପ୍ରଚେଷ୍ଟା କରାଯାଇଥିଲା ତଦନୁପାତରେ ସଫଳତା ହାସଲ ହୋଇଥିଲା । ତେଣୁ ଆଜି ଆମ୍ଭେମାନେ ସବୁପ୍ରକାର ଅଧିକ ଉତ୍ପାଦନକ୍ଷମ ବିହନରେ ସ୍ୱାବଲମ୍ବନଶୀଳତା ହାସଲ କଲାଭଳି ଅବସ୍ଥାରେ ଉପନୀତ ହୋଇଛୁ ଏବଂ ସେସବୁକୁ ବିଦେଶକୁ ରପ୍ତାନି କରିବା ଅବସ୍ଥାରେ ରହିଛୁଁ ।

## ଉନ୍ନତ ବିହନର ଅଧିକ ଚାହିଦା

ଆମ ଦେଶରେ ମଧ୍ୟ ଉନ୍ନତ ବିହନର ଚାହିଦା ଏତେ ବେଶୀ ହୋଇଛି ଯେ କେତେକ ନୂଆ ଧରଣର ବିହନର ମୂଲ୍ୟ ବହୁତ ବୃଦ୍ଧି ପାଇଛି କାରଣ ଏଭଳି ବିହନ ଯେତେ ମିଳୁଛି ତା' ଅପେକ୍ଷା ଲୋକଙ୍କ ଚାହିଦା ଅଧିକ ହୋଇଛି । ଏଭଳି ପରିସ୍ଥିତି ରୋକିବା ପାଇଁ ଭାରତ ସରକାର ଏବେ ନିକଟରେ ଜାତୀୟ

ବିହନ କର୍ପୋରେସନ ଓ ଭାରତୀୟ କୃଷି ଗବେଷଣା ପରିଷଦଙ୍କ ସହିତ କେତେକ ବନ୍ଦୋବସ୍ତ କରିଛନ୍ତି । ତାହା ଫଳରେ ବିହନ ବାହାରକୁ ଛଡ଼ାଯିବା ପୂର୍ବରୁ ଆଗେ ମୂଳ ବିହନକୁ ବୃଦ୍ଧିକରି ସେଥିରୁ ଆହୁରି ବିହନ ଉତ୍ପାଦନ କରାଯିବ । ଏହି ପରିକଳ୍ପନା ଅନୁସାରେ ବ୍ୟବସ୍ଥା ହୋଇଛି ଯେ ନିକଟ ଭବିଷ୍ୟତରେ କେଉଁ କେଉଁ ଉନ୍ନତ ବିହନ କିସମମାନଙ୍କ ପାଇଁ ଚାହିଦା ବଢ଼ିଆସିବାର ସମ୍ଭାବନା ରହିଛି ତାହା ଭାରତୀୟ କୃଷି ଗବେଷଣା ପରିଷଦ ଜାତୀୟ ବିହନ କର୍ପୋରେସନକୁ ସୂଚନା ଦେବେ ଏବଂ ଏଭଳି ବିହନ ବାହାରକୁ ଛାଡ଼ିବା ପୂର୍ବରୁ ତ୍ୱରିତ ଗତିରେ ତାହାର ପରିମାଣ ବୃଦ୍ଧି କରିବା ପାଇଁ କର୍ପୋରେସନ ବ୍ୟବସ୍ଥା କରିବେ ।

## ବିହନ ପରୀକ୍ଷା ଓ ପ୍ରମାଣୀକରଣ

ବିହନ ଉତ୍ପାଦନରେ ଅସଲ କଥା ହେଲା ତା'ର ଗୁଣ । ତେଣୁ ବିହନର ଗୁଣ ପ୍ରମାଣୀକୃତ କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରା ନ ଗଲେ ବିହନ ଉତ୍ପାଦନ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହୋଇ ନ ପାରେ । ଏଥିପାଇଁ ରାଜ୍ୟ-ସରକାରମାନେ ଭାରତ ସରକାରଙ୍କ ସହାୟତା କ୍ରମେ ବିହନ ପରୀକ୍ଷାଗାରମାନ ସ୍ଥାପନ କରିଛନ୍ତି । ଏସବୁ ପରୀକ୍ଷାଗାରକୁ ତାଲିମପ୍ରାପ୍ତ ବିହନ ପରୀକ୍ଷା କର୍ମଚାରୀ ଯୋଗାଇବା ପାଇଁ ଭାରତୀୟ କୃଷି ଗବେଷଣା ଅନୁଷ୍ଠାନ ବିହନ ପରୀକ୍ଷା ବିଷୟକ ତାଲିମ ପାଠ୍ୟକ୍ରମ ଚଳାଇଛନ୍ତି । ଏହି ଅନୁଷ୍ଠାନର ବିହନ ପରୀକ୍ଷା ଲାବୋରେଟୋରିଟି ଆନ୍ତର୍ଜାତିକ ବିହନ ପରୀକ୍ଷା ସଙ୍ଘର ସଭ୍ୟ ଶ୍ରେଣୀଭୁକ୍ତ ହୋଇଛି ।

## ବିହନ ପାଟେଇବା

କେବଳ ଉନ୍ନତ ଓ ସଙ୍କର ଜାତୀୟ ବିହନର ଉତ୍ପାଦନ ଓ ପ୍ରମାଣୀକରଣ କରିଦେଲେ ଯଥେଷ୍ଟ ହେବ ନାହିଁ । ପ୍ରଚୁର ଫସଲ ଫଳାଇବା ପାଇଁ ଏହି ଭାବରେ ପାଗ ହୋଇଥିବା ଓ ଖାଣ୍ଟି ବୋଲି ପ୍ରମାଣିତ ହୋଇଥିବା ବିହନ ବୁଣାଯାଇ ପାରିବା ପୂର୍ବରୁ ଆଉ ଗୋଟିଏ ଅତ୍ୟାବଶ୍ୟକୀୟ ପଦକ୍ଷେପ ନିଆଯିବା ଆବଶ୍ୟକ । ବିହନକୁ ଯଥାଯଥ ଭାବରେ ପାଗଯୋଗ କରି ବସ୍ତା ବା ଟିଣଡବାରେ ମଜବୁତ କରି ବାନ୍ଧି ରଖିବାକୁ ହେବ । ଆମ ଦେଶର ଅଧିକାଂଶ ଅଞ୍ଚଳରେ ଫସଲ ବୁଣା ସମୟରେ ଲାଗି ରହିଥିବା ଗରମ ଓ ଓଦାଳିଆ ପାଗରେ ଏହାର ଉତ୍ପାଦିକା ଶକ୍ତି ଏହି ଭାବରେ ସୁରକ୍ଷିତ ରହି ପାରିବ । ଏହି ଉଦ୍ଦେଶ୍ୟରେ କର୍ପୋରେସନ ନିମ୍ନଲିଖିତ ପନ୍ଥା ଗ୍ରହଣ କରୁଛନ୍ତି, (କ) ଗରମ ପବନ ବା ଅନ୍ୟ ଉପାୟରେ ବିହନଗୁଡ଼ିକ ଶୁଖାଇ ଯଥାଯଥ ଆର୍ଦ୍ରତାର ସ୍ତର ରକ୍ଷା କରୁଛନ୍ତି ଯେପରିକି ବିହନଗୁଡ଼ିକ ବହୁକାଳ ପର୍ଯ୍ୟନ୍ତ ନିରାପଦରେ ସଞ୍ଚିତ ରଖାଯାଇ ପାରିବ, (ଖ) ଯନ୍ତ୍ର ସାହାଯ୍ୟରେ ବିହନଗୁଡ଼ିକୁ ସଫାକରି ସେଥିରେ ପୋକମରା ଔଷଧ ମିଶାଇ ଦିଆଯାଉଛି, (ଗ) ଅସମୟରେ ଗଜା ନ ହେବା ପାଇଁ ଏବଂ ସେଥିରେ ଘାସମଞ୍ଜି ଇତ୍ୟାଦି ନ ରହିବା ପାଇଁ ବିହନ ବସ୍ତାକୁ ଯଥାଯଥଭାବେ ସିଲେଇ ଓ ମୁଦ କରାଯାଉଛି ।

ଏସବୁ କାର୍ଯ୍ୟ ଚଳାଇବା ପାଇଁ କର୍ପୋରେସନ ନିଜର କେତୋଟି କମଣ କାରଖାନା (ପ୍ରୋସେସିଂ ପ୍ଲାଣ୍ଟ) ସ୍ଥାପନ କରିଛନ୍ତି ଏବଂ ରାଜ୍ୟ ସରକାର ତଥା ବେସରକାରୀ ବିହନ ସଂସ୍ଥାଗୁଡ଼ିକୁ ଏଭଳି କାରଖାନା ପ୍ରତିଷ୍ଠା ଦିଗରେ ସକ୍ରିୟ ସାହାଯ୍ୟ କରିଛନ୍ତି । ଉନ୍ନତ ବିହନର ଯୋଗାଣ ଆହୁରି ଅଧିକ ବଢ଼ାଇ ଦେବାପାଇଁ କେନ୍ଦ୍ର ସରକାର (୧) ପାଞ୍ଚଶହ ଏକର ପର୍ଯ୍ୟନ୍ତ ଆୟତନର ବଡ଼ ବଡ଼ ଫାର୍ମ ସଂସ୍ଥାଙ୍କୁ ଅନୁଦାନ ଦେଉଛନ୍ତି—ଯଥାଯଥ ଗୁଣ ବିଶିଷ୍ଟ ମୂଳ ବିହନ ଉତ୍ପାଦନ ପାଇଁ ଏସବୁ ଫାର୍ମକୁ ଉପଯୁକ୍ତ ଯନ୍ତ୍ରପାତି ଓ ବୈଷୟିକ କର୍ମଚାରୀ ଯୋଗାଇ ଦେଉଛନ୍ତି, (୨) ଉଚ୍ଚ କୋଟିର ମୂଳ ବିହନ ଉତ୍ପାଦନ ପାଇଁ ପାଞ୍ଚ

ହଜାରରୁ ଦଶ ହଜାର ଏକର ବିଶିଷ୍ଟ କେତେକ କେନ୍ଦ୍ରୀୟ ବିହନ ଫାର୍ମ ପ୍ରତିଷ୍ଠା କରିଛନ୍ତି, (ଗ) ଏସବୁ ବିହନ ଫାର୍ମ ଗୁଡ଼ିକ ପାଖରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଯାଗାରେ ମୂଳ ବିହନର ଉତ୍ପାଦନ ବୃଦ୍ଧି ପାଇଁ ରେଜିଷ୍ଟ୍ରିଭୁକ୍ତ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି । ଏ ଉଦ୍ଦେଶ୍ୟରେ ଏବଂ ଏଠାରେ ଉତ୍ପାଦିତ ବିହନର କିସମ ଓ ଶୁଦ୍ଧତାର ବ୍ୟାପକ ବୈଜ୍ଞାନିକ ତତ୍ତ୍ୱାବଧାନ ପାଇଁ ବ୍ୟବସ୍ଥା କରିବା ନିମନ୍ତେ କେତେକ ବିହନ ଗ୍ରାମ ପ୍ରତିଷ୍ଠା କରାଯିବ ଓ ସେଗୁଡ଼ିକ ପୂରାପୂରି ବିହନ ଉତ୍ପାଦନରେ ନିଯୁକ୍ତ ରହିବେ ।

---

୨୮ ପୃଷ୍ଠାର ଅବଶିଷ୍ଟାଂଶ

ପଞ୍ଚହସ୍ତେ ନ୍ୟସ୍ତ ହେଲେ ଲବ୍ଧ ଅଧିକାର,
ଅବଶ୍ୟ ଦେଶର ହେବ ବହୁ ଉପକାର
ଧାର୍ମିକ ସୁଜନ ଦେଖି କଲେ ପଞ୍ଚାୟତ,
ନିଶ୍ଚୟ ସମାଜ ହେବ ଧର୍ମର ଆୟତ୍ତ ।

ତେବେ ଆମ ଓଡ଼ିଶାରେ ଜନର ଅଭାବ ନାହିଁ, ଅଭାବ ଅଛି କେବଳ ମନର । ଯଦି ଓଡ଼ିଶା ପଞ୍ଚାୟତର ନବ ନିର୍ବାଚିତ ପ୍ରତିନିଧିମାନେ ଆନ୍ତରିକତାରେ କାର୍ଯ୍ୟ କରନ୍ତେ ଓ ଲୋକମାନଙ୍କ ଉନ୍ନତିକଳ୍ପେ ତାଙ୍କର ନିଃସ୍ୱାର୍ଥ କର୍ତ୍ତବ୍ୟ ତୁଲାଇବାକୁ ଆପ୍ରାଣ ଉଦ୍ୟମ କରନ୍ତେ ତା'ହେଲେ ଏ ଜାତିର ପୁରାତନୀର ସେଇ ପୂର୍ବ କମନୀୟ କାନ୍ତି ବିକଶିତ ହୋଇ ଜନତା ଓ ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟ ବା ପଞ୍ଚାୟତରାଜ ବାସ୍ତବରେ ରୂପାୟିତ ହୋଇ ପାରନ୍ତା ।


ସେଥିପାଇଁ ଗାନ୍ଧିଜୀ ତାଙ୍କ ସ୍ୱପ୍ନର ଭାରତକୁ ଆଗରେ ରଖି ଗାଁକୁ ଉଚ୍ଚତମ ଆସନ ଦେଇ କହିଥିଲେ "ମୋ ମତରେ ଯଦି ଗାଁ ଗୁଡ଼ିକ ଲୋପପାଏ, ତେବେ ଭାରତ ମଧ୍ୟ ଲୋପ ପାଇଯିବ, ଭାରତ ଆଉ ଭାରତ ହୋଇ ରହିବ ନାହିଁ" ।

# ଆମ ରାଜ୍ୟ

## ମରୁଡିଗ୍ରସ୍ତ ଅଞ୍ଚଳରେ ବେସରକାରୀ ଅନୁଷ୍ଠାନମାନଙ୍କର ପ୍ରଶଂସନୀୟ କାର୍ଯ୍ୟ

ଓଡ଼ିଶାର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ସମ୍ପୂର୍ଣ୍ଣରୂପେ ଦୂର ହୋଇ ନ ଥିବା ଯୋଗୁ ବିଭିନ୍ନ ସରକାରୀ ସାହାଯ୍ୟ କାର୍ଯ୍ୟ ଏବେ ମଧ୍ୟ ଚାଲିଛି ଏବଂ ଆସନ୍ତା ଫସଲ ହେବା ପର୍ଯ୍ୟନ୍ତ ତାହା ଚାଲୁ ରହିବ । କିନ୍ତୁ ବିସ୍ତୃତ ଅଞ୍ଚଳରେ ମରୁଡ଼ି ଯୋଗୁଁ ଲୋକେ ଦୁଃଖ ଭୋଗୁ ଥିବାରୁ ସରକାରୀ ସାହାଯ୍ୟ ସେଥିପାଇଁ ପର୍ଯ୍ୟାପ୍ତ ହେବା ସମ୍ଭବ ନୁହେଁ । ଏଣୁ ଏ ବିଗରେ ମରୁଡ଼ିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ବେସରକାରୀ ଅନୁଷ୍ଠାନମାନଙ୍କୁ ନିବେଦନ କରିଥିଲେ । ଏହି ନିବେଦନ ଫଳରେ କେତେକ ଆନ୍ତର୍ଜାତୀୟ ସଂସ୍ଥା-ସମେତ ବହୁ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଆଗଭର ହୋଇ ବାହାରି ଥିଲେ ଏବଂ ଏମାନେ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି । ବିଭିନ୍ନ ବେସରକାରୀ ସାହାଯ୍ୟ ସଂସ୍ଥାମାନଙ୍କୁ ଭିନ୍ନ ଭିନ୍ନ ଅଞ୍ଚଳ ବାଣ୍ଟି ଦିଆଯାଇଛି ଏବଂ ସେମାନେ ସେଠାରେ ରିଲିଫ ସାହାଯ୍ୟ କାର୍ଯ୍ୟ ଚଳାଇଛନ୍ତି । ବେସରକାରୀ ସଂସ୍ଥାମାନେ ଯେଉଁସବୁ ଅଞ୍ଚଳରେ ରିଲିଫ କାର୍ଯ୍ୟ କରୁଛନ୍ତି ଏବଂ କେତେଦୂର ସାହାଯ୍ୟ କଲେଣି ତା'ର ଏକ ବିବରଣୀ ନିମ୍ନରେ ଦିଆଗଲା ।

**ଶ୍ରୀ ରାମକୃଷ୍ଣ ମିଶନ**—ଏହି ଅନୁଷ୍ଠାନ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବ୍‌ଡିଭିଜନ୍‌ର ବିଭିନ୍ନ ସ୍ଥାନରେ ସାହାଯ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେମାନେ ପ୍ରତି ସପ୍ତାହରେ ପ୍ରତ୍ୟେକ ପିଲାକୁ ଏକ କିଲୋ ଗୁଣ୍ଡିଲ ଏବଂ ବୟସ୍କ ବ୍ୟକ୍ତିଙ୍କୁ ଦୁଇ କିଲୋ ହିସାବରେ ଗୁଣ୍ଡିଲ ମାଗଣା ଦେଉଛନ୍ତି । ଏମାନେ ଏପର୍ଯ୍ୟନ୍ତ ୭,୦୭୭ ଜଣ ଲୋକଙ୍କୁ ସାହାଯ୍ୟ କରି-ସାରିଲେଣି ଏବଂ ୨୨୦ ଟନ୍ ଗୁଣ୍ଡିଲ ବାଣ୍ଟିଛନ୍ତି ।



ରାଜଭବନଠାରେ ଅଗଷ୍ଟ ୧୬ ତାରିଖ ଦିନ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଅନସାରୀ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଭାରତର ଉପରାଷ୍ଟ୍ରପତି ଶ୍ରୀ ଭି.ଭି. ଗିରିଙ୍କୁ ସ୍ୱାଗତ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଅଗଷ୍ଟ ୧୯ ତାରିଖ ଦିନ ବିହାରର ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଶ୍ରୀ
ମେଡ଼ିକାଲ କଲେଜର ଛାତ୍ର ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଉଛ





ଙ୍ଗିରଠାରେ ଅଗଷ୍ଟ ୧୫ ତାରିଖଦିନ ସ୍ୱାଧୀନତା ଦିବସ ପ୍ୟାରେଡ୍‌, ଶିଳ୍ପ ବାଣିଜ୍ୟ
ଘରୋଇ (ଲୋକସଂପର୍କ) ବିଭାଗ ମନ୍ତ୍ରୀ ଶ୍ରୀ ହରିହର ପଟ୍ଟେଲ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଶିଳ୍ପ ମନ୍ତ୍ରୀ ଶ୍ରୀ ହରିହର ପଟ୍ଟେଲ ବଲାଙ୍ଗିର ଜିଲ୍ଲାର ସଲଣ୍ଡି ସେତୁ ଉଦ୍‌ଘାଟନ କରୁଛନ୍ତି । ଚିତ୍ରରେ ଶ୍ରୀ ପଟ୍ଟେଲ, ଶ୍ରୀମତୀ ପଟ୍ଟେଲ (ବାମକଡ଼ରେ) ଏବଂ କଲେକ୍ଟର ଶ୍ରୀ ଏ. ଏନ୍. ତିୱାରୀ, ଆଇ. ଏ. ଏସ୍. (ଦକ୍ଷିଣକଡ଼ରେ)






## ଚିତ୍ରେ ସମ୍ବାଦ

ଭୁବନେଶ୍ୱରସ୍ଥ ଭ ଷେଣଜ ସ୍କୁଲକୁ ଗୋଟିଏ ସ୍ୱତନ୍ତ୍ର ପୁରସ୍କାର ୧୯୬୮ ମସିହା ଗଣରାଜ୍ୟ ଦିବସ ପ୍ୟାରେଡ଼୍ ଉପଲକ୍ଷେ ଦିଆଯାଇଥିଲା। ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କଠାରୁ କ୍ୟାପ୍ଟେନ ସୂର୍ଯ୍ୟକାନ୍ତ ତ୍ରିପାଠୀ ପୁରସ୍କାରଟି ଗ୍ରହଣ କରୁଛନ୍ତି ।

ଅଗଷ୍ଟ ମାସ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ୧୯୬୮ ମସିହା ଗଣରାଜ୍ୟ ପ୍ୟାରେଡ୍ ଉପଲକ୍ଷେ ପୁରସ୍କୃତ ସିଲ୍ଡ୍‌ଟି ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ପ୍ରଧାନଙ୍କଠାରୁ ରାଜଧାନୀ ଉଚ୍ଚ ବିଦ୍ୟାଳୟର ସର୍ଜେଣ୍ଟ ବି. ସେନାପତ ବି. ସ. ଉଚ୍ଚସ୍ତର ବିଭାଗ) ଗ୍ରହଣ କରୁଛନ୍ତି ।




## ଚିତ୍ର ସମ୍ବାଦ



ଚଳିତ ବର୍ଷ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ଓ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଉପଲକ୍ଷେ ପୁରସ୍କୃତ ସିଲଡ଼ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କଠାରୁ ମହିଳା ମହାବିଦ୍ୟାଳୟର (ସିନିୟର ଏନ୍. ସି. ସି. ବାଳିକା) ସର୍ଜେଣ୍ଟ କମଳର ରଞ୍ଜନ ପ୍ରଧାନ ଗ୍ରହଣ କରୁଛନ୍ତି ।

ଚଳିତ ବର୍ଷ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ, ଗଣତନ୍ତ୍ର ଦିବସ ପ୍ୟାରେଡ୍ ଉପଲକ୍ଷେ ପୁରସ୍କୃତ ସିଲଡ଼ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କଠାରୁ ଡେମନଷ୍ଟ୍ରେସନ୍ ମଲ୍ଟି ପରପସ୍ ସ୍କୁଲର କୁମାରୀ ରାଣୀ ମହାପାତ୍ର ଗ୍ରହଣ କରୁଛନ୍ତି ।





ଗଲାବର୍ଷ ଭୁବନେଶ୍ୱରଠାରେ ଅଗଷ୍ଟ ୧୫ ତାରିଖ ଦିନ ହୋଇଥିବା ରାଜ୍ୟସ୍ତରୀୟ ସ୍ୱାଧୀନତ
ଦିବସ ପ୍ୟାରେଡ଼, ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଭୁବନେଶ୍ୱରଠାରେ ଗତ ବର୍ଷ ଅଗଷ୍ଟ ୨୩ ତାରିଖ ଦିନ ଜଳବାୟୁ ଓ ଜଙ୍ଗଲ ସମ୍ବନ୍ଧରେ
ଅନୁଷ୍ଠିତ ସେମିନାରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଭାଷଣ ଦେଉଛନ୍ତି ।






ଭୁବନେଶ୍ୱରର ମୁକ୍ତାକାଶ ସ୍ଥିତ ଶିଶୁ ଗ୍ରନ୍ଥାଗାର, ଉପମୁଖ୍ୟ-ମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ବନମାଳୀ ପଟ୍ଟନାୟକ ଗତବର୍ଷ ଅଗଷ୍ଟ ୨୨ ତାରିଖ ଦିନ ପରିଦର୍ଶନ କରୁଛନ୍ତି ।

## ଚଳନ୍ତି ସମ୍ବାଦ

ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଭୁବନେଶ୍ୱରଠାରେ ଗତବର୍ଷ ଅଗଷ୍ଟ ୧୮ ତାରିଖ ଦିନ ରେଳଡବାରେ ଆୟୋଜିତ ପରିରକ୍ଷା ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି ।






ନ୍ତ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ଭବାନୀପାଟଣା-
ଠାରେ ଯୋଗାଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଭାଷଣ ଦେଉଛନ୍ତି ।

## ଚିତ୍ର ସମ୍ବାଦ

କେନ୍ଦୁଝର ଗଡ଼ଠାରେ ଅଗଷ୍ଟ ୧୫ ତାରିଖ ଦିନ ପୋଲିସ ପ୍ୟାରେଡ୍ ପଡ଼
ଅନୁଷ୍ଠିତ ହୋଇଥିବା ପ୍ୟାରେଡ୍‌ର ଗୋଟିଏ ଦୃଶ୍ୟ ।





କେନ୍ଦୁଝର ଗଡ଼ଠାରେ ଜୁଲାଇ ୨୫ ତାରିଖ ଦିନ ବ୍ଲକ ଡେଭଲପ୍‌ମେଣ୍ଟ ଅଫିସରମାନଙ୍କ
ଏକ ସମ୍ମିଳନୀରେ କୃଷି ଓ ଗ୍ରାମପଞ୍ଚାୟତ ବିଭାଗ ମନ୍ତ୍ରୀ ଶ୍ରୀ ରାଜ ବଲ୍ଲଭ ମିଶ୍ର
ଉଦ୍‌ଘାଟନ ଅଭିଭାଷଣ ଦେଉଛନ୍ତି ।

## ଛବିରେ ସମ୍ବାଦ

ରବୀନ୍ଦ୍ର ମଣ୍ଡପଠାରେ ଉତ୍କଳ ଭଳେ ଭୁବନେଶ୍ୱରର 'ନାଟ୍ୟଚଳା' ନାମକ ଗୋଷ୍ଠିଏ ସାଂସ୍କୃତିକ
ଅନୁଷ୍ଠାନ ଶିଶୁମାନଙ୍କଦ୍ୱାରା ଅଭିନୀତ ଏକ ଉତ୍ସବର ଆୟୋଜନ କରିଥିଲେ ।
ମଞ୍ଚରେ [illegible] ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ମୁରଲୀ ପ୍ରସାଦ ମିଶ୍ର ଭାଷଣ ଦେଉଛନ୍ତି ।



**ଉତ୍କଳ ରିଲିଫ୍ କମିଟି**—ଏହି ଅନୁଷ୍ଠାନ ବାଲେଶ୍ୱର ଜିଲ୍ଲା ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ, କଟକ ଜିଲ୍ଲା ମହାକାଳପଡ଼ା, ରାଜନଗର, ଏରସମା, ଆଠଗଡ଼, ନରସିଂହପୁର ଏବଂ ବଡ଼ମ୍ବା ଠାରେ, ପୁରୀ ଜିଲ୍ଲା ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ୍ ଅଞ୍ଚଳରେ, ଫୁଲବାଣୀ ଜିଲ୍ଲା ଖଜୁରିପଡ଼ା ବ୍ଲକ୍ ଓ ହରଭଙ୍ଗା ବ୍ଲକ୍ ଅଞ୍ଚଳରେ, କୋରାପୁଟ ଜିଲ୍ଲା କାଶୀପୁର, ନନ୍ଦପୁର, ଦଶମନ୍ତପୁର, ନାରାୟଣ ପାଟଣା, ବନ୍ଧୁଗାଁ, ପାଡୁଆ, ଚନ୍ଦ୍ରପୁର, ପଞ୍ଚାଙ୍ଗୀ, ସିମିଳିଗୁଡ଼ା ଓ ଲକ୍ଷ୍ମୀପୁର ପ୍ରଭୃତି ୧୬ଟି ବ୍ଲକ୍ ଅଞ୍ଚଳରେ, ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ, ଦିଗପହଣ୍ଡି ଓ ଦୁରୁଡ଼ା ପ୍ରଭୃତି ବ୍ଲକ୍ ଅଞ୍ଚଳରେ ଏବଂ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଓ ବଡ଼ସାହି ବ୍ଲକ୍ ଅଞ୍ଚଳରେ ସାହାଯ୍ୟ କେନ୍ଦ୍ରମାନ ସ୍ଥାପନକରି ମରୁଡ଼ିଗ୍ରସ୍ତ ଅଞ୍ଚଳର ମରୁଡ଼ି ଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରୁଅଛନ୍ତି । ଏହି କମିଟି ଏ ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ଏକଲକ୍ଷ ଅଣତିରିଶି ହଜାର ଲୋକଙ୍କୁ ସାହାଯ୍ୟ ଦେଇଛନ୍ତି । ଏହି ମାଗଣା ସାହାଯ୍ୟ ବିତରଣ ଛଡ଼ା ଏହି କମିଟି ଅନେକଗୁଡ଼ିଏ କାମ ହାତକୁ ନେଇ ଉଦ୍ଧାର ବନ୍ୟାଲୋକଙ୍କୁ ମଜୁରି ଆକାରରେ ସାହାଯ୍ୟ ଦେଉଅଛନ୍ତି ।

**ଭାରତ ସେବକ ସମାଜ**—ଏହି ଅନୁଷ୍ଠାନ 'ଖାଦ୍ୟପାଇଁ କାମ' ପରିକଳ୍ପନା ଅନୁସାରେ ଅନେକଗୁଡ଼ିଏ କାମ ହାତକୁ ନେଇଛନ୍ତି । କାଥଲିକ୍ ସାହାଯ୍ୟ ସମିତିଙ୍କଠାରୁ ଖାଦ୍ୟଶସ୍ୟ ସାହାଯ୍ୟ ପାଇ ସେମାନେ ବାଲେଶ୍ୱର ଜିଲ୍ଲାର ଦୁଇଟି ସ୍ଥାନରେ ଏହିଭଳି କାମ ଆରମ୍ଭ କରିଛନ୍ତି । କାଥଲିକ୍ ସାହାଯ୍ୟ ସମିତି ସେମାନଙ୍କୁ ୯,୦୦୧ ବସ୍ତା ଖାଦ୍ୟଶସ୍ୟ ଦାନ କରିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି, ସେଥି ଭିତରୁ ୨,୩୫୦ ବସ୍ତା ସେମାନେ ମିଳିସାରିଲାଣି । ଭାରତ ସେବକ ସମାଜ ବାଲେଶ୍ୱର ଜିଲ୍ଲା ବସ୍ତା, ବାଲିଆପାଳ, ସୋରୋ ଓ ରେମୁଣା ବ୍ଲକ୍ ଅଞ୍ଚଳରେ, କଟକ ଜିଲ୍ଲା ଏରସମା ବ୍ଲକ୍ ଅଞ୍ଚଳରେ, ପୁରୀ ଜିଲ୍ଲା ଖୋର୍ଦ୍ଧା ଓ ସଦର ସବ୍‌ଡିଭିଜନ୍ ଅଞ୍ଚଳରେ ଏବଂ ମୟୂରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ବ୍ଲକ୍ ଅଞ୍ଚଳରେ ମରୁଡ଼ି ସାହାଯ୍ୟ କାର୍ଯ୍ୟ ଚଳାଇଛନ୍ତି ।

**କାଶା (ଖ୍ରୀଷ୍ଟିୟାନ୍ ଏଜେନ୍‌ସି ଫର୍ ସୋସିଆଲ୍ ଆକ୍‌ସନ୍)**—ଏହି ଅନୁଷ୍ଠାନ ବାଲେଶ୍ୱର ଜିଲ୍ଲା ଭଦ୍ରକ ସବ୍‌ଡିଭିଜନ୍‌ରେ, କଟକ ଜିଲ୍ଲା ସୁକିନ୍ଦା ଓ କୋରାଇ ବ୍ଲକ ଅଞ୍ଚଳରେ, କେନ୍ଦୁଝର ଜିଲ୍ଲା ସୁକିନ୍ଦା ନଳଟବର୍ତ୍ତୀ ଅଞ୍ଚଳରେ ଓ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବ୍‌ଡିଭିଜନ୍ ଅଞ୍ଚଳରେ ସେମାନଙ୍କର ମରୁଡ଼ି ସାହାଯ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେମାନେ ନିଜ ସମ୍ବଳରୁ ଅନେକଗୁଡ଼ିଏ 'ଖାଦ୍ୟପାଇଁ କାର୍ଯ୍ୟ' କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ଅନୁସାରେ କାର୍ଯ୍ୟକାରୀ ହେଉଥିବା ଏକୋଇଶିଟି କାମରେ ୧୯,୦୦୦ ଲୋକ ନିଯୁକ୍ତ ହୋଇଛନ୍ତି । ଗତ ଜୁନ୍ ଶେଷ ସୁଦ୍ଧା ୬୮ଟି କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ବାଲେଶ୍ୱର ଜିଲ୍ଲା ଧାମନଗର ବ୍ଲକ୍‌ରେ ଅଧିକ ୨୦ଟି କାମ ଚାଲିଛି ।

**ସି. ସି. ଆଇ./ସି. ସି. ଆର୍. ଏସ୍. (କାଥଲିକ୍ ଚର୍ଚ୍ଚ ଅଫ୍ ଇଣ୍ଡିଆ କାଥଲିକ୍ ରିଲିଫ୍ ସୋସାଇଟି)**—ଏହି ଅନୁଷ୍ଠାନ ଗଞ୍ଜାମ ଏଜେନ୍‌ସି ଅଞ୍ଚଳରେ ମୋହନା ବ୍ଲକ୍, ଆର୍. ଉଦୟଗିରି ବ୍ଲକ୍ ଓ ଭଞ୍ଜନଗର ଏଜେନ୍‌ସି ଅଞ୍ଚଳ ଏବଂ ଫୁଲବାଣୀ ଜିଲ୍ଲାର ଖଜୁରିଆ ବ୍ଲକ୍ ଅଞ୍ଚଳରେ ମରୁଡ଼ି ସାହାଯ୍ୟ କାର୍ଯ୍ୟ ହାତକୁ ନେଇଛନ୍ତି ।

**ଉତ୍କଳ ନବଜୀବନ ମଣ୍ଡଳ**—ଅକ୍‌ସଫାମ୍ ଅନୁଷ୍ଠାନମାନଙ୍କଠାରୁ ସାହାଯ୍ୟ ପାଇ ଏହି ଅନୁଷ୍ଠାନ ଢେଙ୍କାନାଳ ପର୍ଜଙ୍ଗ, କାମାକ୍ଷାନଗର, ଅନୁଗୋଳ ଓ ବାଙ୍କଡ଼ାହାଡ଼ ଅଞ୍ଚଳ ମରୁଡ଼ି ସାହାଯ୍ୟ କାର୍ଯ୍ୟ ହାତକୁ ନେଇଛନ୍ତି । ସେମାନେ ଉପରୋକ୍ତ ଅନୁଷ୍ଠାନଠାରୁ କେତେକ ଶିଶୁଖାଦ୍ୟ ଛଡ଼ା ପଚିଶ ହଜାର ଟଙ୍କା

ପାଇଛନ୍ତି । ସେମାନେ ମୁଣ୍ଡପିଛା ମାଗଣା ସାହାଯ୍ୟ ଭକ୍ଷଣ କରିବେ ।

## ଫୁଲବାଣୀଠାରେ ନୂତନ କର ନିର୍ଦ୍ଧାରଣ ସଂସ୍ଥା ଗଠନ ।

ଚଳିତ ବର୍ଷ ଗଞ୍ଜାମ-୨ ସର୍କଲର ଫୁଲବାଣୀଠାରେ ଗୋଟିଏ କର ନିର୍ଦ୍ଧାରଣ ସଂସ୍ଥା (ଆସେସ୍‌ମେଣ୍ଟ ୟୁନିଟ୍) ଆରମ୍ଭ କରିବାପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି । ଜଣେ ସହକାରୀ କମର୍ସିଆଲ୍ ଟାକ୍ସ ଅଫିସର ଏହି ସଂସ୍ଥାର ଦାୟିତ୍ୱରେ ରହିବେ । ଫୁଲବାଣୀ ଜିଲ୍ଲାର ବୌଦ୍ଧ ଓ ଫୁଲବାଣୀ ସବ୍‌ଡିଭିଜନ୍ ଅଞ୍ଚଳଗୁଡିକ ଏହି ସଂସ୍ଥାର ଅନ୍ତର୍ଭୁକ୍ତ । ଏହାକୁ ଏପରି ଭାବରେ ଗଠନ କରାଯାଇଛି ଯେ ଏହାଦ୍ୱାରା ସଂପୃକ୍ତ ଅଞ୍ଚଳର ଡିଲର ଓ କର ଧାର୍ଯ୍ୟ କରାଯାଇ-ଥିବା ବ୍ୟକ୍ତିଙ୍କୁ (ଆସେସି) କର ନିର୍ଦ୍ଧାରଣ ଓ ରେଜିଷ୍ଟ୍ରିକରଣ, ଷ୍ଟେଟ୍‌ମେଣ୍ଟ ଫର୍ମ ପାଇବାପାଇଁ ତଥା ସରକାରୀଭାବେ ବିବରଣୀ (ରିଟର୍ଣ୍ଣ) ଦାଖଲ କରିବାପାଇଁ ଅଧିକ ସୁବିଧା ହେବ । ଯେଉଁ ଡିଲର ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତିମାନଙ୍କର ବ୍ୟବସାୟ ଦୁଇ ଲକ୍ଷ ଟଙ୍କା ମଧ୍ୟରେ ହୋଇଥିବ, ଏହି ସଂସ୍ଥା ଦାୟିତ୍ୱରେ ଥିବା ଅଫିସରଙ୍କଦ୍ୱାରା ସେମାନଙ୍କର କର ନିର୍ଦ୍ଧାରଣ କରାଯାଇ ପାରିବ । ବଡ଼ ବଡ଼ ଡିଲର ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତି ଅର୍ଥାତ୍ ଯେଉଁମାନଙ୍କର ବାର୍ଷିକ ବ୍ୟବସାୟ ଦୁଇଲକ୍ଷ ଟଙ୍କାରୁ ଅଧିକ ହୋଇଥିବ, ସେମାନଙ୍କର କର ନିର୍ଦ୍ଧାରଣ, ଭଞ୍ଜନଗରଠାରେ ଥିବା ସର୍କଲ ସଦର ମହକୁମାରେ ପୂର୍ବପରି ପ୍ରଚଳିତ ରହିବ । ସଂପୃକ୍ତ ଅଞ୍ଚଳର ଡିଲର ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତିମାନଙ୍କୁ ରିଟର୍ଣ୍ଣ ଦାଖଲ, ରେଜିଷ୍ଟ୍ରିକରଣ ସାର୍ଟିଫିକେଟ୍‌ର ସଂଶୋଧନ ଓ ଡିକସ ପଇଠ, "ସ୍ୱ" ଘୋଷଣା ପତ୍ର ଦାଖଲ ଏବଂ ରିଟର୍ଣ୍ଣ ଦାଖଲ ଇତ୍ୟାଦି କାର୍ଯ୍ୟପାଇଁ ଭଞ୍ଜନଗର ଯିବାକୁ ପଡ଼ିବ ନାହିଁ ।

ତେଣୁ ସେହି ଅଞ୍ଚଳର ଡିଲର ବା କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ଏହି ସୁବିଧାର ସୁଯୋଗ ନେବା ସଙ୍ଗେ ସଙ୍ଗେ ଫୁଲବାଣୀ କର ନିର୍ଦ୍ଧାରଣ ସଂସ୍ଥା ଦାୟିତ୍ୱରେ ଥିବା ଅଫିସରଙ୍କ ସହିତ ପୂର୍ଣ୍ଣମାତ୍ରାରେ ସହଯୋଗ କରନ୍ତୁ ।

---

(୩୨ ପୃଷ୍ଠାର ଅବଶିଷ୍ଟାଂଶ)

ରଖିବା ପାଇଁ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, ବାଲେଶ୍ୱର ଜିଲ୍ଲାର ସୁନ୍ଦବାଲି, କଟକ ଜିଲ୍ଲାର ଆଠଗଡ଼, ଢେଙ୍କାନାଳ ଜିଲ୍ଲାର ଅନୁଗୋଳଠାରେ ପଣ୍ୟାଗାର ଏବଂ କଟକ ଜିଲ୍ଲାର ବଡ଼ମ୍ବା ଓ ନରସିଂହପୁରଠାରେ ଶାଖା-ପଣ୍ୟାଗାରମାନ ନିର୍ମାଣ କରାଯାଇଛି ।

କେବଳ ଲାଭ ଆଶାରେ ପଣ୍ୟାଗାର ପରିକଳ୍ପନାକୁ କାର୍ଯ୍ୟକାରୀ କରାଯାଇ ନାହିଁ । ବୈଜ୍ଞାନିକ ପ୍ରଣାଳୀରେ ଖାଦ୍ୟଶସ୍ୟ ଗଚ୍ଛିତ କରି ରଖିଲେ ଯେ ସବୁର କ୍ଷତି ଘଟେ ନାହିଁ, ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ହେଲା ଏହି ପରିକଳ୍ପନାର ମୂଳ ଉଦ୍ଦେଶ୍ୟ ।

# ୧୯୭୮ ମସିହା ଫଳଗଛ ରୋପଣ ସପ୍ତାହ ପାଳନ
# ଚାରା ଓ ଗଛ ରିଆତି ମୂଲ୍ୟରେ ମିଳୁଛି

ଘର ଉପରେ ଖାଲି ପଡଥିବା ଅବ୍ୟବହୃତ ଜାଗା ଏବଂ ରାସ୍ତା କେନାଲ, ବନ୍ଧବାଡ଼କୁ ଲାଗିଥିବା ଅବ୍ୟବହୃତ ସ୍ଥାନମାନଙ୍କରେ ବହୁସଂଖ୍ୟକ ଫଳ ବୃକ୍ଷ ରୋପଣ କରିବା ଦିଗରେ ଲୋକମାନଙ୍କୁ ଉତ୍ସାହିତ କରିବାପାଇଁ ୧୯୭୮ ମସିହା ସେପଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ 'ସମଗ୍ର ରାଜ୍ୟରେ ଫଳଗଛ ରୋପଣ ସପ୍ତାହ' ପାଳନ କରାଯିବ । ଲୋକମାନଙ୍କୁ ରିଆତି ଦରରେ ଫଳଗଛ ଚାରା ଯୋଗାଇ ଦେବା ନିମନ୍ତେ କୃଷି ବିଭାଗ ତରଫରୁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ପୁରୀ, ଗଞ୍ଜାମ, ସମ୍ବଲପୁର ଓ କଟକ ଜିଲ୍ଲାମାନଙ୍କରେ ଯେଉଁ ବ୍ୟକ୍ତିମାନେ ଅଧ ଏକର ବା ତଦୁର୍ଦ୍ଧ୍ୱ ଜମିରେ ଫଳୋଦ୍ୟାନ କରିବାକୁ ଚାହାନ୍ତି ସେମାନଙ୍କୁ ଶତକଡ଼ା ୫୦ ଭାଗ ରିଆତି ଦେବାପାଇଁ ମଧ୍ୟ ସରକାର ସ୍ଥିର କରିଛନ୍ତି । 'ଅର୍ଥପ୍ରଦ କାର୍ଯ୍ୟକ୍ରମ' ଅନୁସାରେ ଭୁବନେଶ୍ୱର, କଟକ ଓ ରାଉରକେଲା ସହରବାସୀମାନଙ୍କୁ ମଧ୍ୟ ଉକ୍ତ ଶତକଡ଼ା ୫୦ ଭାଗ ରିଆତି ମିଳିପାରିବ । ଅମ୍ବ, ସପେଟା, ନାଗପୁର ସନ୍ତ୍ରା, ମୋସାମ୍ବି କି ଫଳ ଗଛ ପ୍ରତ୍ୟେକର ମୂଲ୍ୟ ଟ ୧·୨୫ ରଖାଯାଇଛି । ପିଜୁଳି, ଆତ, ଜାମରୋଳି, ଲିଚୁ, ଏବଂ ଲେମ୍ବୁ ଚାରାର ମୂଲ୍ୟ ଗଛପ୍ରତି ଟ ୦·୭୫ ପଇସା ରଖାଯାଇଛି । କଦଳୀ ମୂଆ ଟ ୦·୨୫ ପଇସା ମୂଲ୍ୟରେ ଓ ସପୁରି ମୂଆ ଟ ୦·୧୫ ମୂଲ୍ୟରେ ମିଳିପାରିବ ବୋଲି ଜଣାଯାଇଛି ।

---

# ଓଡ଼ିଶାରେ ଡେଂଗୁ ବା ଠେଙ୍ଗା ଜ୍ୱର

ଓଡ଼ିଶାର କୌଣସି କୌଣସି ଅଞ୍ଚଳରେ ଡେଂଗୁ ବା ଠେଙ୍ଗା ଜ୍ୱରର ପ୍ରାଦୁର୍ଭାବ ଦେଖାଦେଇଅଛି । ଏହା ଏକ ସଂକ୍ରାମକ ରୋଗ କିନ୍ତୁ ମାରାତ୍ମକ ନୁହେଁ । ଏଥି ନିମନ୍ତେ ଅଯଥା ଆତଙ୍କିତ ହେବାର କାରଣ ନାହିଁ । ଜ୍ୱର ଦେଖା ଦେବା ସଙ୍ଗେ ସଙ୍ଗେ ମୁଣ୍ଡବିନ୍ଧା, ଗଣ୍ଠି ଓ ମାଂସପେଶୀ ବିନ୍ଧା ଏବଂ ଦେହରେ ଦୋଳାବିନ୍ଧା ହୋଇଥାଏ । ଜ୍ୱର ତିନ ଚାରିଦିନ ପରେ କେତେକ ଲୋକଙ୍କ ଦେହରେ ଛୋଟ ଛୋଟ ଗୁଣ୍ଡି ବାହାରିଥାଏ । ଜ୍ୱର ଛାଡିବା ପରେ ଦେହ ଭୀଷଣ ଦୁର୍ବଳ ଓ ଅବଶ ହୁଏ ।

ଏହି ରୋଗ 'ଇଡିସ' ନାମକ ଏକ ମଶା ଦ୍ୱାରା ହୋଇଥାଏ । ଏହି ମଶାମାନେ ଦିନରେ କାମୁଡନ୍ତି । ଏମାନେ ସାଧାରଣତଃ ଘର ପାଖରେ ଅଣ୍ଡା ଦେଇ ବଢନ୍ତି । ତେଣୁ ଏହି ରୋଗରୁ ରକ୍ଷା ପାଇବାକୁ ହେଲେ ଘର ପାଖରେ ଥିବା ଛୋଟ ଛୋଟ ଖାଲ, ଭଙ୍ଗା ମାଠିଆ, ଖଣ୍ଡିଆ ଟିଣ ଇତ୍ୟାଦି ଯେଉଁଥିରେକି ଅଳପ ପାଣି ରହିଥାଏ । ସେଥିରେ ଏମାନେ ରହିବାକୁ ଭଲ ପାନ୍ତି ଓ ଏମାନଙ୍କ ସଂଖ୍ୟା ବଢ଼ାନ୍ତି । ତେଣୁ ଘର ନିକଟରେ ଯେପରି ପାଣି ନ ରହେ ସେଥିପ୍ରତି ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ । ପାଣି ରହୁଥିବା

ଜାଗା ପୋତିଦେବା ଦରକାର । ଭଙ୍ଗା ମାଠିଆ, ଖଣ୍ଡିଆ ଟିଣ, ସହେଇ ଇତ୍ୟାଦି ପୋତି ପକାଇବା ଉଚିତ । ଘର ପାଖରେଥିବା ଛୋଟ ଛୋଟ ବୁଦା ସଫା କରିବା ଦରକାର । ପ୍ରତ୍ୟେକ ଲୋକ ମଶାରି ବ୍ୟବହାର କରନ୍ତୁ ଓ ସନ୍ଧ୍ୟା ସମୟରେ ଧୂଆଁ ଦିଅନ୍ତୁ ।

ରୋଗ ଦେଖା ଦେବା ସଙ୍ଗେ ସଙ୍ଗେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଡାକ୍ତରଙ୍କ ସଙ୍ଗେ ପରାମର୍ଶ କରନ୍ତୁ ।



ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ୪୦ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ଭୂତପୂର୍ବ ରାଜ୍ୟପାଳ ଡକ୍ଟର ଏ. ଏନ୍. ଖୋସଲାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୃତ୍ତିକାଜାତ ଡି. ଏ. ଭି. ମହିଲା କଲେଜର ଏକ ମଡ଼େଲ ଉପହାର ଦେଉଛନ୍ତି ।




OGP—MP-II—Home ( P.R. ) 40—10,000—23-9-1968



ଅଧିକ ଫଳକ୍ଷମ ବାଜର୍

UTKAL PRASAN...
Vol. XXV No 2 Regd...
Licence No. C. R. N...
Licenced to post ... thout p...



ମସ୍କୋନଗରର ବିଦେଶ ଗସ୍ତରୁ ଫେରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ସେପ୍ଟେମ୍ବର ତା' ୧୮ ଦିନ ପାଲମ ବିମାନ ଘାଟିଠାରେ ହାର୍ଦ୍ଦିକ ଅଭିନନ୍ଦନ ଦିଆଯାଉଛି ।
ଚିତ୍ର : (ବାମରୁ ଦକ୍ଷିଣକୁ) ଶ୍ରୀ ଭଗବାନ ପଟେଲ, ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ଶ୍ରୀ ପି. କେ. ଦେଓ, ଶ୍ରୀ ମୋହନ ନାୟକ ଏବଂ ଶ୍ରୀ ଏସ୍. କେ. ଦାସ ।

ଭୁବନେଶ୍ୱରରେ ଗତ ଶେଷ ୨ରୁ ସେପ୍ଟେମ୍ବର ତା ୩ ... ମୁଖ୍ୟମନ୍ତ୍ରୀ
ନାରାୟଣ ସିଂହଦେଓଙ୍କୁ ଭୁବନେଶ୍ୱର ବିମାନଘାଟିଠାରେ ...
ମନ୍ତ୍ରୀମଣ୍ଡଳର ସଭ୍ୟବୃନ୍ଦ, ଏମ୍. ଏଲ୍. ଏ., ସାମ୍ବାଦିକ ଓ ...
କର୍ମଚାରୀମାନେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛନ୍ତି ।



Printed at the Orissa Government Press, Madhupatna, Cuttack-3